ଗୋଟିଏ ସପ୍ତାହ ମଧ୍ୟରେ ଭାରତରେ ଗୋଟିଏ ଜିଲା 'ଡିଜିଟାଇଜେଶନ ପାଇଁ ଏକ ଜାତୀୟ ମଡେଲ' ହେବା ଏବଂ ଏହାକୁ ନେଇ ଏକ ବୈଠକରେ ବିରୋଧାଭାଷର ଦୃଶ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏ ସମ୍ପର୍କିତ ଏକ ଖବର ପ୍ରକାଶ ପାଇଥିଲା, ଯେଉଁଥିରେ ବାର୍‌ମେର ଜିଲାପାଳ ଟିନା ଡାବିଙ୍କ ନେତୃତ୍ୱରେ ବାର୍‌ମେର ଏସ୍ଆଇଆର୍ ମ୍ୟାପିଂର ୧୦୦ ପ୍ରତିଶତ ଡିଜିଟାଇଜେଶନ ହାସଲ କରିଛି ବୋଲି ରିପୋର୍ଟ କରାଯାଇଥିଲା। ଏହାକୁ ଏକ ମାଇଲଖୁଣ୍ଟ ଏବଂ ସମ୍ମାନର କଥା ବୋଲି କୁହାଯାଇଥିଲା। ହେଲେ ଏହା ପରେ ଆସିଥିଲା ଦିଶା ବୈଠକର ଭିଡିଓ। ସେଥିରେ ଜିଲାଟି ଡିଜିଟାଲ ପରିବର୍ତ୍ତନର ନିଆରା ଉଦାହରଣ ପାଲଟିଥିବା ପରି ଦେଖାଗଲା ନାହିଁ। ଏମିତି ହେଲା, ବୈଠକରେ ସାଂସଦ, ବିଧାୟକ ଏବଂ ଉପସ୍ଥିତ ଅଧାଅଧି ଅଧିକାରୀ ଅଭିଯୋଗର ଏକ ଲମ୍ବା ତାଲିକା ନେଇ ସାମ୍ନାକୁ ଆସିଗଲେ। ସ୍ଥାନୀୟ ସାଂସଦ ଉମ୍ମେଦାରାମ ବେନିୱାଲ ଏବଂ ବିଧାୟକ ରବୀନ୍ଦ୍ର ସିଂହ ଭାଟି ଅନେକ ପ୍ରଶ୍ନ ଡାବିଙ୍କୁ ପଚାରିଥିଲେ। ସେ କିଛି ପ୍ରଶ୍ନର ଉତ୍ତର ଦେଲେ, ଅନେକ ପ୍ରଶ୍ନକୁ ଅସମାହିତ ରଖିଲେ। ସତ କହିବାକୁ ଗଲେ, ଭାରତୀୟ ଶାସନରେ ଗୋଟିଏ ପଟେ ଐତିହାସିକ ସଫଳତା ଘୋଷଣା କରାଯାଏ ; ଅନ୍ୟ ପଟେ ପ୍ରାୟତଃ ସେହି କ୍ଷେତ୍ରରେ ତାହାକୁ ନେଇ ପ୍ରଶ୍ନ ଉଠେ। ବାର୍‌ମେରରେ ସବୁକିଛି ଡିଜିଟାଇଜେଶନ ହୋଇଥାଇପାରେ କିମ୍ବା ଆମ ବାବୁମାନେ କେବଳ ପ୍ରଶାସନିକ ସଫଳତାକୁ ରାଜନୈତିକ ରଙ୍ଗମଞ୍ଚରେ ପରିଣତ କରିବାର କଳାକୁ ସିଦ୍ଧ କରିଥାଇପାରିଥାନ୍ତି। ବାବୁ ସାମ୍ରାଜ୍ୟ ଏକ ସମୟରେ ବିଜୟର ଖବର ପ୍ରକାଶ କରିବା ଏବଂ ଲାଇଭ ଭିଡିଓରେ ଅକଳରେ ପଡ଼ି ଅପମାନିତ ହେବା ଦେଖି କେବଳ ଆମେ ଆଶ୍ଚର୍ଯ୍ୟ ହେବା।

### ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ

ଆଇପିଏସ୍ ଅଧିକାରୀମାନେ ଆଇଏଏସ୍ ସ୍ତରୀୟ ପ୍ରଶାସନିକ ପଦବୀରେ କାହିଁକି ଅଛନ୍ତି ଏବଂ ଏହା ଆଇନଗତ ଚଞ୍ଚକତା ନୁହେଁ କି ବୋଲି ନିକଟରେ ତେଲଙ୍ଗାନା ହାଇକୋର୍ଟ ପ୍ରଶ୍ନ ପଚାରିଛନ୍ତି। ଏଭଳି ନିଯୁକ୍ତି ଭାରତର ପ୍ରଶାସନିକ ସେବା ବ୍ୟବସ୍ଥାର ଜଟିଳ ଦିଗକୁ ସୂଚିତ କରୁଛି। ସତର୍କତାର ସହ ଦାୟିତ୍ୱ ବଣ୍ଟନ କରାଗଲେ ମଧ୍ୟ ତାହା ପ୍ରଶିକ୍ଷଣ, ଗ୍ରହଣୀୟତା ଓ ସାଂଗଠନିକ ସିଦ୍ଧାନ୍ତର ପାର୍ଥକ୍ୟକୁ ପ୍ରତିଫଳିତ କରୁଛି। ସମସ୍ୟା ହେଉଛି, ନିକଟରେ ସରକାରୀ ନିର୍ଦ୍ଦେଶକ୍ରମେ ଆଇଏଏସ୍ ଅଧିକାରୀଙ୍କ ପାଇଁ ସଂରକ୍ଷିତ ବିଭାଗଗୁଡ଼ିକରେ ଷ୍ଟିଫେନ୍ ରବୀନ୍ଦ୍ର, ଶିଖା ଗୋଏଲ ଏବଂ ସିଭି ଆନନ୍ଦଙ୍କ ଭଳି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ପ୍ରମୁଖ ସଚିବ କିମ୍ବା ସ୍ୱତନ୍ତ୍ର ମୁଖ୍ୟ ସଚିବ ଭାବରେ ନିଯୁକ୍ତି ଦିଆଯାଇଛି। ଏକ ଆବେଦନ ଉପରେ ବିଚାର କରି କୋର୍ଟ ରାଜ୍ୟ ସରକାରଙ୍କୁ ଡିସେମ୍ବର ୧୦ ସୁଦ୍ଧା ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି। ଆଇଏଏସ୍ ଏବଂ ଆଇପିଏସ୍ ଅଦଳବଦଳ ପାଇଁ ନୁହେଁ,ସେଗୁଡ଼ିକ ପୃଥକ୍ ସେବା ଓ ସରକାରୀ ସ୍ତରରେ ସେମାନଙ୍କ କ୍ଷମତା ସୀମିତ। ପ୍ରଶାସନିକ ତଦାରଖ ପାଇଁ ପୋଲିସ ବ୍ୟବସ୍ଥାର ସ୍ୱଚ୍ଛ ଦୃଷ୍ଟିକୋଣ ଆବଶ୍ୟକ। ହେଲେ ପୋଲିସ ଅଧିକାରୀମାନେ ହଠାତ୍ ପ୍ରଶାସନିକ ଅଧିକାରୀ ହୋଇଯାଆନ୍ତି, ନିରପେକ୍ଷତା ଏବଂ ସମୀକ୍ଷା ପ୍ରଭାବିତ ହୋଇଥାଏ। ଆବେଦନକାରୀଙ୍କ ଯୁକ୍ତି, ଏପରି ନିଯୁକ୍ତି ଆଇଏଏସ୍ (କ୍ୟାଡର ଶକ୍ତି ସ୍ଥିରୀକରଣ) ନିୟମାବଳୀ, ୨୦୧୬ ପରି ସାମ୍ବିଧାନିକ ନିର୍ଦ୍ଦେଶର ଉଲ୍ଲଂଘନ କରିପାରେ। ଏଣୁ ଏବେ କେବଳ କୋର୍ଟ ଯାଞ୍ଚର ବିଷୟ ନୁହେଁ ବରଂ ବ୍ୟାପକ ସାର୍ବଜନୀନ ବିତର୍କର କଥା। ନିୟମ ଏବଂ କ୍ୟାଡର ପ୍ରଭେଦ ଅଦ୍ଭୁତ ଲାଗିପାରେ, କିନ୍ତୁ କ୍ଷମତା କେନ୍ଦ୍ରୀକରଣକୁ ରୋକିବା, ସ୍ୱାଧୀନ ସମୀକ୍ଷା ସୁନିଶ୍ଚିତ କରିବା ଏବଂ ଗଣତାନ୍ତ୍ରିକ ଦାୟିତ୍ୱ ବଜାୟ ରଖିବା ପାଇଁ ଏଗୁଡ଼ିକ ରହିଛି। ତେବେ ତେଲଙ୍ଗାନା ହାଇକୋର୍ଟଙ୍କ ହସ୍ତକ୍ଷେପ ସ୍ୱାଗତଯୋଗ୍ୟ।

Email: dilipcherian@gmail.com

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | 3 | | | | | 7 |
| 5 | | 2 | | | | | 4 | |
| | | | | | 6 | | | |
| | | 8 | 9 | | | | | |
| | | | | 1 | | 4 | | |
| | | | | 8 | 4 | 1 | 2 | |
| | | 7 | | | 9 | | 5 | |
| 3 | 9 | 5 | | 4 | 7 | | | |
| | | | 2 | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 8 | 1 | 3 | 6 | 2 | 7 | 4 |
| 6 | 1 | 2 | 5 | 4 | 7 | 8 | 3 | 9 |
| 3 | 4 | 7 | 9 | 2 | 8 | 5 | 1 | 6 |
| 1 | 8 | 3 | 7 | 9 | 2 | 4 | 6 | 5 |
| 2 | 6 | 4 | 8 | 5 | 3 | 1 | 9 | 7 |
| 5 | 7 | 9 | 6 | 1 | 4 | 3 | 8 | 2 |
| 8 | 9 | 1 | 4 | 7 | 5 | 6 | 2 | 3 |
| 4 | 2 | 6 | 3 | 8 | 9 | 7 | 5 | 1 |
| 7 | 3 | 5 | 2 | 6 | 1 | 9 | 4 | 8 |

ଗତକାଲିର ଉତ୍ତର

# ଗଣତନ୍ତ୍ର କ'ଣ ଦଳ–ମୁଖ୍ୟଙ୍କ ତନ୍ତ୍ର



ସହଦେବ ସାହୁ

ଯେଉଁ ଦଳର କେନ୍ଦ୍ର ସରକାର ସମ୍ବିଧାନ ଦିବସ (ନଭେମ୍ବର ୨୯) ପାଳନ କରି ସମ୍ବିଧାନର ଆଦର୍ଶକୁ ସର୍ବୋଚ୍ଚ ସ୍ଥାନ ଦେଉଛି ସେହି ଦଳର ରାଜ୍ୟ ସରକାର ଏମ୍ଏଲ୍ଏଙ୍କ ହାତକୁ ସ୍କୁଲ ଶିକ୍ଷକଙ୍କ ବଦଳି ଅଧିକାର ଦେଇ ସିଭିଲ ସର୍ଭିସକୁ ପଲିଟିକାଲ୍ ସର୍ଭିସ୍ କରୁଥିବାର ଉଦ୍ୟମକୁ ଓଡ଼ିଶା ହାଇକୋର୍ଟ ଅସାମ୍ବିଧାନିକ କହିବାର ନଜିର ଆସିଛି। କି ବିଡ଼ମ୍ବନା ! ଦରିଦ୍ରତର ପରିସ୍ଥିତିରୁ ଉଠି ପ୍ରଧାନମନ୍ତ୍ରୀ ପଦରେ ପହଞ୍ଚିବାର ସୁଯୋଗ ଯେଉଁ ସମ୍ବିଧାନ ଦେଇଛି ବୋଲି ପ୍ରଧାନମନ୍ତ୍ରୀ କହୁଛନ୍ତି ସେହି ସମ୍ବିଧାନର ପୁସ୍ତକକୁ ହାତରେ ଧରି ଲୋକ ସଭାରେ ଓ ବାହାରେ ବିରୋଧୀଦଳ ନେତା କହୁଛନ୍ତି ଯେ ଭୋଟ ଚୋରି ଭଳି ଅସାମ୍ବିଧାନିକ କାମ ଶାସକଦଳ କରୁଛି। ଜିତି ନ ପାରିଲେ ନିର୍ବାଚନ ପ୍ରକ୍ରିୟାର ଦୋଷ – ଏ କଥା ପ୍ରତ୍ୟେକ ଦଳ କହୁଛି, ଅଥଚ ସବୁ ଦଳର ପ୍ରତିନିଧି ଯେଉଁ ଆଚରଣବିଧି କରିଛନ୍ତି ତହିଁରେ 'ଆମଦାନୀ ଆଠଣିକୁ ଖର୍ଚ୍ଚା ରୂପୟା' ନୀତିକୁ ପ୍ରଶ୍ରୟ ଦିଆଯାଇଛି, ଯାହା ସବୁ ଦୁର୍ନୀତିର ମୂଳ। ନିଜେ ସରକାର ଚଳାଉଥିଲେ ସମ୍ବିଧାନ ଅନୁଯାୟୀ କାମକରୁଛୁ, ଆଉ କିଏ ସରକାର କଲେ ସିଏ ସମ୍ବିଧାନର ଖିଲାପ କରୁଛି – ଏଭଳି କହିବା ଭାରତୀୟ ରାଜନୀତିର ଅଙ୍ଗ ହୋଇଗଲାଣି।

ସମ୍ବିଧାନକୁ କିପରି ଭାବେ ରାଜନୈତିକ ଦଳଗୁଡ଼ିକ ସଂଶୋଧନ କରିଆସୁଛନ୍ତି ତାହା ଆମେ ଜାଣୁ ; ପ୍ରଧାନମନ୍ତ୍ରୀଙ୍କ ଆସନ ବଜାୟ ରଖିବା ଲାଗି ଜରୁରୀ ପରିସ୍ଥିତି ଜାରି ହୋଇଛି, ଦଳଗୁଡ଼ିକୁ ଚାନ୍ଦା ଦେବାର ଆଇନ କରାଯାଇଛି, ନିର୍ବାଚନ–ରଣରେ ଜିତିବା ଲାଗି ଦଳର ଖର୍ଚ୍ଚ ଉପରେ ଲଗାମ ନାହିଁ, ନିର୍ବାଚନରେ ଜିତିବା ପରେ ଶପଥନେଲା କ୍ଷଣି ଦଳର ଅଧସ୍ତନ କର୍ମଚାରୀ ଭଳି ନିଲମ୍ବନ/ବହିଷ୍କାର ଭଳି ଦଣ୍ଡର ଶିକାର ହେବାକୁ ପଡୁଛି। ସରକାରୀ ଅଧିକାରୀ ଆଉ ବିଚାରପତିମାନେ (ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି ଶାଖାର ବ୍ୟକ୍ତିମାନେ) ଇସ୍ତଫା ଦେଲା କ୍ଷଣି ଇପ୍ସିତ ଦଳ (ସମ୍ଭାବ୍ୟ ଲେଜିସ୍ଲେଚର ଶାଖା)କୁ ଯାଇପାରୁଛନ୍ତି (କୁଲିଂ ଅଫ୍ ପିରିଅଡ୍ ଦରକାର ନାହିଁ): ତେଣୁ ଚାକିରିଥିଲା ବେଳେ ଅଧିକାରୀମାନଙ୍କଠାରୁ ଦଳୀୟ ଆଚରଣ ଆଶାକରାଯାଉଛି କାରଣ ଦଳର ମୁଖ୍ୟ ସନ୍ତୁଷ୍ଟ ହୋଇପାରିଲେ ମୃତ୍ୟୁ ନ ହେଲା ଯାଏ କୌଣସି ନା କୌଣସି ପଦରେ, ଏପରି କି ନାମମାତ୍ର ପରାମର୍ଶଦାତା ବା ମାନ୍ୟଗଣ୍ୟ ରାଜ୍ୟପାଳ ପଦବୀରେ ରହିପାରିବ। ଜନସାଧାରଣରେ ଦଳ ପ୍ରତି ଆଞ୍ଚ ଆଣୁଥିବା ବ୍ୟକ୍ତିକୁ ଆର୍ଥିକ ବା ଅଣଆର୍ଥିକ ଅପରାଧରେ ଲିପ୍ତ କରି ପୋଲିସ ବା ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ଦ୍ୱାରା ନିର୍ଯାତିତ କରିହେବ। ଭାରତୀୟ ସମ୍ବିଧାନର ମୂଳ ହେଉଛି ସଂସଦୀୟ ଢାଞ୍ଚା, ସଂସଦର ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନମୁଖ୍ୟ ପ୍ରଧାନମନ୍ତ୍ରୀ (ଏକ୍‌ଜିକ୍ୟୁଟିଭ୍ ବା କାର୍ଯ୍ୟପାଳିକା ହେଡ୍) ବାଛିବ, ସେ ହିଁ ପରବର୍ତ୍ତୀ ନିର୍ବାଚନ ଫଳ ଯାଏ ସରକାର (ମନ୍ତ୍ରିପରିଷଦ) ଗଢ଼ିବେ, ସେ ହିଁ ଲେଜିସ୍ଲେଚର୍‌ର କାର୍ଯ୍ୟସୂଚୀ (ଏଜେଣ୍ଡା), କାରବାର (ବିଜନେସ୍) ଓ ଆଇନ–ପ୍ରଣୟନ (ଏନାକ୍ଟମେଣ୍ଟ) ସୂଚୀ ତିଆରି କରିବେ, ଜୁଡିସିଆରିର ମୁଖ୍ୟଙ୍କୁ ନିଯୁକ୍ତି ଦେବେ,



ସେମାନଙ୍କ ବହିଷ୍କାରର ମହାଭିଯୋଗ ଅଣାଇବେ। କାର୍ଯ୍ୟପାଳିକାର ଇଙ୍ଗିତରେ ହିଁ ବିଧାୟିକା କାମକରେ। ବିଧାୟିକା କେତେଦିନ ବସିବ, କି କି କାମ କରିବ, ତାହା କାର୍ଯ୍ୟପାଳିକା କହେ। ଲୋକପ୍ରତିନିଧିମାନେ ହଁ କି ନା ସୂଚାଇ ହାତ ଟେକିବାର ଗୋଟିଏ ଗୋଟିଏ ମୂର୍ତ୍ତି। ଶାସକ ଦଳର ଜଣେ ଅନୁଗତ ସଦସ୍ୟ ରାଜ୍ୟରେ ରାଜ୍ୟପାଳ (କେନ୍ଦ୍ରରେ ପ୍ରେସିଡେଣ୍ଟ) ହୋଇଥିବାରୁ ପାରିତ ହୋଇଥିବା ବିଲ୍‌ଟିକୁ ସମ୍ମତି ଦିଅନ୍ତି ; ତାହା ଆଇନ ହୋଇଯାଏ। ତେଣୁ ଦଳ ହିଁ ସବୁ ଏବଂ ଦଳର ହାଇକମାଣ୍ଡ ବା ସୁପ୍ରିମୋ ହିଁ ସର୍ବମୟ କର୍ତ୍ତା। ଏହି କାରଣରୁ ଆମ ଦେଶରେ ସିଭିଲ୍ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାର ପ୍ରଚେଷ୍ଟା ଅହରହ ଚାଲିଛି। ନିର୍ବାଚନରେ ନୂଆ ଦଳ ଗାଦିକୁ ଆସିଲେ ସେ ଦଳର ଆଗ କାମ ଦଳର ପସନ୍ଦ ଅନୁଯାୟୀ ଅଫିସର୍‌ମାନଙ୍କୁ ବଦଳି କରିବା। ବିବିଧ ବେଆଇନ ବା ବିଶୃଙ୍ଖଳ ଅପରାଧରେ ଧରା ହୋଇଥିବା ନେତା ଗାଦିକୁ ଆସିଗଲେ ଆଇନ–ଲାଗୁ କରିଥିବା ଅଫିସରଙ୍କ ଅବସ୍ଥା କ'ଣ ହୁଏ ପାଠକମାନେ ଅନୁମାନ କରିପାରୁଥିବେ।

ଆମେରିକାରେ ଡୋନାଲ୍ଡ ଟ୍ରମ୍ପଙ୍କ ସରକାରର ତିନୋଟି ଅଙ୍ଗ –ଲେଜିସ୍ଲେଚର, ଏକ୍‌ଜିକ୍ୟୁଟିଭ୍ ଓ ଜୁଡିସିଆରି– ଭିତରେ ସମ୍ପୂର୍ଣ୍ଣ ଛକାଛକି ବ୍ୟବସ୍ଥାକୁ ମାନୁନାହାନ୍ତି। ଭାରତର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ପଦରୁ ଅବସର ନେଇଥିବା ଭୂଷଣ ରାମକୃଷ୍ଣ ଗବାଇ କହିଛନ୍ତି – ଆମ ଦେଶର ସମ୍ବିଧାନ ଏକ ସଂଘୀୟ ଗଣତନ୍ତ୍ର ଗଢିଛି, ଯାହା ପୂରା ସ୍ୱଦେଶୀ – ବିଲାତି ନୁହେଁ କି ମାର୍କିନ୍ ନୁହେଁ। ବିଲାତରେ ବିବିଧତା ନାହିଁ, ସଂଘୀୟ ବ୍ୟବସ୍ଥା ନାହିଁ। ଯେଉଁମାନେ କହନ୍ତି ଆମେରିକା ସମ୍ବିଧାନରୁ ଆମେ ସଂଘୀୟ ଢାଞ୍ଚା ଆଣିଛୁ ସେମାନେ ଆମେରିକା କେନ୍ଦ୍ର ସରକାରର ଢାଞ୍ଚାରେ ପରିବର୍ତ୍ତନକୁ ଭୁଲିଯାଆନ୍ତି। ୧୯ଶ ଶତାବ୍ଦୀର ଶେଷ ଯାଏ 'ଯିଏ ଜିତେ ସିଏ ସିକନ୍ଦର' ନ୍ୟାୟରେ ରାଷ୍ଟ୍ରପତି ନିଜର ଲୋକଙ୍କୁ ସରକାରୀ କର୍ମଚାରୀ ଭାବେ ନିଯୁକ୍ତ କରୁଥିଲେ। ଏହି ରୀତିକୁ ସ୍ପଏଲ୍ସ ସିଷ୍ଟମ କୁହାଯାଏ। ୧୮୮୩ରେ ପେଣ୍ଡଲଟନ୍ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ପାରିତ ହୋଇ କର୍ମକୁଶଳତା ବା ଯୋଗ୍ୟତାଭିତ୍ତିରେ ସରକାରୀ କର୍ମଚାରୀଙ୍କୁ ନିଯୁକ୍ତି ଦେବାର ପ୍ରାବଧାନ ହେଲା, ରାଜନୈତିକ କାରଣରୁ ଚାକିରିରୁ ବହିଷ୍କାର କରାଯିବା ବନ୍ଦ ହେଲା। ୧୯୭୮ରେ ସିଭିଲ ସର୍ଭିସ୍ ରିଫର୍ମ ଆକ୍ଟ ଖୋଲିକରି କହିଛି ଯେ ରାଜନୈତିକ ଅନୁରକ୍ତି କାରଣରୁ ବାଛବିଚାର କରାଯାଇପାରିବ ନାହିଁ। ତଥାପି ପ୍ରେସିଡେଣ୍ଟ ଡୋନାଲ୍ଡ ଟ୍ରମ୍ପ କହୁଛନ୍ତି ସମ୍ବିଧାନର ଆର୍ଟିକ୍‌ଲ ୨ ତାଙ୍କୁ ଫେଡେରାଲ କର୍ମଚାରୀଙ୍କ ଉପରେ ଅଖଣ୍ଡ ପ୍ରଭୁତ୍ୱ ଦେଇଛି ବୋଲି କହି ସେମାନଙ୍କ ଭିତରୁ କେତେକଙ୍କୁ ବିନାକାରଣରେ ବରଖାସ୍ତ କରିଛନ୍ତି। ତାଙ୍କର ଏପରି ଅର୍ଡରକୁ ୟୁଏସ୍‌ଏର ଫେଡେରାଲ କୋର୍ଟ ନାକଚ କରିଥିଲେ ବି ସେ ସୁପ୍ରିମକୋର୍ଟରେ ପୁନର୍ବିଚାର ପାଇଁ ଦରଖାସ୍ତ କରୁଛନ୍ତି। ତାଙ୍କର ବିରୋଧୀ ବୋଲି ମନେକରୁଥିବା ଲୋକର ଜ୍ଞାତି କୁଟୁମ୍ବଙ୍କୁ ଦଣ୍ଡିତ କରିବାକୁ ଜଷ୍ଟିସ୍ ବିଭାଗକୁ ଲଗାଇଛନ୍ତି। ଜେଫ୍ରୀ ଏପଷ୍ଟିନ୍‌ଙ୍କ ଯୌନକାରବାରରେ ଟ୍ରମ୍ପ କିପରି ଲିପ୍ତ ଥିଲେ ତାହାର ଅନୁସନ୍ଧାନ କରିଥିବା ଆର୍ଟର୍ନି ମିସ୍ କମୀଙ୍କୁ ବିନାକାରଣରେ କରିଥିବା ବରଖାସ୍ତ ବେଆଇନ ବୋଲି ଫେଡେରାଲ କୋର୍ଟ ରାୟ ଦେଇ ନ୍ୟୁୟର୍କର ନୂଆ ଆର୍ଟର୍ନି ଜେନେରାଲ ନିଯୁକ୍ତିକୁ ଅବୈଧ ଘୋଷଣା କରିଛନ୍ତି। ବିରୋଧୀମାନଙ୍କ ବିରୋଧରେ ଜଷ୍ଟିସ୍ ଡିପାର୍ଟମେଣ୍ଟକୁ ଲଗାଇ ଫୌଜଦାରି ମାମଲା ଆଣିବାରେ ବିଫଳତା ଟ୍ରମ୍ପଙ୍କୁ ଗୋଟିଏ ବଡ଼ ଧକ୍କା। ସିଭିଲ ସର୍ଭିସ୍‌କୁ ପଲିଟିକାଲ୍ ସର୍ଭିସ୍ କରିବାରେ ବିଫଳତା ଟ୍ରମ୍ପଙ୍କ ପଲିଟିକ୍ସ ଉପରେ ଏକ କୁଠାରାଘାତ ହେଲେ ବି ସେ ବିରୋଧୀଙ୍କ ଉପରେ ପ୍ରତିହିଂସାପରାୟଣତା ଦେଖାଉଛନ୍ତି। ଆମ ଦେଶର ସମ୍ବିଧାନ ବ୍ୟବସ୍ଥା ଭଳି ଆମେରିକାର ସମ୍ବିଧାନ ପ୍ରେସିଡେଣ୍ଟଙ୍କୁ ରାଜନୈତିକ ନିଯୁକ୍ତିଗୁଡିକୁ (ପଲିଟିକାଲ୍ ଆପଏଣ୍ଟମେଣ୍ଟ) ବାତିଲ କରିବାର କ୍ଷମତା ଦେଇଛି– ଯଥା ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ଅନ୍ୟ ଉଚ୍ଚ ପଦାଧିକାରୀ। କିନ୍ତୁ ଲାଇନ୍ ପ୍ରସିକ୍ୟୁଟର ଭଳି ଫେଡେରାଲ କର୍ମଚାରୀମାନଙ୍କ ଚାକିରି ସିଭିଲି ସର୍ଭିସ୍ ନିୟମ ଦ୍ୱାରା ସୁରକ୍ଷିତ ରହିଛି।

ସିଭିଲ ସର୍ଭିସ୍ ଆଇନ ସୂଚାଏ ଯେ ନିର୍ବାଚନ ଭଉଁରି ସତ୍ତ୍ୱେ ପ୍ରଶାସନକୁ ସ୍ଥିର ରଖିବ ସିଭିଲ ସର୍ଭିସ୍, ଗୋଟିଏ ନିର୍ବାଚିତ ଦଳର ସରକାର ବଦଳି ଆଉ ଗୋଟିଏ ନିର୍ବାଚିତ ଦଳର ସରକାର ଆସିଲେ ବି ସରକାର ବା ପ୍ରଶାସନ ମଧ୍ୟବର୍ତ୍ତୀ କାଳ ପାଇଁ ଭାଙ୍ଗିଯିବ ନାହିଁ, ଚାଲୁ ରହିଥିବ, ଏହା ନିଶ୍ଚିତ କରେ ରାଜନୀତି–ନିରପେକ୍ଷ ସିଭିଲ ସର୍ଭିସ୍। 'ସିଭିଲ ସର୍ଭିସ୍ ଲ' ନ ମାନି ଶାସନ ଚାଲିଲେ ଦଳର ଖୋସାମତିଆମାନେ ଶାସନ–ଭାର ବହିବାକୁ ଆସିଯିବେ – ଦଳର କର୍ମୀମାନେ ଶାସନ ଚଳାଇବେ ତ ଫାସିବାଦ ବା ଦଳତନ୍ତ୍ର ଚାଲିବ, ଲୋକତନ୍ତ୍ର ନୁହେଁ। ଦିନ ଆସିବ ଯେତେବେଳେ ବିଧାୟକମାନେ କହିବେ ଆମେ ଆଇନ ତିଆରି କରି ଲାଭ କ'ଣ ଯଦି ସରକାର (ଏକ୍‌ଜିକ୍ୟୁଟିଭ୍) ତାକୁ ମାନିବ ନାହିଁ? ପାର୍ଲାମେଣ୍ଟ ରହି ଲାଭ କ'ଣ ଯଦି ନିର୍ବାଚନରେ ଜିତିଥିବା ଦଳର ନେତା ତ ସବୁକିଛି? ରୁଡୱାର୍ଡ କିପ୍‌ଲିଙ୍ଗଙ୍କ ଭାଷାରେ ଯେଉଁ ଜଙ୍ଗଲତନ୍ତ୍ର ଚାଲିବ ତାହାର ଆଲ୍ଫା ମେଲ୍ ବା ଫିମେଲ୍ ହେବେ ରାଜନୈତିକ ଦଳର ନେତା ବା ନେତ୍ରୀ। ବାଂଲାଦେଶ ସୃଷ୍ଟି ପରେ ଇନ୍ଦିରା ଗାନ୍ଧୀ ସେଠାକାର ପ୍ରଧାନମନ୍ତ୍ରୀ ସେଖ୍ ମୁଜିବୁର ରହମନ୍‌ଙ୍କୁ ପରାମର୍ଶ ଦେଇଥିଲେ ପ୍ରତି ଜିଲାରେ ତାଙ୍କ 'ଆୱାମୀ ଲିଗ୍' ଦଳର ଜଣେ ଜଣେ ମୁଖ୍ୟ ସଦସ୍ୟଙ୍କୁ ଡିଷ୍ଟ୍ରିକ୍ଟ କମିସନର୍ କରନ୍ତୁ ଯିଏ ବ୍ୟୁରୋକ୍ରାଟ୍‌ଙ୍କୁ କଣ୍ଟ୍ରୋଲ କରିବେ। ଆମ ଦେଶରେ ବି ପ୍ରଚାର ହୋଇଗଲା ଯେ ପ୍ରତି ଜିଲାପାଳଙ୍କ ଅଫିସ୍‌ରେ ସମାନ ଆସନର ଅଧିକାରୀ ହୋଇ ସ୍ଥାନୀୟ ଏମ୍‌ପି ବସିବେ ଏବଂ ଜିଲାପାଳ ତାଙ୍କର ପରାମର୍ଶ ନେବେ। ଆଶ୍ୱସ୍ତିର କଥା ଯେ ସେ ପ୍ରସ୍ତାବ ଆପେ ଆପେ ଲୁଚିଗଲା। ଇତିହାସ ଏ ଯାଏ ଦେଖାଇଛି ଆମ ସମ୍ବିଧାନ ସମ୍ପୂର୍ଣ୍ଣ ସ୍ୱଦେଶୀ ; ମଝିରେ ମଝିରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ପାଇଥିବା ଦଳ ହିଁ ତା' ଭିତରେ ଫାସିବାଦୀ ଖିଲ ଠୁଙ୍କେଇଛନ୍ତି ଯାହା ପରେ ଉଖାଡିଦିଆ ହୋଇଛି।

sahadevas@yahoo.com

# ସ୍ମାର୍ଟ ସିଟି ଲୋକର ବ୍ୟଥା



ପଞ୍ଚାନନ ଅଗ୍ରୱାଲ

ପ୍ରବଳ ଶୀତରେ କିଛି ବେସାହାରା ଲୋକ ପୋଲ ତଳେ, ଦୋକାନ ପିଣ୍ଡାରେ, ପାର୍କ ବେଞ୍ଚ ଉପରେ କଟାଉଥିବା ଦେଖାଯାଏ। ସେମାନଙ୍କ ମଧ୍ୟରୁ କୌଣସି ବୃଦ୍ଧାବୃଦ୍ଧ ରୋଗୀଙ୍କ ଜୀବନଦୀପ ସେହି ଅନ୍ଧାର ରାତିରେ ଲିଭିଯାଇଥାଏ, ତାହା ସାମ୍ନାକୁ ଆସିପାରେ ନାହିଁ। ଏଭଳି ମୃତ୍ୟୁ ସାମାଜିକ ବ୍ୟବସ୍ଥାର ତ୍ରୁଟି । ଏହା ସମାଜର ସମ୍ବେଦନ ହୀନତାର କ୍ରୁର ଆଇନ ।

କିଛିଦିନ ପୂର୍ବେ ସେଣ୍ଟ ଫର୍ ହୋଲିଷ୍ଟିକ ଡେଭଲପ୍‌ମେଣ୍ଟ ପକ୍ଷରୁ ତଥ୍ୟ ମିଳିଥିଲା କି ନଭେମ୍ବର ୨୦୨୪ରୁ ଜାନୁଆରୀ ୨୦୨୫ ମଧ୍ୟରେ ଦିଲ୍ଲୀରେ ୪୭୪ ଜଣ ବାସହୀନ ଲୋକଙ୍କ ଥଣ୍ଡାରେ ମୃତ୍ୟୁ ହୋଇଛି। ଏହି ତଥ୍ୟ ଜିଲାସ୍ତରରୁ ଡାକ୍ତରଖାନାର ଦସ୍ତାବିଜର ସର୍ଭେ ଆଧାରିତ ଥିଲା। ରାଷ୍ଟ୍ରୀୟ ମାନବାଧିକାର କମିଶନ ଏଥି ନିମନ୍ତେ ସ୍ୱତଃପୂର୍ବକ ଦିଲ୍ଲୀ ପ୍ରଶାସନକୁ ବିସ୍ତୃତ ରିପୋର୍ଟ ମାଗିଥିଲେ। ବାସ୍ତବିକ ତଥ୍ୟ ଆହୁରି ଅଧିକ ହେବ। ଫୁଟ୍‌ପାଥ ଉପରେ ପଡ଼ିଥିବା ଶବକୁ ଅଜ୍ଞାତ କହି ଦାହ କରାଯାଉଛି। ବିଶେଷଜ୍ଞମାନଙ୍କ ଅନୁମାନ ଯେ ଶତକଡ଼ା ୮୦ଭାଗ ମୃତ୍ୟୁ ପରିଚୟହୀନ ଭାବେ ହଜିଯାଉଛି। ବର୍ତ୍ତମାନ ଶୀତ ଲହରି ଅତୀତଠାରୁ ଅଧିକ ଘାତକ ଦେଖାଯାଉଛି। ଏହି ସଙ୍କଟ ଦିଲ୍ଲୀରେ ସୀମିତ ନୁହଁ। କାନପୁରରେ ୨୦୨୩ରେ ଗୋଟିଏ ସପ୍ତାହ ମଧ୍ୟରେ ୯୮ଜଣଙ୍କ ମୃତ୍ୟୁ ହୋଇଥିଲା। ଏନ୍ଏଚ୍ଆର୍‌ସି ଅକ୍ଟୋବର ୨୦୨୫ରେ ୧୯ ରାଜ୍ୟ ଆଉ ୪ଟି କେନ୍ଦ୍ରଶାସିତ ପ୍ରଦେଶକୁ ଚେତାବନୀ ଜାରି କରିଥିଲା, ଯେଉଁଥିରେ ବାସହୀନ, ନବଜାତ ଶିଶୁ, ବୃଦ୍ଧାବୃଦ୍ଧ ଓ ଗରିବ ଲୋକଙ୍କୁ ଶୀତ ଦାଉରୁ ବଞ୍ଚାଇବା କାର୍ଯ୍ୟ କରୁ, କିନ୍ତୁ ଚେତାବନୀ ସରକାରୀ କାଗଜ ଭିତରେ ସୀମିତ ।

୨୦୧୧ ଜନଗଣନା ଅନୁସାରେ, ଦେଶର ସହରୀ କ୍ଷେତ୍ରମାନଙ୍କରେ ୯,୩୮,୩୪୮ ଲୋକ ବାସହୀନ ଥିଲେ। ବର୍ତ୍ତମାନ ଏହାର ସଂଖ୍ୟା ଦେଢ କୋଟିକୁ ଟପିଯାଇଛି। ଦିଲ୍ଲୀରେ କେବଳ ୩ରୁ ୪ଲକ୍ଷ ବାସହୀନ ଲୋକ ଅଛନ୍ତି, ଯେଉଁମାନେ ମୁଖ୍ୟତଃ ପ୍ରବାସୀ ଶ୍ରମିକ, ରିକ୍ସାଚାଳକ, ପରିବା ବିକ୍ରେତା, ଘର କାର୍ଯ୍ୟରେ ନିଯୁକ୍ତ କର୍ମଚାରୀମାନେ ଅଛନ୍ତି। ଅଗଷ୍ଟ ୨୦୨୪ରେ କରାଯାଇଥିବା ଗଣତିରେ ୧ଲକ୍ଷ ୫୬ହଜାର ୩୬୯ ଲୋକ ରାତି ୧୧ଟାରୁ ସକାଳ ୫ଟା ୩୦ ଯାଏ ସଡ଼କ କଡ଼ରେ ଶୋଇଥିବା ଦେଖାଯାଇଥିଲା। ଏମାନେ ସକାଳ ୪ଟାରୁ ରିକ୍ସା ଚାଳନା କରନ୍ତି, ବଜାରରେ ଫଳ ପରିବା ବିକନ୍ତି, ଘରମାନଙ୍କରେ ଝାଡୁ ମାରନ୍ତି,



ସନ୍ଧ୍ୟା ହେଲେ ଏମାନଙ୍କୁ ଛାତଟିଏ ମିଳେ ନାହିଁ।

ସହରୀକରଣ ଯୋଗୁ ଗାଁ ଖାଲି ହୋଇ ସହର ବୃଦ୍ଧି ହେବାରେ ଲାଗିଛି। ୨୦୪୧ ପର୍ଯ୍ୟନ୍ତ ଦିଲ୍ଲୀ ମାଷ୍ଟରପ୍ଲାନ ଅନୁସାରେ ସହର ସ୍ମାର୍ଟ ହେବାର ସ୍ୱପ୍ନ ଦେଖୁଛି, କିନ୍ତୁ ବାସହୀନ ଲୋକଙ୍କ କଥା କେହି ଶୁଣିବାର ନାହିଁ।

ଭୁବନେଶ୍ୱର ସାଲିଆ ସାହି ଉଚ୍ଛେଦର ତୃତୀୟ ଦିନରେ ୫୫୬ ଘର ମାଟିରେ ମିଶିଛି। ନିଜ ଜିଦ୍‌ରେ ଅଟଳ ରହି କିଛି ପରିବାର ଲୋକ ଖୋଲା ପଡ଼ିଆରେ ଯାଇ ପାଲ ତଳେ ଦିନ କାଟୁଛନ୍ତି। ଓଳିଏ ଖାଇଲେ ଆଉ ଓଳିକୁ ଉପବାସ। ଛୋଟ ପିଲା, ବୃଦ୍ଧାବୃଦ୍ଧ ଖରା କାକରରେ ପଡ଼ିରହିଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ଘର, ଏଥିରେ ସମସ୍ତଙ୍କୁ ପକ୍କାଘର ଦେବାର ପ୍ରତିଶ୍ରୁତି ଥିଲା।ହେଲେ ବାସହୀନ ଲୋକଙ୍କ ସଂଖ୍ୟା କମ୍ ହେବା ସ୍ଥାନରେ ଏହା ବୃଦ୍ଧି ପାଇଲା। ସରକାର କହୁଛନ୍ତି ପ୍ରତି ୨୦ ମିନିଟରେ ୧୫୦ ଘର ନିର୍ମାଣ ଚାଲିଛି। କିନ୍ତୁ ଏ ସବୁ କାଗଜରେ ରହିଯାଉଛି। ସେପ୍ଟେମ୍ବର ୨୦୨୫ରେ ମନ୍ତ୍ରଣାଳୟ ରାଜ୍ୟମାନଙ୍କ ସହ ସମୀକ୍ଷା କଲା, କିନ୍ତୁ ସମୟ ଅନୁସାରେ କେନ୍ଦ୍ରୀୟ ସହାୟତା ନ ମିଳିବାରୁ ପ୍ରଗତି କାର୍ଯ୍ୟ ବନ୍ଦ ହେଲା।

ରୈନବସେରା ରାତ୍ରି ଆଶ୍ରୟସ୍ଥଳୀ ବାସହୀନଙ୍କ ପାଇଁ ସମାଧାନ କୁହାଯାଏ। କିନ୍ତୁ ଏହାର ଅବସ୍ଥା ଦେଖିଲେ ଆହୁରି ନୈରାଶ୍ୟଜନକ । ଦିଲ୍ଲୀ ଅର୍ବାନ ସେଲ୍‌ଟର ଇମ୍ପ୍ରୁଭମେଣ୍ଟ ବୋର୍ଡ ଅନୁସାରେ ସହରରେ ୩୨୫ଟି ରୈନବସେରା ଅଛି। ଯେଉଁଥିରେ ମୋଟ ୧୬୩୩୮ ଜଣ ଶୋଇପାରିବେ। କିନ୍ତୁ ୱିଣ୍ଟର ଆକ୍‌ଶନ ପ୍ଲାନ ୨୦୨୪–୨୫ ଅନୁସାରେ ୧୯୭ ଗୋଟି ସ୍ଥାୟୀ ବସେରାରୁ ୮୨ଗୋଟି କାର୍ଯ୍ୟ କରୁଛି। କ୍ଷମତା ମାତ୍ର ୭୦୯୨ ଜଣଙ୍କର ଅଛି। ବାକି ସବୁ କ୍ୟାବିନ ଆଉ ତମ୍ବୁ ମାଧ୍ୟମରେ ଚାଲିଛି। ମହିଳାଙ୍କ ୧୭ଟି ଆଶ୍ରୟସ୍ଥଳୀ ଅଛି। ମାଷ୍ଟରପ୍ଲାନ ମୁତାବକ ୩୩୦ରୁ ୩୫୦ ସ୍ଥାୟୀ ରୈନବସେରା ହେବା କଥା।

ରାଷ୍ଟ୍ରୀୟ ମାନବାଧିକାର କମିଶନ ପକ୍ଷରୁ ବାସହୀନଙ୍କୁ ଭିକାରି କିମ୍ବା ନିଶାଖୋର କୁହାଯାଉଛି ତାହା ବଡ଼ ଦୁଃଖର କଥା। ବାସହୀନ ଲୋକଙ୍କ ସମସ୍ୟାର ସମାଧାନ ସମ୍ଭବ, ଏଥିପାଇଁ ଇଚ୍ଛାଶକ୍ତି ଦରକାର। ପ୍ରତ୍ୟେକ ସହରର ବ୍ୟାପକ ସର୍ବେକ୍ଷଣ ଜରୁରୀ, କେତେ ବାସହୀନ ଲୋକ ଅଛନ୍ତି ତାହାର ଠିକ୍ ସଂଖ୍ୟା ଜାଣିବା ଦରକାର। ପ୍ରତ୍ୟେକର ବଞ୍ଚିବାର ମୌଳିକ ଅଧିକାର ଅଛି, କିନ୍ତୁ ଗରିମାପୂର୍ଣ୍ଣ ଜୀବନଯାପନର ଅର୍ଥ ମୁଣ୍ଡ ଉପରେ ଛାତ, ପେଟ ପାଇଁ ଭାତ ନିହାତି ଦରକାର।

**ରାଧିକା ଟାୱାର, ଟଙ୍କପାଣି ରୋଡ୍**
**ଭୁବନେଶ୍ୱର ମୋ –୯୭୭୭୭୪୪୦୭୧**

## ଏଇ ଭାରତରେ

ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପୋଲିସରେ ନିଯୁକ୍ତି ମିଳିଥାଏ। ଏଥିପାଇଁ ଅଶାୟୀମାନେ ବୟସ ସୀମା ମଧ୍ୟରେ ନିଜକୁ ପ୍ରସ୍ତୁତ କରିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକେ କୃତକାର୍ଯ୍ୟ ହେବାବେଳେ ଅନେକେ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଲୋକଙ୍କୁ ଟ୍ରାଫିକ ପୋଲିସ ହେବାର ସୁଯୋଗ ଦେଉଛି । 'ଦିନକ ପାଇଁ ଟ୍ରାଫିକ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍‌ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରିବା ପରେ ସ୍ୱେଚ୍ଛାସେବୀଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ସିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ମଧ୍ୟ ଦିଆଯାଉଛି। ବାସ୍ତବରେ ଛକଗୁଡ଼ିକରେ ଟ୍ରାଫିକ ପୋଲିସ ସମ୍ମୁଖୀନ ହେଉଥିବା ପ୍ରକୃତ ସମସ୍ୟା ସମ୍ପର୍କରେ ସେମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୬ ଡିସେମ୍ବର ୧୯୭୬

- ଭାରତର ବେସାମରିକ ବିମାନ ଚଳାଚଳ ସଂସ୍ଥା ଏୟାର ଇଣ୍ଡିଆ ଦୁଇଟି ବୋଇଙ୍ଗ–୭୪୭ ବିମାନ କିଣିବା ଲାଗି ସରକାର ଅନୁମୋଦନ କରିଛନ୍ତି।
- ପାର୍ଲାମେଣ୍ଟର ଉଭୟ ଗୃହରେ ଗୃହୀତ ହେଇସାରିଥିବା ୪୪ତମ ସମ୍ବିଧାନ ସଂଶୋଧନ ବିଲ୍ ମହାରାଷ୍ଟ୍ର ବିଧାନସଭାରେ ଅନୁମୋଦିତ।

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରୀ କଳର ମନ୍ଥର ଗତି

ମହାଶୟ,

କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନରମାନେ ପ୍ରତି ୧୦ ବର୍ଷରେ ଥରେ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ଓ ପେନ୍‌ସନ ପାଇଥାନ୍ତି। ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଗତ ୨୦୧୬ ମସିହାରେ ସେମାନେ ଏହି ସୁବିଧା ପାଇଥିଲେ। ଆଗାମୀ ୨୦୨୬ ଜାନୁୟାରୀରୁ ସେମାନେ ଅଷ୍ଟମ ବେତନ କମିଶନଙ୍କ ସୁପାରିସ ଆଧାରରେ ବର୍ଦ୍ଧିତ ବେତନ ପାଇବା କଥା। କେନ୍ଦ୍ର ସରକାର ଗତ ଜାନୁୟାରୀରେ ଅଷ୍ଟମ ବେତନ କମିଶନ ନିଯୁକ୍ତି କରିବାକୁ ନିଷ୍ପତ୍ତି ନେଲେ। ଗତ ଅକ୍ଟୋବର ୨୬ ତାରିଖରେ କେନ୍ଦ୍ର କ୍ୟାବିନେଟ୍ ଏହି ନିଷ୍ପତ୍ତିକୁ ମଞ୍ଜୁରୀ ଦେଲା। ଏହା ପରେ ବେତନ କମିଶନ ନିଯୁକ୍ତି ପାଇବେ। ସେମାନେ ୧୮ ମାସ ମଧ୍ୟରେ ରିପୋର୍ଟ ଦେବେ। ଅଧିକ ସମୟ ମଧ୍ୟ ଆବଶ୍ୟକ ହୋଇପାରେ। ସେମାନଙ୍କ ରିପୋର୍ଟ ମିଳିବା ପରେ କ୍ୟାବିନେଟ ସବ୍‌କମିଟି ତାକୁ ତର୍ଜମା କରିବ। ସେମାନଙ୍କର ଚୂଡ଼ାନ୍ତ ରିପୋର୍ଟକୁ କେନ୍ଦ୍ର ସରକାର ମଞ୍ଜୁରୀ ଦେବା ପରେ ବେତନ ନିର୍ଦ୍ଧାରଣ ସଂକ୍ରାନ୍ତରେ ଏକ ନିୟମାବଳୀ ପ୍ରସ୍ତୁତ ହେବ ଓ ତା'ପରେ ବେତନ ନିର୍ଦ୍ଧାରଣ ହେବ। ଏହା ଏକ ବିଳମ୍ବିତ ପ୍ରକ୍ରିୟା ହୋଇଥିବାରୁ ଏ ସରକାର ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ ୨୦୨୮ ମସିହା ପୂର୍ବରେ ଏହି ସୁବିଧା ମିଳି ନ ପାରେ। ସରକାରୀ କଳର ଏହି ମନ୍ଥର ଗତି ନିଶ୍ଚିତ ଭାବେ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ।

**–ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

## ଚିରନ୍ତନୀ

କଜଳ ନୟନା ସଜଳ ଚିକୁରେ ତୋର
ଲୁଚି ଲୁଚି ଖେଳେ ବରଷା–ପବନ–ଚୋର
ଦେଖି ସେ ସୁଷମା ନାଚି ଉଠେ ତରୁଲତା
ଆକାଶୁଁ ଲୋତକ ଝରିପଡ଼େ ଝର ଝର ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା

# ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ ନିଲମ୍ବିତ

ନୀଳଗିରି, ୫।୧୨
(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁପିଏସ ପି ବିଦ୍ୟାଳୟ ଛାତ୍ରାବାସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଥିଲା। ନୀଳଗିରି ଉପଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଶୁକ୍ରବାର ନୀଳଗିରି ବ୍ଲକ ଶିକ୍ଷାଧିକାରୀ ସତ୍ୟରଞ୍ଜନ ଭୂୟାଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ ଓ ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ାଙ୍କୁ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବିତ କରିଛନ୍ତି। ଅନ୍ୟପକ୍ଷରେ ସହକାରୀ ଶିକ୍ଷକ ପରିଡ଼ାଙ୍କୁ ମିତ୍ରପୁର ନୋଡାଲ ସ୍କୁଲକୁ ଅବସ୍ଥାପିତ କରାଯିବା ସହ ପ୍ରଧାନ ଶିକ୍ଷକ ବୁଗୁଡ଼ାଇଙ୍କୁ କାଠପାଳ ୟୁପିଏସ ପି ସ୍କୁଲକୁ ଅବସ୍ଥାପିତ କରାଯାଇଛି। ଆଗାମୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଉଭୟଙ୍କ ଦରମା ୫୦ ପ୍ରତିଶତ ସ୍ଥଗିତ ରହିବ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

୪୦ ସିଟ୍ ଥିବା ଏହି ଛାତ୍ରାବାସରେ ଆଖପାଖ ଅଞ୍ଚଳର ପିଲାମାନେ ରହି ପାଠ ପଢ଼ି ଆସୁଛନ୍ତି। କମାରଖାଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼କୁ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବା ନେଇ ବୁଧବାର ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ବାଲେଶ୍ୱର ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲାପାଳଙ୍କୁ ଅବଗତ କରିଥିଲେ। ବାଲେଶ୍ୱର ଜିଲାପାଳ ଏଭଳି ନିନ୍ଦନୀୟ କାର୍ଯ୍ୟର ତଦନ୍ତ ପାଇଁ ଏକ ଟିମ୍ ଗଠନ କରି ନୀଳଗିରି ଉପ-ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିଲେ। ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କ ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ, ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଜତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ।


ପ୍ରଧାନଶିକ୍ଷକ
ରଘୁନାଥ ବୁଗୁଡ଼ାଇ


ସହକାରୀ ଶିକ୍ଷକ
ଜତୀନ କୁମାର ପରିଡ଼ା

# ସାରଥିଙ୍କ ବିରୋଧରେ ଚାଲିବ ମାମଲା

- ସ୍ୱତନ୍ତ୍ର ଏସ୍‌ସିଏସ୍‌ଟି ଅଦାଲତରେ ଚାର୍ଜଫ୍ରେମ୍
- ଜାନୁଆରୀ ୧୬ରେ ପରବର୍ତ୍ତୀ ଶୁଣାଣି

କଟକ,୫।୧୨(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ ଆତ୍ମଘୋଷିତ ବାବା ସାରଥି ଓରଫ ସନ୍ତୋଷ ରାଉଳ, ତାଙ୍କ ପୁଅ ସତ୍ୟମ ଶେଖର ଓ ଅନ୍ୟ ୪ ଜଣଙ୍କ ବିରୋଧରେ କଟକ ସ୍ୱତନ୍ତ୍ର ଏସ୍‌ସି/ଏସ୍‌ଟି ଅଦାଲତ ଚାର୍ଜଫ୍ରେମ କରିଛନ୍ତି। ଓଡ଼ିଶା କ୍ରାଇମବ୍ରାଞ୍ଚରେ ରୁଜୁ ମାମଲାରେ ଏହି ଚାର୍ଜଫ୍ରେମ ହୋଇଛି। ସ୍ୱତନ୍ତ୍ର କୋର୍ଟରେ ଚାର୍ଜଫ୍ରେମ ସମୟରେ ସାରଥି ଆଭାସି ମାଧ୍ୟମରେ ଉପସ୍ଥିତ ଥିଲେ। ଏହାପରେ ଆଗକୁ ସାରଥିଙ୍କ ବିରୋଧରେ ରୁଜୁ ମାମଲାର ଶୁଣାଣି ଚାଲିବ। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ଜାନୁଆରୀ ୧୬କୁ ଧାର୍ଯ୍ୟ କରାଯାଇଛି।

ସୂଚନାନୁସାରେ, ଭାରତୀୟ ଦଣ୍ଡବିଧି ଆଇନର ୧୨୦(ବି), ୪୨୦, ୪୬୭, ୪୬୮, ୪୭୧, ୫୦୬, ୪୨୩, ୪୦୬, ୩୭୯, ୪୧୧, ୩୪୧, ୨୧୨, ୪୧୪ ଓ ୩୪ ଦଫା ସମେତ ଥାର୍ଡ ଏସ୍‌ସି ଏସଟି ଆକ୍ଟ ଏବଂ ଅସ୍ତ୍ରଶସ୍ତ୍ର ନିରୋଧ ଆଇନ ଧାରା ୨୫ ଅନୁସାରେ ଚାର୍ଜଫ୍ରେମ ହୋଇଥିବା ଜଣାଯାଇଛି। ନିଜକୁ ଭଗବାନ ବୋଲି ପରିଚୟ ଦେବା, ନିଜ ହାତରୁ ମହୁ ଝରୁଥିଲା ବୋଲି କହି ଠକେଇ କରିବା ଆଦି ଅଭିଯୋଗ ସାରଥିଙ୍କ ନାମରେ ରହିଛି। ସାରଥୀ ଏସ୍‌ସି ଏସ୍‌ଟି ଲୋକଙ୍କୁ ଠକି ସେମାନଙ୍କ ସମ୍ପତ୍ତି ହଡ଼ପ କରିଥିବା ଅଭିଯୋଗ ରହିଛି। ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ବାବା ସାରଥି ଓରଫ ସନ୍ତୋଷ ରାଉଳ ୨୦୧୫ ଅଗଷ୍ଟରେ ଗିରଫ ହୋଇଥିଲେ। ପ୍ରାୟ ଚାରିବର୍ଷ ଜେଲରେ ରହିବା ପରେ ୨୦୧୯ରେ ହାଇକୋର୍ଟରୁ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା।

# ୮ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ

ଭୁବନେଶ୍ୱର, ୫।୧୨ (ବନ୍ଦନା ସେଠୀ)

ଆସନ୍ତା ୮ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ଚାଲିଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ହେବ ନାହିଁ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ଯୋଡ଼ା,୫।୧୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡାଠାରେ ଟ୍ରକ୍ ଧକ୍କାରେ ୩ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। କୌଣସି ମୃତକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଜବତ କରାଯାଇ ତଦନ୍ତ ଚାଲିଥିବା ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ କୁମାର ସାମଲ କହିଛନ୍ତି।

ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ୫୨୦ ନମ୍ବର ଜାତୀୟ ରାଜପଥରେ ବାଇକ୍ (ନଂ. ଓଡି ୦୯ ଏ ୫୯୧୭) ଯୋଗେ ୩ ଜଣ ଯୋଡ଼ା ଅଭିମୁଖେ ଆସୁଥିଲେ। ଲହଣ୍ଡାଠାରେ ଲୁହାପଥର ବୋଝେଇ ଟ୍ରକ୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ୩ ବାଇକ୍ ଆରୋହୀ ରାସ୍ତାରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ସଙ୍କଟାପନ୍ନ ଅବସ୍ଥାରେ ଜଣଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟ୍ରକ୍ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି। କାରଣସାହି ଟୋଲ୍‌ଗେଟ୍‌ଠାରୁ ଆରମ୍ଭ କରି ବିଲେଇପଦା ପର୍ଯ୍ୟନ୍ତ ବେପରୁଆ ଟ୍ରକ୍ ପାର୍କିଂ ଓ ଲହଣ୍ଡା ଓଭରବ୍ରିଜ୍ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା କୁହାଯାଉଛି।

# ସ୍କୁଟି-ବାଇକ୍ ଧକ୍କା: ଦମ୍ପତି ମୃତ, ଶିଶୁ ଗୁରୁତର

ଦିଗପହଣ୍ଡି,୫।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି-ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥର ଗଣିଆନାଳ ଛକ ମା' କୁରେଇଶୁଣୀ ମନ୍ଦିର ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ଧକ୍କା ହେଇଛି। ଏଥିରେ ସାନଖେମୁଣ୍ଡି ବ୍ଲକ ଗାଙ୍ଗପୁର ପଞ୍ଚାୟତ ଦ୍ୱିତୀୟ ଢେପାଗୁଡ଼ା ଗ୍ରାମର ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରତାପ ମଲ୍ଲିକ(୩୫) ଏବଂ ତାଙ୍କ ସ୍ତ୍ରୀ ଲଳିତା ପାଇକ(୩୦)। ତାଙ୍କର ୩ ବର୍ଷର ଏକ ପୁଅ ଆହତ ହୋଇଛି।

ଲଳିତା ୮ ମାସର ଗର୍ଭବତୀ ଥିବାରୁ ସ୍ୱାମୀ ପ୍ରତାପ ତାଙ୍କୁ ଓ ପୁଅକୁ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଯାଇ ସ୍କୁଟିରେ ଫେରୁଥିଲେ। ବିପରୀତ ଦିଗରୁ ଆର.ଉଦୟଗିରିର ସୁନୀଲ ଦଳାଇ ବାଇକ ଯୋଗେ ଆସୁଥିବା ବେଳେ ସ୍କୁଟି ସହ ବାଇକର ଧକ୍କା ହୋଇଥିଲା। ଫଳରେ ପୁଅ ସହ ଦମ୍ପତି ଓ ସୁନୀଲ ଗାଡିରୁ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରତାପ ଏବଂ ଲଳିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆହତ ସୁନୀଲ ଏବଂ ଶିଶୁ ପୁତ୍ର ସେଠାରେ ଚିକିତ୍ସିତ ହେଉଛନ୍ତି। ଦିଗପହଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ପୋଲିସ ବଡ଼ ଡାକ୍ତରଖାନାରେ ପହଞ୍ଚି ମୃତଦେହ ୨ଟିକୁ ଜବତ କରିଛି। ଶନିବାର ଉଭୟ ମୃତଦେହକୁ ବ୍ୟବଚ୍ଛେଦ କରାଯିବ ବୋଲି ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।




# କସଡ଼ା ଜଙ୍ଗଲରୁ ହାତୀ ମୃତଦେହ ଜବତ

କେନ୍ଦୁଝର,୫।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନ ବିଭାଗ ଶୁକ୍ରବାର କେନ୍ଦୁଝର ଡିଭିଜନର ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ଶୁଆକାଠି ସେକ୍ସନ ଅନ୍ତର୍ଗତ କସଡା ଗ୍ରାମ ନିକଟ ଜଙ୍ଗଲରୁ ଏକ ମାଈ ହାତୀର ମୃତଦେହ ଜବତ କରିଛି। ହାତୀର ବୟସ ପ୍ରାୟ ୮ ରୁ ୧୦ ବର୍ଷ ହେବ। ହାତୀର ମୃତ୍ୟୁ ବିଦ୍ୟୁତ୍ ଆଘାତ କିମ୍ବା ଭୂତାଣୁ ଜନିତ ହୋଇଥାଏ ପାରେ ବୋଲି ବନ ବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି। ବନ ବିଭାଗ ହାତୀ ମୃତ୍ୟୁର କାରଣ ଖୋଜୁଥିବା ବେଳେ ହାତୀ ସୁରକ୍ଷାକୁ ନେଇ ହାତୀପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, ଗ୍ରାମ ନିକଟ ଜଙ୍ଗଲରେ ହାତୀ ମୃତଦେହ ପଡ଼ିଥିବା ଅପରାହ୍ନରେ ସ୍ଥାନୀୟ ଲୋକେ ଦେଖିଥିଲେ। ଖବର ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରିଛନ୍ତି। ଯଦିଓ ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ, ପ୍ରାଥମିକ ତଦନ୍ତରୁ ବନ ବିଭାଗ ଦ୍ୱାରା ପ୍ରକାଶିତ ହୋଇଛି ଯେ ଏହାର ମୁହଁ ଏବଂ ଜିଭର ରଙ୍ଗ ଗାଢ଼ ନୀଳ ହୋଇଯାଇଛି। ତେଣୁ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ ଅଧିକାରୀମାନେ ନିଶ୍ଚିତ କରିଛନ୍ତି, ୧.୫ କି.ମି. ବ୍ୟାସାର୍ଦ୍ଧରେ କୌଣସି ବିଦ୍ୟୁତ୍ ଆଘାତ ସମ୍ବନ୍ଧୀୟ ପ୍ରମାଣ ମିଳିନାହିଁ। ଉକ୍ତ ସ୍ଥାନରେ ହାତୀର ପରିସ୍ରା ଏବଂ ଗୋବର ମଧ୍ୟ ଦେଖିଥିଲେ। ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ କହିଛନ୍ତି, ସକାଳେ ହାତୀଟିର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ କୌଣସି ସଂଘର୍ଷ କରିଥିବା ପାରିପାର୍ଶ୍ୱିକ ଅବସ୍ଥାରୁ ଜଣାପଡୁନାହିଁ। ହାତୀଟି ମରିବା ପୂର୍ବରୁ ଅନେକ ସ୍ଥାନରେ ଶୋଇଛି। ମୃତ୍ୟୁ ଭୂତାଣୁ ଜନିତ ହୋଇଥିବା ସନ୍ଦେହ କରାଯାଉଛି। ଶନିବାର ସକାଳେ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ମିଳିବା ପରେ ଏବଂ ସେଣ୍ଟର ଫର୍ ୱାଇଲ୍ଡଲାଇଫ ହେଲଥ, ଭୁବନେଶ୍ୱରଙ୍କ ଦ୍ୱାରା ନମୁନା ପରୀକ୍ଷା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଥିଲେ।


ଏକ ପଡ଼ିଆରେ ପଡ଼ିଥିବା ହାତୀ ମୃତଦେହ।




# ୧୦୦ବର୍ଷରେ ପ୍ରଫେସର କେ. ଲକ୍ଷ୍ମୀବାଈ

## ୩.୪ କୋଟି ଦାନ ଅର୍ଥରେ ସ୍ତ୍ରୀ ରୋଗ କର୍କଟ ନିରାକରଣ କ୍ଷେତ୍ରରେ ଗବେଷଣା କରିବ ଏମ୍ସ

ଭୁବନେଶ୍ୱର, ୫।୧୨
(ବନ୍ଦନା ସେଠୀ)

ବିଶିଷ୍ଟ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ବ୍ରହ୍ମପୁର ନିବାସୀ ପ୍ରଫେସର ଡାକ୍ତର କେ. ଲକ୍ଷ୍ମୀବାଇ ଶୁକ୍ରବାର ୧୦୦ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ଜନ୍ମ ଶତବାର୍ଷିକୀ ଅବସରରେ ନିକଟରେ ସେ ସ୍ୱଅର୍ଜିତ ସଞ୍ଚୟରୁ ୩ କୋଟି ୪ ଲକ୍ଷ ଟଙ୍କା ଏମ୍ସ ଭୁବନେଶ୍ୱରକୁ ଦାନ କରିଥିଲେ। ପ୍ରଫେସର ଲକ୍ଷ୍ମୀବାଈଙ୍କ ଏପରି ବଦାନ୍ୟତା ପାଇଁ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ତାଙ୍କୁ ପ୍ରଶଂସା କରିବା ସହ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଉକ୍ତ ଦାନରାଶିକୁ ଏମ୍ସର କର୍ପସ ପାଣ୍ଠି ଭାବେ ବ୍ୟବହାର ହେବ। ଏହା ସହାୟତାରେ ସ୍ତ୍ରୀ ରୋଗ ସମ୍ବନ୍ଧୀୟ କର୍କଟ ରୋଗର ନିରାକରଣ କ୍ଷେତ୍ରରେ ଗବେଷଣା କରାଯିବ। ଅସହାୟ ଓ ଗରିବ ଲୋକଙ୍କୁ ସାମଗ୍ରିକ କର୍କଟ ସେବା ପ୍ରଦାନ, ପ୍ରତିରୋଧକ ଅଙ୍କୋଲୋଜି ପଦକ୍ଷେପକୁ ସୁଦୃଢ଼ କରାଯିବ। କର୍ପସର ସର୍ବୋତ୍ତମ ତଥା ସ୍ୱଚ୍ଛ ବ୍ୟବହାର ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ବିଶେଷଜ୍ଞ ପର୍ଯ୍ୟବେକ୍ଷକ କମିଟି ଗଠନ କରାଯାଇଛି। ପ୍ରଫେସର ଲକ୍ଷ୍ମୀବାଈଙ୍କ ଅସାଧାରଣ ଆଗ୍ରହ କେବଳ ଏକ ଆଶୀର୍ବାଦ ନୁହେଁ, ବରଂ ଉଚ୍ଚମାନର ରୋଗୀ ସେବା, ଚିକିତ୍ସା ଶିକ୍ଷା ଏବଂ ଉନ୍ନତ ଗବେଷଣାରେ ଏମ୍ସ ଭୁବନେଶ୍ୱରର ନିରନ୍ତର ପ୍ରୟାସର ଏକ ଶକ୍ତିଶାଳୀ ସ୍ୱୀକୃତି ବୋଲି ଡା. ବିଶ୍ୱାସ କହିଛନ୍ତି। ଏହି ଅବସରରେ ଏମ୍ସର ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡାଙ୍କ ନେତୃତ୍ୱରେ ଏଫ୍‌ଏମ୍‌ଟି ବିଭାଗୀୟ ମୁଖ୍ୟ ଡା. ମନୋଜ କୁମାର ମହାନ୍ତି, ସ୍ତ୍ରୀରୋଗ ବିଭାଗୀୟ ମୁଖ୍ୟ ଡା. ସୌଭାଗ୍ୟ କୁମାର ଜେନା, ଡା. ପୃଥ୍ୱୀରାଜ ସେଠୀ ପ୍ରମୁଖ ବ୍ରହ୍ମପୁର ଭାବନଗରସ୍ଥିତ ବାସଭବନରେ ପ୍ରଫେସର ଲକ୍ଷ୍ମୀବାଈଙ୍କୁ ଭେଟି କୃତଜ୍ଞତା ପ୍ରଦାନପୂର୍ବକ ୧୦୦ତମ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ସୂଚନାଯୋଗ୍ୟ, ୧୯୨୬ ଡିସେମ୍ବର ୫ରେ ଜନ୍ମିତ ଡା. ଲକ୍ଷ୍ମୀବାଈ ଏସ୍‌ସିବି ମେଡିକାଲ କଲେଜର ପ୍ରଥମ ବ୍ୟାଚ୍ ଛାତ୍ରୀ ଥିଲେ। ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରିଥିବାବେଳେ ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରୁ ଅବସର ନେଇଛନ୍ତି।


ଏମ୍ସର ଏକ ଟିମ୍ ବ୍ରହ୍ମପୁର ଭାବନଗରସ୍ଥିତ ବାସଭବନରେ ପ୍ରଫେସର କେ. ଲକ୍ଷ୍ମୀବାଈଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି।

### ପ୍ରଶଂସା କଲେ, ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର କେ. ଲକ୍ଷ୍ମୀବାଈଙ୍କୁ ତାଙ୍କ ୧୦୦ତମ ଜନ୍ମଦିନର ଶୁଭେଚ୍ଛା ଜଣାଇବା ସହିତ ବଦାନ୍ୟତା ପାଇଁ ପ୍ରଶଂସା କରିଛନ୍ତି। ଏମ୍ସ ଭୁବନେଶ୍ୱର ଗରିବ ଏବଂ ଅବହେଳିତ ସମ୍ପ୍ରଦାୟ ପାଇଁ କର୍କଟ ରୋଗର ଚିକିତ୍ସା ସେବାକୁ ସୁଦୃଢ଼ କରିବା ଲାଗି ଲକ୍ଷ୍ମୀବାଈଙ୍କ ଉଦାର ସମର୍ଥନର ସର୍ବୋତ୍ତମ ଓ ପ୍ରଭାବଶାଳୀ ବ୍ୟବହାର କରିବ। ତାଙ୍କପରି ଦୟାଳୁ ଏବଂ ଦାୟିତ୍ୱବାନ୍ ନାଗରିକଙ୍କ ଅଂଶଗ୍ରହଣ ସାରା ଦେଶରେ ସାର୍ବଜନୀନ ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣରେ ସରକାରଙ୍କ ପଦକ୍ଷେପଗୁଡ଼ିକୁ ସମର୍ଥନ କରିବା ପାଇଁ ଅନ୍ୟମାନଙ୍କୁ ପ୍ରେରଣା ପ୍ରଦାନ କରେ ବୋଲି ଲକ୍ଷ୍ମୀବାଈଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଲେଖିଥିବା ଏକ ସରକାରୀ ଚିଠିରେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଷ୍ଟ୍ରିଟ୍‌ଲାଇଟ୍ ଲଗାଇବାକୁ ଦାବି

**ଜେନାପୁର,୫।୧୨(ଅଶୋକ ଦାସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଭୋଇସାହିରେ ଷ୍ଟ୍ରିଟ୍‌ଲାଇଟ୍ ଯୋଜନା ପହଞ୍ଚି ପାରିନାହିଁ। ଫଳରେ ସାହିର ୫୦ରୁ ଊର୍ଦ୍ଧ୍ୱ ଲୋକ ରାତିରେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ସାହିଟି ନିକଟସ୍ଥ ପାହାଡ଼ ପାଦଦେଶରେ ଅବସ୍ଥିତ। ତେଣୁ ଅନ୍ଧାର ରାତିରେ ବିଭିନ୍ନ ହିଂସ୍ର ଜନ୍ତୁ ସାହିକୁ ପଶି ଆସୁଥିବା ନଜିର ରହିଛି। ବ୍ଲକ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରିବାକୁ ସାହି ଲୋକେ ଦାବି କରିଛନ୍ତି।

### ଆର୍ଥିକ ସହାୟତା ପାଇଁ ଜିଲାପାଳଙ୍କୁ ବୃଦ୍ଧଙ୍କ ନିବେଦନ

**ଯାଜପୁର ଟାଉନ,୫।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁର ବ୍ଲକ ଚଇନପୁର ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମର ବୃଦ୍ଧ ସୂର୍ଯ୍ୟମଣି ନାଥ ଶୁକ୍ରବାର ଜିଲାପାଳଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ସୂର୍ଯ୍ୟମଣିଙ୍କ ବୟସ ୮୦। ଚମ ଧୁଡୁଧୁଡୁ ହେଲାଣି। ସେ ଠିକ୍ ସେ କଥା କହି ପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ହେଲେ ଏ ବୟସରେ ତାଙ୍କ ଦୁଃଖ କହିଲେ ନ ସରେ। ମାସେ ତଳେ ସେ ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଯାଇଥିଲେ। ଜଗା ଦର୍ଶନ କରି ଘରକୁ ଫେରିବା ପାଇଁ ପୁରୀ ରେଳ ଷ୍ଟେଶନରେ ବସିଥିବାବେଳେ ସେଠାରେ ତାଙ୍କ ଆଧାରକାର୍ଡ, ଭୋଟର ପରିଚୟ ପତ୍ର ହଜି ଯାଇଥିଲା। ବହୁତ ଖୋଜାଖୋଜି କରି ମଧ୍ୟ ତାହାକୁ ସେ ପାଇଲେ ନାହିଁ। ଖାଲି ସେତିକି ନୁହେଁ, ସୂର୍ଯ୍ୟମଣିଙ୍କ ଏହି ବୟସରେ ହାର୍ନିଆ ହୋଇଥିବାରୁ ଅପରେସନ ହୋଇପାରିବ ନାହିଁ ବୋଲି ଡାକ୍ତର ମନା କରିବା ସହ କେବଳ ଔଷଧ ଖାଇବାକୁ ପରାମର୍ଶ ଦେଇଛନ୍ତି। ଔଷଧ ବାବଦକୁ ମାସକୁ ୨ହଜାର ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଏତେ ଟଙ୍କା ତାଙ୍କ ପାଖରେ ନାହିଁ। ଜିଲାପାଳ ଯଦି ତାଙ୍କ ଦୁଃଖ ଶୁଣି ଔଷଧ ଖର୍ଚ୍ଚ ପାଇଁ ସହଯୋଗର ହାତ ବଢ଼ାନ୍ତେ ତେବେ ସେ ସନ୍ତୋଷ ଲାଭ କରିପାରନ୍ତେ ବୋଲି କହିଛନ୍ତି।

### ବାଲି ବୋଝେଇ ହାଇୱା ଜବତ

**ଚଣ୍ଡିଖୋଲ,୫।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ପୋଲିସ ଶୁକ୍ରବାର ଏକ ବେଆଇନ ବାଲି ବୋଝେଇ ହାଇୱା ଜବତ କରିଛି। ହାଇୱା ବାଲି ବୋଝେଇ କରି ଯାଉଥିବା ସମୟରେ ପୋଲିସ କୋଲସାହି ନିକଟରେ ଅଟକାଯାଇ ଯାଞ୍ଚ କରିଥିଲା। ହେଲେ ହାଇୱା ଚାଳକ କୌଣସି କାଗଜ ପତ୍ର ଦେଖାଇ ନ ପାରିବାରୁ ପୋଲିସ ହାଇୱାକୁ ଥାନାକୁ ଆଣିଥିଲା। ଏ ସମ୍ପର୍କରେ ଖଣି ବିଭାଗକୁ ସୂଚନା ଦିଆଯାଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନା ପ୍ରକାଶ କରିଛନ୍ତି।

### ଆଇନଜୀବୀଙ୍କ ପରଲୋକ

**ଯାଜପୁର ଟାଉନ,୫।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଯାଜପୁରର ବରିଷ୍ଠ ଆଇନଜୀବୀ ତଥା ବିଶ୍ୱ ହିନ୍ଦୁ ପରିଷଦ ପୂର୍ବତନ ଜିଲା ସଭାପତି ଶ୍ରୀଧର ନାୟକଙ୍କ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ସେ କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଯାଜପୁର ସହର ବିଂଝାରପୁର ଅଞ୍ଚଳରେ ଶୋକର ଛାୟାଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ଖବର ପାଇ ଶୋକପ୍ରକାଶ କରିବା ସହ ଯାଜପୁରରେ ଜଣେ ସୁଦକ୍ଷ ଆଇନଜୀବୀଙ୍କୁ ହରାଇଲା ବୋଲି କହିଛନ୍ତି। ଶ୍ରୀଧରଙ୍କ ବିୟୋଗରେ ଆଇନଜୀବୀ ମଧୁସୂଦନ ମାହୁନ୍ତ, ରାଜ୍ୟ ଆଇନଜୀବୀ ପରିଷଦ ଉପସଭାପତି ରାଜୀବ ମହାନ୍ତି, ବାର୍ ଆସୋସିଏଶନ ସଭାପତି ପ୍ରମୋଦ ମହାପାତ୍ର, ସମ୍ପାଦକ କୃତ୍ତିବାସ ପଣ୍ଡା, ଲୟର୍ସ ଆସୋସିଏଶନ ସଭାପତି ପ୍ରତାପ ରାୟ, ସମ୍ପାଦକ ମାନଗୋବିନ୍ଦ ଧଳ, କ୍ରିମିନାଲ ବାର ଆସୋସିଏଶନ ସଭାପତି କିଶୋର ଚନ୍ଦ୍ର କର, ସାଧାରଣ ସମ୍ପାଦକ ଉତ୍କଳ କେଶରୀ ଦାସ, ସମରଜିତ ମହାନ୍ତି, ଗୌତମ ରାୟ, ରାମଚନ୍ଦ୍ର ଖୁଣ୍ଟିଆ, ମନୋଜ ରାଉତ, ଦିଗମ୍ବର କର, ଭବପ୍ରସାଦ ଦାସ, ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଲଘୁ ଖଣି ଲୁଟ୍ ନିୟନ୍ତ୍ରଣ କରିବ ଟାସ୍କଫୋର୍ସ

## ଅଧିକାରୀଙ୍କୁ ଅଧିକ କ୍ଷମତା

**ଯାଜପୁର,୫।୧୨(ହର୍ଷବର୍ଦ୍ଧନ ବେହେରା)**



ଟାସ୍କଫୋର୍ସ କମିଟିର ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ସମ୍ପ୍ରତି ଶୁଷ୍କ ଋତୁ ଆରମ୍ଭ ହୋଇଥିବାବେଳେ ଲଘୁ ଖଣିଜ ଦ୍ରବ୍ୟ ବାଲି, ମାଟି, ମୋରମ, କଳାପଥର ଆଦିର ଚାହିଦା ସର୍ବାଧିକ ହୋଇଛି। ବିଶେଷକରି ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀର ବାଲି ଖାଦାନଗୁଡ଼ିକରୁ ବେଆଇନ ଉତ୍ତୋଳନ ଏବେ ସୀମା ଲଂଘିଛି। ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣକୁ ରୋକିବା ପାଇଁ ଜିଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଏସ୍‌ପି ଓ ଡିଏଫ୍‌ଓଙ୍କ ସହିତ ଜିଲା ଏବଂ ତହସିଲ ସ୍ତରୀୟ ଟାସ୍କଫୋର୍ସ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ମିନେରାଲ୍ସ ମାଇନିଂ କନ୍ସେସନ(ଓଏମ୍‌ଏମ୍‌ସି) ନିୟମ-୫୧ ଅନୁସାରେ ସବ୍‌ଇନ୍ସପେକ୍ଟର ପଦରୁ ଊର୍ଦ୍ଧ୍ୱ ସମସ୍ତ ପୋଲିସ, ଅତିରିକ୍ତ ତହସିଲଦାର ପଦରୁ ଊର୍ଦ୍ଧ୍ୱ ସମସ୍ତ ରାଜସ୍ୱ ଏବଂ ରେଞ୍ଜ ଅଫିସର ପଦବୀରୁ ଊର୍ଦ୍ଧ୍ୱ ବନ ଅଧିକାରୀଙ୍କୁ ସେମାନଙ୍କ କ୍ଷେତ୍ରାଧିକାରରେ ଜବତ, ସନ୍ଧାନ ଏବଂ ଯାଞ୍ଚ କରିବା କ୍ଷମତା ପ୍ରଦାନ କରାଯାଇଛି ବୋଲି ସୂଚନା ଦିଆଯାଇଥିଲା।

ବୈଠକର ନିଷ୍ପତ୍ତି ଅନୁଯାୟୀ ଲଘୁ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟିର ଉପରୋକ୍ତ ସମସ୍ତ ଅଧିକାରୀ ଉତ୍ତରଦାୟୀ ରହିବେ। ତହସିଲ ସ୍ତରୀୟ ଟାସ୍କଫୋର୍ସ ସଦସ୍ୟମାନେ ସେମାନଙ୍କ ଅଧିକାର କ୍ଷେତ୍ର ମଧ୍ୟରେ ଡିଜିଟାଲ ଏବଂ ସର୍ଭେ ଆଧାରିତ ପଦ୍ଧତି ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବେ। ଲଘୁ ଖଣି ଉପନିର୍ଦ୍ଦେଶକ (ଡିଡିଏମ୍)ଙ୍କ ଅଧୀନରେ ଜିଲାସ୍ତରୀୟ ଟାସ୍କଫୋର୍ସ ବିଭିନ୍ନ ଉତ୍ସରୁ ପ୍ରାପ୍ତ ସୂଚନା ଆଧାରରେ ଅଚାନକ ଚଢ଼ାଉ କରିବ। ଉପଜିଲାପାଳଙ୍କ ସହ ପରାମର୍ଶ କରି ଡିଡିଏମ୍ ନିୟମିତ କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲ ସ୍ତରୀୟ ସ୍କ୍ୱାଡ୍ ଗଠନ କରିବେ। ଯାଜପୁର ଏସ୍‌ପିଙ୍କ ଅନୁରୋଧକ୍ରମେ ଏପରି ଚଢାଉ ପାଇଁ ପୋଲିସ ସହାୟତା ଯୋଗାଇ ଦିଆଯିବ। ଏହାବାଦ ଜିଲାସ୍ତରୀୟ ଏବଂ ତହସିଲ ସ୍ତରୀୟ ଟାସ୍କଫୋର୍ସ ମାସକୁ ନିୟମିତ ବ୍ୟବଧାନରେ ବୈଠକ କରି ଚୋରି ଏବଂ ଅବୈଧ ଉତ୍ତୋଳନ ସମ୍ପର୍କରେ ମାମଲା ଅନୁସାରେ ସମୀକ୍ଷା କରିବ। କାର୍ଯ୍ୟକ୍ଷମ ଓ ଅଣ-କାର୍ଯ୍ୟକ୍ଷମ ପଥର ଖଣି ପାଇଁ ଡ୍ରୋନ ଏବଂ ଓଡ଼ିଶା ସ୍ପେସ୍ ଆପ୍ଲିକେଶନ ସେଣ୍ଟର (ଓଆର୍‌ଏସ୍‌ଏସି) ମାଧ୍ୟମରେ ସର୍ଭେ କରାଯିବ। ଖଣି ଲିଜ୍‌ଧାରୀମାନେ ଯଦି ଅନୁମୋଦିତ ସୀମାଠାରୁ ଅଧିକ ଉତ୍ତୋଳନ କରିଥାଆନ୍ତି କିମ୍ବା ଅବୈଜ୍ଞାନିକ ଖଣି ଉତ୍ତୋଳନ ହୋଇଥାଏ, ସେତେବେଳେ ମିଳିତ କମିଟିର ରିପୋର୍ଟ ଅନୁସାରେ ସମ୍ପୃକ୍ତ ଖଣିକୁ ବନ୍ଦ କରିବା ପାଇଁ ପଦକ୍ଷେପ ନିଆଯିବ। ଡିଡିଏମ୍ ନିଶ୍ଚିତ କରିବେ ଯେ ସମସ୍ତ କାର୍ଯ୍ୟକ୍ଷମ ଖଣିଗୁଡ଼ିକ ବୈଧ ଇ-ଟିପି ଜରିଆରେ ଲଘୁ ଖଣି ପରିବହନ ହେବ। ଏହା ବେଆଇନ ପରିବହନକୁ ରୋକିବାରେ ସାହାଯ୍ୟ କରିବ। ଚୋରି ଏବଂ ଅବୈଧ ଉତ୍ତୋଳନ ଅଭିଯୋଗକୁ ଦୃଷ୍ଟିରେ ରଖି ଏସ୍‌ପି, ଡିଏଫ୍‌ଓ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ଏବଂ ଜିଲାସ୍ତରୀୟ ଟାସ୍କଫୋର୍ସ କମିଟି ସହ ଅନ୍ୟାନ୍ୟ ସଦସ୍ୟ ଧର୍ମଶାଳା ତହସିଲର ପ୍ରସ୍ତାବିତ ଇଣ୍ଡିଆନ୍ ଷ୍ଟ୍ରେଟେଜିକ୍ ପେଟ୍ରୋଲିୟମ ରିଜର୍ଭ ଲିମିଟେଡ୍(ଆଇଏସପିଆରଏଲ୍) ତଥା ଭୂତଳ ତୈଳ ଭଣ୍ଡାର ଏବଂ ଅନ୍ୟାନ୍ୟ କଳାପଥର ଖାଦାନଗୁଡ଼ିକର ତଦନ୍ତ ପାଇଁ ତାରିଖ ଧାର୍ଯ୍ୟ କରି ଯଥାଶୀଘ୍ର ଗସ୍ତ କରିବେ।

ଖଣି ମାଫିଆମାନେ ଜିଲା ରାଜସ୍ୱକୁ ଲୁଟ କରି ଚାଲିଛନ୍ତି। ତେଣୁ ଏହି ବେଆଇନ କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବ ନାହିଁ। ବିଭିନ୍ନ ସମୟରେ ଏଭଳି ଅନେକ ନିଷ୍ପତ୍ତି ଗ୍ରହଣ କରାଯାଉଛି। ଅଥଚ ବେଆଇନ ଖଣିଜ ପଦାର୍ଥ ଲୁଟ ହ୍ରାସ ପାଇବାର ନାଁ ଧରୁନାହିଁ। ସ୍ଥାନୀୟ ପୋଲିସ, ରାଜସ୍ୱ ଓ ଲଘୁ ଖଣି ଅଧିକାରୀ ଏହି ବେଆଇନ କାର୍ଯ୍ୟ ପ୍ରତି ଆଖି ବୁଜି ଦେବା ସହିତ ଓଲଟା ମାଫିଆଙ୍କ ସହଯୋଗୀ ପାଲଟିଛି। ବିଭିନ୍ନ ସଭାସମିତିରେ କେବଳ ନିଷ୍ପତ୍ତିରେ କାର୍ଯ୍ୟାନୁଷ୍ଠାନ ସୀମିତ ରହୁଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଫସରଫାଟିଛି।

ଟାସ୍କଫୋର୍ସ କମିଟି ଓ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ନିର୍ଦ୍ଦେଶ, ବିଧାନସଭାରେ ଆଲୋଚନା ଆଦି କୌଣସି ଧାର ଧରୁନାହିଁ। ମାନୁଆଲ(ହସ୍ତଚାଳିତ) ମାଇନିଂ ଲିଜ୍ ନେଇ ଲିଜ୍‌ଧାରୀମାନେ ମେକାନିକାଲ(ଯନ୍ତ୍ରଚାଳିତ) ଖଣିରେ ପରିଣତ କରି ନିର୍ଦ୍ଧାରିତଠାରୁ ବହୁଗୁଣ ଅଧିକ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳୁଛି। ଫଳରେ ସରକାର ବାର୍ଷିକ ବହୁ କୋଟି ଟଙ୍କା ରାଜସ୍ୱ ହରାଉଥିବାବେଳେ ନଦୀଗୁଡ଼ିକ ଉପରେ ଥିବା ବିଭିନ୍ନ ବ୍ରିଜ୍ ବିପଦାପନ୍ନ ହେବାର ଆଶଙ୍କା ସୃଷ୍ଟି କରିଛି। ଏହିକ୍ରମରେ ବର୍ତ୍ତମାନର ଟାସ୍କଫୋର୍ସ କମିଟିର ଦାୟିତ୍ୱ ସ୍ୱଚ୍ଛ ଓ ପାରଦର୍ଶୀ ହେବାର ଆବଶ୍ୟକତା ଅଧିକ ରହୁଛି ବୋଲି ମତପ୍ରକାଶ ପାଉଛି।

## ଲୋକନାଥ ସାହୁ ଇଷ୍ଟଜୋନ୍ ଖେଲୋ ଅସ୍ମିତା ରଗ୍‌ବି ଫୁଟବଲ୍ ପାଇଁ ରେଫରି ମନୋନୀତ

**ଦଶରଥପୁର,୫।୧୨(ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ କଟିକଟା ପଞ୍ଚାୟତ ହଳୁଆପାଟଣା ଗାଁର ଲୋକନାଥ ସାହୁ ଚଳିତ ବର୍ଷ ରଗବି ଇଣ୍ଡିଆ ଓ ଭାରତ ସରକାରଙ୍କ ଦ୍ୱାରା ଆସାମ ଗୁଆହାଟୀର ଇନ୍ଦିରା ଗାନ୍ଧୀ ଆଥଲେଟିକ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଇଷ୍ଟଜୋନ ଖେଲୋ ଅସ୍ମିତା ରଗ୍‌ବି ଚାମ୍ପିୟନଶିପ ପାଇଁ ରେଫରି ଭାବେ ମନୋନୀତ ହୋଇଛନ୍ତି। ଏହିଖେଳ ଡିସେମ୍ବର ୬ ଓ ୭ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଏକମାତ୍ର ରେଫରି ଭାବେ ଲୋକନାଥ ଯୋଗ ଦେଉଥିବାରୁ ତାଙ୍କୁ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ, ଜିଲା ରଗ୍‌ବି ଆସୋସିଏଶନ ସଭାପତି ନାରାୟଣ ସାହୁ ଓ ସମ୍ପାଦକ ଭରତ ସାହୁ ଶୁଭେଚ୍ଛା ଜଣାଇଛନ୍ତି।



ଲୋକନାଥ ସାହୁ

# ବିଦ୍ୟୁତ୍ ସମସ୍ୟା ସମାଧାନ ଦାବିରେ ଧାରଣା




ଉପଭୋକ୍ତାମାନେ ବାଳମୁକୁଳି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

**ସିଂହପୁର,୫।୧୨ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ବାଳମୁକୁଳି ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧୀନ ସୁନ୍ଦରପୁର ଗ୍ରାମରେ ଦୀର୍ଘଦିନ ହେଲା ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଏହାର ସମାଧାନ ପାଇଁ ବାରମ୍ବାର ଦାବିକରି ନିରାଶ ହେବାପରେ ଉପଭୋକ୍ତା ବାଳମୁକୁଳି ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ସୁନ୍ଦରପୁର ଗ୍ରାମରେ ୧୯୯୯ରୁ ଟ୍ରାନଫର୍ମର ଓ ତାର ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ତାର ଛିଣ୍ଡି ବିଭିନ୍ନ ସମୟରେ ଅଘଟଣ ଘଟୁଛି। ଏସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବିଭାଗର ଏସ୍‌ଡିଓ, ଜେଇଇଙ୍କୁ ଲିଖିତ ଅଭିଯୋଗ କରାଯିବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସମସ୍ୟା ସମାଧାନ ହେଉନାହିଁ ବୋଲି ଉପଭୋକ୍ତା ଅଭିଯୋଗ କରିଛନ୍ତି। ତେଣୁ ୧୧ କେଭି ବିଦ୍ୟୁତ୍ ତାର ବଦଳାଇବା, ଉଚ୍ଚ କ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମ ଲଗାଇବା, ପୁରୁଣା ଖୁଣ୍ଟ ପରିବର୍ତ୍ତନ କରିବା, ବିଳାସିନୀ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରୁ ୧୧ କେଭି ତାର ଅନ୍ୟତ୍ର ସ୍ଥାନାନ୍ତର କରିବା ଆଦି ୫ ଦଫା ଦାବିରେ ଉପଭୋକ୍ତା ଏହି ଆନ୍ଦୋଳନ କରିଛନ୍ତି।

ଯୁବସାମାଜିକ କର୍ମୀ ପ୍ରଭାଶ ସାମଲ ଓ ସୁବ୍ରତ ନାୟକଙ୍କ ନେତୃତ୍ୱରେ ପାର୍ଥସାରଥି ନାୟକ, ମହେଶ୍ୱର ସାମଲ, ପ୍ରଫୁଲ୍ଲ ମଲ୍ଲିକ, ଗଙ୍ଗାଧର ମଲ୍ଲିକ, ରତିନ୍ଦ୍ର ରାଉତ, କରୁଣାକର ନାୟକ, ନବଘନ ବେହେରା, ଅନିରୁଦ୍ଧ ସାମଲ, ସୁଶାନ୍ତ ନାୟକ, ମାୟାଧର ନାୟକ, ସତ୍ୟବ୍ରତ ସାମଲ, ବିଶ୍ୱରଞ୍ଜନ ମଲ୍ଲିକ, ସରୋଜ ସାମଲ, ମନୋରଞ୍ଜନ ନାୟକଙ୍କ ସମେତ ବହୁ ଉପଭୋକ୍ତା ଧାରଣାରେ ସାମିଲ ହୋଇଥିଲେ। ଏସ୍‌ଡିଓ ରବିନାରାୟଣ ଦାସ ପହଞ୍ଚି ୪ ଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଉପଭୋକ୍ତା ଏସଡିଓଙ୍କ ଜରିଆରେ ଯାଜପୁର ବିଭାଗୀୟ ମୁଖ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଆନ୍ଦୋଳନରୁ ଓହରିଥିଲେ।

## ବିଧାୟିକାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ମାମଲା

## ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରୁନି ପୋଲିସ

**ବିଞ୍ଝାରପୁର,୫।୧୨(ରାମକୃଷ୍ଣ ଦାସ):** ଜଣେବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଘଟଣାକୁ ୮ ଦିନ ବିତିଗଲାଣି, ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚି ପାରୁନାହିଁ। ଫଳରେ ଏହାକୁ ନେଇ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସର ସ୍ଥାଣୁତା ପାଇଁ ଆଗାମୀ ଦିନରେ ବିଞ୍ଝାରପୁର ବିଜେଡି ରାସ୍ତାକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଯୋଗାଣ ବିଭାଗ ପକ୍ଷରୁ ୨୦୨୨ରେ ବିଞ୍ଝାରପୁର ବ୍ଲକରେ ପିଡିଏସ ଗହମ ବଣ୍ଟନର ଅନିୟମିତତା ହୋଇଥିବା ନେଇ ଏକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ସେହି ଖବରକୁ ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥାର ଖବରଦାତା ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ସେହି ପୋଷ୍ଟ ଦେଖି ବିଶ୍ୱଜିତ ପ୍ରଧାନ ନାମକ ବ୍ୟକ୍ତି ବିଧାୟିକାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏନେଇ ବ୍ଲକ୍ ଯୁବ ବିଜେଡି ସଭାପତି ଦିଲୀପ ରାଉଳ ଓ ବିଜୁ ମହିଳା ସଭାନେତ୍ରୀ ଅହଲ୍ୟା ସ୍ୱାଇଁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସମ୍ପର୍କରେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ମାମଲାର ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କ ନିକଟରେ ପୋଲିସ ପହଞ୍ଚିବ।

# ବୈଧ ମାପ ବିଭାଗ ପକ୍ଷରୁ ସହରରେ ଚଢ଼ାଉ



ଫଳ ଦୋକାନରେ ବୈଧ ମାପ ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି।

**ଯାଜପୁର ଟାଉନ,୫।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ସହରରେ ବୈଧ ମାପ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯିବା ସହ ଜରିମାନା ଆଦାୟ କରାଯାଇଛି। ସହରର ବିଭିନ୍ନ ଫଳ, ପରିବା, ତେଜରାତି ଦୋକାନ, ଶପିଂ ମଲ୍ ଓ ଉଠା ଦୋକାନରେ ଚଢ଼ାଉ କରାଯାଇଛି। ଅନେକ ବ୍ୟବସାୟୀ ନିଜର ଓଜନ ମାପକ ଯନ୍ତ୍ରର ଲାଇସେନ୍ସ କରୁ ନ ଥିବାରୁ ସେମାନଙ୍କୁ ଚେତାବନୀ ଦିଆଯିବା ସହ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଯୁଗ୍ମ ନିୟନ୍ତ୍ରକ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏନଫୋର୍ସମେଣ୍ଟ ଇନ୍ସପେକ୍ଟର ସସ୍ମିତା ବେହେରା, ଇନ୍ସପେକ୍ଟର ଭାବନା ନାୟକ, ସିନିୟର ଆସିଷ୍ଟାଣ୍ଟ ବିଜୟ ପଣ୍ଡା ପମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

# ମା’ ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ବିଶ୍ୱଶାନ୍ତି ମହାଯଜ୍ଞରେ ଯୋଗଦେଇଥିବା ଶ୍ରଦ୍ଧାଳୁମାନେ।

**ବରୀ,୫।୧୨(ମହେନ୍ଦ୍ର ସ୍ୱାଇଁ):**

ବରୀ ବ୍ଲକ ଅଧୀନ ବାଲିବିଲ ପଞ୍ଚାୟତର ମା’ ତାରିଣୀ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ଅଙ୍କୁରାରୋପଣ କରାଯାଇଥିଲା। ଦ୍ୱିତୀୟ ଓ ତୃତୀୟ ଦିନରେ ସୂର୍ଯ୍ୟପୂଜା, ଧେନୁ ପୂଜା ସହ ଯଜ୍ଞ ଆରମ୍ଭ ହୋଇଥିଲା। ଗୁରୁବାର ରାତିରେ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଯଜ୍ଞଅବସରରେ ପ୍ରଥମ ରାତିରେ ଅନୁଷ୍ଠାନ ତରଫରୁ ପ୍ରବଚନ ଓ ଦ୍ୱିତୀୟ ରାତିରେ ନୃତ୍ୟ ନାଟକ ସହ ଭଜନ ପରିବେଷଣ କରାଯାଇଥିଲା। ୩ ଦିନ ଧରି ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। କର୍ତ୍ତାଭାବେ ପଦାରବିନ୍ଦ ସାମଲ ଓ ଧର୍ମପତ୍ନୀ ସୌମିତ୍ରୀ ସାମଲ ଦାୟିତ୍ୱ ତୁଲାଇଥିଲେ। ଶରତ ପଢ଼ିହାରୀ, ଦୁର୍ଯ୍ୟୋଧନ ପରିଡ଼ା, ରଞ୍ଜନ ପଢ଼ିହାରୀ, ଅଭିମନ୍ୟୁ କାଣ୍ଡି, ମନୋରଞ୍ଜନ ପଢ଼ିହାରୀ, ଶାନ୍ତନୁ ସାମଲ, ପ୍ରଶାନ୍ତ ପଢ଼ିହାରୀ, ପ୍ରତୀକ ସ୍ୱାଇଁ, ପ୍ରଦୀପ ନାଥ, ଦିବାକର ବେହେରା, ଚିନ୍ମୟ ସାମଲ, ପ୍ରଭାତ ନାଥ, କୃଷ୍ଣଚନ୍ଦ୍ର ପଢ଼ିହାରୀ, ଅନୁରାଗ ସାମଲ, ତ୍ରିଲୋଚନ ପଢ଼ିହାରୀ, ସଞ୍ଜୟ ପାଢ଼ୀ, ପ୍ରବୀର ଘଡ଼େଇ, ଜଗବନ୍ଧୁ ପଢ଼ିହାରୀ, ପ୍ରଭୁ ଆଶୀର୍ବାଦ ସ୍ୱାଇଁ ଓ ରାଜବର୍ଦ୍ଧନ ପଢ଼ିହାରୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଜିଲାପାଳଙ୍କୁ ଦୁଃଖ ଜଣାଇଲେ ଦୃଷ୍ଟିହୀନ ଶତ୍ରୁଘ୍ନ

- ପାମ୍ପଡ଼ ବିକ୍ରି କରି ଚଳାଉଛନ୍ତି ପରିବାର
- ଭାବ ବିହ୍ୱଳ ହୋଇ ଆଲିଙ୍ଗନ କଲେ ଜିଲାପାଳ

**ଯାଜପୁର ଟାଉନ,୫।୧୨ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ଶତ୍ରୁଘ୍ନ ଜିଲାପାଳ ଅମ୍ବର କୁମାର କରଙ୍କୁ ନିଜର ସମସ୍ୟା ସମ୍ପର୍କରେ ଜଣାଉଛନ୍ତି।

ଜଣେ ଦୃଷ୍ଟିହୀନ ବ୍ୟକ୍ତି ଶୁକ୍ରବାର ଯାଜପୁର ଜିଲାପାଳ ଅମ୍ବର କୁମାର କରଙ୍କୁ ଭେଟି ନିଜର ଦୁଃଖ ଜଣାଇଛନ୍ତି। ଜିଲାପାଳ ତାଙ୍କ କଥା ଶୁଣିବା ପରେ ଭାବବିହ୍ୱଳ ହେବା ସହ ତାଙ୍କୁ କୁଣ୍ଢାଇ ପକାଇଛନ୍ତି। ସମ୍ପୃକ୍ତ ଦୃଷ୍ଟିହୀନ ବ୍ୟକ୍ତି ହେଲେ ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତ ରସୁଣା ଗ୍ରାମର ଗୋପୀନାଥ ସାହୁଙ୍କ ପୁତ୍ର ଶତ୍ରୁଘ୍ନ। ସେ ଜନ୍ମରୁ ଦୃଷ୍ଟିହୀନ। ବୃତ୍ତିରେ ଜଣେ ପାମ୍ପଡ଼ ବିକାଳି। ଗାଁ ଗାଁ ବୁଲି ପାମ୍ପଡ଼ ବିକ୍ରି କରନ୍ତି। କେଉଁଦିନ ୧୦୦ ତ ଆଉ କେଉଁ ଦିନ ୫୦ ତ ପୁଣି ଆଉ କେଉଁଦିନ ମୂଳରୁ ରୋଜଗାର ହୁଏନାହିଁ। ମାତ୍ର ଶତ୍ରୁଘ୍ନଙ୍କ କାନ୍ଧରେ ୪ ପ୍ରାଣୀର ବୋଝ। ବୁଢ଼ା ବାପା, ମା’ସ୍ତ୍ରୀ ଓ ଛୋଟ ଝିଅଙ୍କୁ ନେଇ ଶତ୍ରୁଘ୍ନ ଦୁଃଖେ କଷ୍ଟେ ଜୀବନ ଅତିବାହିତ କରୁଛନ୍ତି। ପାଣି ନାଳ ପାର୍ଶ୍ୱରେ ସରକାରୀ ଜାଗାରେ ମୂଷା ଗାତ ପରିପୂର୍ଣ୍ଣ ଭଙ୍ଗା ଘରେ ଜରିପାଲ ପକାଇ ଏହି ପରିବାର ବାସ କରୁଛନ୍ତି। ହେଲେ ତାଙ୍କ ପରିବାର ପ୍ରତି ଜିଲା ପ୍ରଶାସନ କିମ୍ବା ନେତା ଓ ମନ୍ତ୍ରୀଙ୍କ ଦୃଷ୍ଟି ପଡୁନାହିଁ। ଶତ୍ରୁଘ୍ନଙ୍କୁ ଚାଉଳ ଓ ଭତ୍ତା ମିଳୁଥିଲେ ବି ଏଥିରେ ପରିବାର ଚଳିବା କଷ୍ଟକର। ଓଳିଏ ଖାଇଲେ ଆର ଓଳିକୁ ଭୋକିଲା ରହିବାକୁ ପଡୁଛି। ପାମ୍ପଡ଼ ବିକ୍ରି ହେଲେ ପେଟକୁ ଜୁଟେ ଦାନା। ସବୁଠାରୁ ଦୁଃଖର ବିଷୟ ଯେଉଁ ଦିନ ଶତ୍ରୁଘ୍ନଙ୍କ ପାମ୍ପଡ଼ ବିକ୍ରି ହୁଏ ନାହିଁ ସେଦିନ ଶତ୍ରୁଘ୍ନ ଘରେ ଚାଉଳ ଭଜା ଗୁଣ୍ଡ କରିଖାଇଥାନ୍ତି।

ନିର୍ବାଚନ ଆସିଲେ ସମସ୍ତେ ସହଯୋଗର ପ୍ରତିଶ୍ରୁତି ଦିଅନ୍ତି। ହେଲେ ନିର୍ବାଚନ ସରିଗଲେ ସମସ୍ତେ ଭୁଲିଯାଆନ୍ତି ଶତ୍ରୁଘ୍ନଙ୍କ କଥା। ପାମ୍ପଡ଼ ବିକିଲେ ଯେଉଁ ଅର୍ଥ ମିଳେ ସେଥିରେ ଶତ୍ରୁଘ୍ନଙ୍କ ଘର ଚଳିବା କଷ୍ଟକର ହୋଇପଡ଼େ। ତେଣୁ ବସୁନ୍ଧରା ଯୋଜନାରେ ଜମି ଓ ଆବାସ ଯୋଜନାରେ ଘର ଯୋଗାଇ ଦେଲେ ପରିବାରକୁ ମୁଣ୍ଡ ଗୁଞ୍ଜିବା ପାଇଁ ବାସସ୍ଥଳୀଟିଏ ମିଳିଯିବ ବୋଲି ଶତ୍ରୁଘ୍ନ କୋହଭରା କଣ୍ଠରେ ଜିଲାପାଳଙ୍କୁ କହିବା ସହିତ ଏକ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ଶତ୍ରୁଘ୍ନଙ୍କ ସବୁ କଥା ଶୁଣି ଦୁଃଖ ପ୍ରକାଶ କରିବା ସହ ସୁବିଧାସୁଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏବେ ଦେଖିବାକୁ ଅପେକ୍ଷା କେତେଶୀଘ୍ର ଜିଲାପାଳ ତାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**କାଉଡ଼ିଆ ନଦୀରେ ମତ୍ସ୍ୟଜୀବୀ ନିଖୋଜ**

ପାରାଦୀପ, (ଶରତ ରାଉତ): ପାରାଦୀପ ଇଫ୍କୋ କାରଖାନା ପଛରେ ଥିବା କାଉଡ଼ିଆ ନଦୀରେ ଶୁକ୍ରବାର ମାଛ ଧରିବା ବେଳେ ଜଣେ ମତ୍ସ୍ୟଜୀବୀ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର ପ୍ରଫୁଲ୍ଲ ବେହେରା। ଏକ ଛୋଟ ଡଙ୍ଗାରେ ୨ ଜଣ ରଶି ଜରିଆରେ ଜାଲ ଉଠାଇବା ସମୟରେ ପ୍ରଫୁଲ୍ଲ ପାଣିରେ ବୁଡ଼ି ଯାଇଥିଲେ। ତାଙ୍କୁ ସାଥି ମତ୍ସ୍ୟଜୀବୀ ଓ କୁଜଙ୍ଗ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି କରାଯାଉଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ନିଖୋଜ ମତ୍ସ୍ୟଜୀବୀଙ୍କ କୌଣସି ସନ୍ଧାନ ମିଳିନାହିଁ।



# ବାଲିବୁଢ଼ୀ ଠାକୁରାଣୀ ମନ୍ଦିରର ରତ୍ନମୁଦ ଉତ୍ସବ

ମାର୍ଶାଘାଇ,୫।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ବ୍ଲକ ପରକୁଳା ପଞ୍ଚାୟତ ନାରାୟଣପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାଲିବୁଢ଼ୀ ଠାକୁରାଣୀଙ୍କ ନିର୍ମିତ ହେଉଥିବା ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଗ୍ରାମର ଆବାଳ ବୃଦ୍ଧ ବନିତା ଉପସ୍ଥିତ ରହି ମନ୍ଦିରର ଅଧିନଭିତରେ ସୁନାରୁପା, ଶସ୍ୟ, ଧାତବ ପଦାର୍ଥ, ମୁଦ୍ରା ଆଦି ଦ୍ରବ୍ୟରେ ପୂର୍ଣ୍ଣ କରିଥିଲେ। ଭଜନ କୀର୍ତ୍ତନ, ଘଣ୍ଟଘଣ୍ଟା, ହରିବୋଲ, ହୁଳହୁଳି ଧ୍ୱନି ସହ ସମ୍ପୂର୍ଣ୍ଣ ଭକ୍ତିମୟ ପରିବେଶ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କରୁଣାକର ଗୁଳି, ଦିଲୀପ କୁମାର ମହାପାତ୍ର, ବଂଶୀଧର ସାହୁ, ଖଗେଶ୍ୱର ବେହେରା, ସଞ୍ଜୟ ପାତ୍ର, ପୁଷ୍କର ଚନ୍ଦ୍ର ବେହେରା, ଧୀରେନ ସିଂ, କୈଳାସ ସାହୁ, ଅରକ୍ଷିତ ରାଉତ, ପୀତାମ୍ବର ସୁତାର, ଅମିୟ ରାଉତ, ଉମାକାନ୍ତ ସାହୁ, ଜାନକୀ ବଲ୍ଲଭ ସାହୁ, ସୁବାସ ଚନ୍ଦ୍ର ସାହୁ, ବୈଷ୍ଣବ ଚନ୍ଦ୍ର ବେହେରା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମାପନ ହୋଇଛି।

# ରାସ୍ତାକାମ ନିମ୍ନମାନର, ହାତ ମାରିଲେ ଉଠୁଛି ପିଚୁ

- କାମ ବନ୍ଦକଲେ ଅଞ୍ଚଳବାସୀ
- ୮ କୋଟିର ଚନ୍ଦନପୋଖରୀ ଛକ- ନହୁଣୀ ରାସ୍ତାକାମ

ରାଜକନିକା,୫।୧୨(ସଞ୍ଜୟ କୁମାର ଦାଶ)



ଚନ୍ଦନପୋଖରୀ ଛକଠାରୁ ନହୁଣୀ ପର୍ଯ୍ୟନ୍ତ ୬ କି.ମି. ରାସ୍ତା ନିର୍ମାଣ ଚାଲିଛି।

ରାଜକନିକା ବ୍ଲକ ଅନ୍ତର୍ଗତ ଚନ୍ଦନ ପୋଖରୀ ଛକଠାରୁ ନହୁଣୀ ପର୍ଯ୍ୟନ୍ତ ୬ କି.ମି. ପୂର୍ତ୍ତ ବିଭାଗ ରାସ୍ତା କାମ ନିମ୍ନମାନର ହେଉଥିବା ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଲୋକଙ୍କ କହିବା କଥା କେବଳ ଧର୍ମକୁ ଆଖିଠାର ଭଳି ପିଚୁ ଛିଞ୍ଚାଯାଇଛି। ହାତ ମାରିଲେ ପିଚୁ ଉଠି ଯାଉଛି। ଏହି ରାସ୍ତା କାମ ଠିକ୍‌ଠାକ ହେଉ ନ ଥିବା ଦର୍ଶାଇ ଅଞ୍ଚଳବାସୀ ରାସ୍ତା କାମକୁ ମଙ୍ଗଳବାର ବନ୍ଦ କରି ଦେଇଥିଲେ। ଶରତଦେବ ମାର୍ଗ ବା ପ୍ରସ୍ତାବିତ ରାଜପଥ-୨୦ର ଚନ୍ଦନ ପୋଖରୀ ଛକଠାରୁ ନହୁଣୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ରାସ୍ତା ଉପରେ ପାଖାପାଖି ୧୫ରୁ ୨୦ ପଞ୍ଚାୟତର ଅଧିବାସୀ, ବ୍ଲକ୍, ତହସିଲ, ଥାନା, ଡାକ୍ତରଖାନା, କଲେଜ ଓ ବଜାର ଆଦିକୁ ଯାତାୟାତ ପାଇଁ ଦୈନିକ ଲୋକ ନିର୍ଭର କରିଥାନ୍ତି। ପଡ଼ୋଶୀ ଯାଜପୁର ଜିଲାକୁ ଯାତାୟାତ ପାଇଁ ଏହା ମଧ୍ୟ ମୁଖ୍ୟରାସ୍ତା ଅଟେ। ହେଲେ, ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ନିମ୍ନମାନର କାର୍ଯ୍ୟ ଯୋଗୁ ହାତ ମାରିଲେ ପିଚୁ ଉଠି ଯାଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହାବାଦ୍ ରାସ୍ତାରେ ପିଚୁ କିମ୍ବା ପ୍ରାଇମର୍ ମରାଯାଉ ନ ଥିବା, କାମ ସରିଥିବା ଓଳାଭର ତାରିଣୀ ଛକଠାରୁ କାଳୀପଡ଼ିଆ (କଲେଜ ପଡ଼ିଆ) ଶେଷ ପର୍ଯ୍ୟନ୍ତ ପିଚୁ ଉଠି ଯାଇଛି। କାମ ସମୟରେ ତଦାରଖ ପାଇଁ କୌଣସି ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀ ଉପସ୍ଥିତ ରହୁ ନ ଥିବା, କାର୍ଯ୍ୟର ସୂଚନାଫଳକ ନ ଥିବା ଆଦି ନେଇ ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଅଞ୍ଚଳବାସୀ କାମ ବନ୍ଦ କରିଦେଇଥିବା ଜଣାପଡିଛି। ମଧ୍ୟାହ୍ନରେ ଠିକାଦାର କାମ ଆରମ୍ଭ କରିବାରୁ କିଛି ସମୟ ପାଇଁ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ କାମ ବନ୍ଦ କରିବା ସହ ବିଭାଗୀୟ ଅଧିକାରୀ ଆସିଲେ କାମ ହେବ ବୋଲି କହିଥିଲେ। ମାତ୍ର ବିଭାଗୀୟ କୌଣସି ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ଓ ବିଭାଗୀୟ ମନ୍ତ୍ରୀ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳର ଯୁବ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡାଙ୍କୁ ପଚାରିବାରେ କାମ ଠିକ୍ ଚାଲିଛି, କାମ ହେଉଥିବା ସମୟରେ ରାସ୍ତାରେ ଗାଡ଼ି ଚଳାଚଳ କରିବା ଯୋଗୁ ପିଚୁ ଉଠିଯାଉଛି। ତେବେ ତାରିଣୀ ଛକରେ କାମ ଭଲ ହୋଇନାହିଁ। ସେଠାରେ ଆଉ ଏକ ଲେୟର୍ ପିଚୁ ଦିଆଯିବ ବୋଲି ସେ କହିଛନ୍ତି।

# ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ସଂଯୋଗକୁ ଗୁରୁତ୍ୱ




ସମୀକ୍ଷା ବୈଠକରେ ରାଜ୍ୟ ଖାଦ୍ୟ କମିଶନ ଓ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀ।

## ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା, ୫।୧୨ (ଜଗନ୍ନାଥ ଧଳ)

ରାଜ୍ୟ ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ କେନ୍ଦ୍ରାପଡ଼ା ଜିଲା ଶୁକ୍ରବାର ଗସ୍ତ କରି ଜିଲାପାଳଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ କରିଛନ୍ତି। ଜିଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷ ସାହୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ୨୦୧୩ ଆଧାରରେ ରାଶନକାର୍ଡ ବଣ୍ଟନକୁ ଗୁରୁତ୍ୱ ଦେଇଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦେବା ଓ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ଏଥିରେ ସଂଯୋଗ କରିବାକୁ ସେ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲା ସାମାଜିକ ସୁରକ୍ଷା ଅଧୀନରେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ଅପେକ୍ଷାରତ ଯୋଗ୍ୟ ହିତାଧିକାରୀଙ୍କୁ ଯୋଡିବା ଆବଶ୍ୟକ ବୋଲି କହିଛନ୍ତି। ଅଙ୍ଗନୱାଡି କେନ୍ଦ୍ର, ଆଶ୍ରମ ବିଦ୍ୟାଳୟ, ଡ୍ରପଆଉଟ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ପାଇଁ ପରାମର୍ଶ ଦେବା ସହ ଛତୁଆ ପ୍ରସ୍ତୁତ କେନ୍ଦ୍ରକୁ ନିୟମିତ ଯାଞ୍ଚ ପାଇଁ ଅଧ୍ୟକ୍ଷ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ ନବକ୍ରିଷ୍ଣ ଜେନା, ଜିଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲା ମୁଖ୍ୟ ଯୋଗାଣ ବିଭାଗ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତିଙ୍କ ସହ ବିଭାଗୀୟ ଅଧିକାରୀ ସାମିଲ ହୋଇଥିଲେ।

# କବିତା ସଙ୍କଳନ ବିଶ୍ୱର ଅସ୍ମିତା କାଳିଆ ଠାକୁର ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୫।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ କବି ତଥା ପରିବେଶବିତ୍ ଡା. ମନୋରଞ୍ଜନ ଦାଶଙ୍କ ଏକାଦଶତମ କବିତା ସଙ୍କଳନ 'ବିଶ୍ୱର ଅସ୍ମିତା କାଳିଆ ଠାକୁର' ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରାବନ୍ଧିକ ଅଧ୍ୟାପକ ଡ. ନୀଳମଣି ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାବର ଠାକୁର ପ୍ରଭୁ ଶ୍ରୀଜଗନ୍ନାଥ ହିଁ ଆମର ସ୍ୱାଭିମାନ ଆମର ଅସ୍ମିତା। ସର୍ବଧର୍ମର ସମନ୍ୱୟ କ୍ଷେତ୍ର ହେଉଛି ଶ୍ରୀକ୍ଷେତ୍ର। ମାନବବାଦର ଜୟଯାତ୍ରା କାହିଁ କେଉଁ କାଳରୁ ଏଠାରୁ ସୂତ୍ରପାତ ହୋଇଛି।

ଶ୍ରୀଜଗନ୍ନାଥଙ୍କ ଚକାନୟନକୁ ଚାହିଁ ଦେଲେ ଆପେ ଆପେ ଭାବ ଓ ଭାଷାର ବିନିମୟ ହୋଇଯାଏ। ତେଣୁ କବି ଡା. ଦାଶ କବିତା ସଙ୍କଳନରେ ବିଶ୍ୱର ଅସ୍ମିତା କାଳିଆ ଠାକୁରରେ ସମସ୍ତ ଭାବକୁ ଉଜ୍ଜିବୀତ କରିଛନ୍ତି। ସମ୍ମାନିତ ଅତିଥି ଭାବେ କବି ଗୌରହରି ବିଶ୍ୱାଳ ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱର ଆରାଧ୍ୟ ଦେବତା। ସେ ଶବ୍ଦ ବ୍ରହ୍ମ। ପ୍ରତ୍ୟେକ ଭାଷାର ଶବ୍ଦ ସୃଷ୍ଟି ହିଁ ତାଙ୍କର ପ୍ରେରଣାରୁ ହୋଇଛି। କବୟିତ୍ରୀ ମିନା କୁମାରୀ ସିଂହ ଓ କବୟିତ୍ରୀ ଗୀତାଞ୍ଜଳି ଦାଶ କବିତାଗୁଡ଼ିକୁ ସମୀକ୍ଷା କରିଥିଲେ। ଉକ୍ତ ଉତ୍ସବରେ କବୟିତ୍ରୀ ଅନୀତା ନନ୍ଦୀ, ଜ୍ୟୋତିର୍ମୟୀ ନନ୍ଦୀ, ସୁଜିତ ରାଉତ, ବିଶ୍ୱଜିତ୍ ଦାଶ ଓ ବଲ୍ଲଭ ଗୋଛୟତ ପ୍ରମୁଖ ଯୋଗଦେଇ କବିଙ୍କ କବିତାଗୁଡିକୁ ଆବୃତ୍ତି କରିଥିଲେ। ଅଭିରାମ ରାୟ ସ୍ୱାଗତ ସୂଚନା ଓ ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଦେଇଥିଲେ।



କବିତା ସଙ୍କଳନକୁ ଅତିଥିମାନେ ଲୋକାର୍ପିତ କରୁଛନ୍ତି।

# ସତ୍‌ମାର୍ଗରେ କର୍ମଯୋଗୀ ହେବାକୁ ଯୁବସମାଜକୁ ପରାମର୍ଶ

ରଘୁନାଥପୁର,୫।୧୨ (ରାଜେନ୍ଦ୍ର ନାରାୟଣ ସିଂହ)



ରଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ରାଧାକୃଷ୍ଣ ବେଶଧାରୀ ପିଲା।

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଚାନ୍ଦପୁରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗୀତା ଜ୍ଞାନଯଜ୍ଞ ମହୋତ୍ସବ ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଗୀତା ଜ୍ଞାନଯଜ୍ଞ କମିଟି ସମ୍ପାଦକ ବିଜୟ କୁମାର ସ୍ୱାଇଁ ଆୟୋଜିତ ସଭାରେ ପୌରୋହିତ୍ୟ କରିଥିଲେ। ଜଗତ୍‌ସିଂହପୁର ଜିଲାପାଳ ଜେ.ସୋନାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯୁବସମାଜ ଗୀତାକୁ ମାଧ୍ୟମ କରିବା ଜରୁରୀ। ଏଥିପାଇଁ ସତ୍‌ମାର୍ଗରେ ଯାଇ କର୍ମଯୋଗୀ ହେବାକୁ ଜିଲାପାଳ ସୋନାଲ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତାଭାବେ ଜଗତ୍‌ସିଂହପୁର ଏସ୍‌ପି ଅଙ୍କିତ କୁମାର ବର୍ମା ଯୋଗଦେଇ ଗୀତାର ବିଶ୍ୱ ଦର୍ଶନ ହିଁ ପୃଥିବୀର ରକ୍ଷାକବଚ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଇଂ.ପ୍ରଫୁଲ୍ଲ କୁମାର ଦାସ, ସମ୍ମାନିତ ଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଦେବହୁତି ପଟ୍ଟନାୟକ ଯୋଗଦେଇଥିଲେ। ଏହି ଅବସରରେ ଜିଲାପାଳଙ୍କୁ ଗୀତା ରତ୍ନ ଓ ଏସ୍‌ପିଙ୍କୁ ଗୀତା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିରେ ଡ.ରାଜକିଶୋର ବରାଳ, ରଘୁନାଥପୁର ଆଇଆଇସି ସୁଶାନ୍ତ କୁମାର ସେଠୀ, ଡ. ଶରତ ଚନ୍ଦ୍ର ରାଉତରାୟ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ସଦାଶିବ ବିଶ୍ୱାଳ, ପ୍ରାଧ୍ୟାପକ ଦେବେନ୍ଦ୍ର ବାରିକ, ପ୍ରଧାନ ଶିକ୍ଷକ ନିକୁଞ୍ଜ କିଶୋର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ପଞ୍ଚ ଦିବସୀୟ ଗୀତା ଯଜ୍ଞରେ କର୍ତ୍ତାକର୍ତ୍ତ୍ରୀ ଭାବେ କବିସୂର୍ଯ୍ୟ ସ୍ୱାଇଁ ଓ ମାନସୀ ସ୍ୱାଇଁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଅଜୟ କୁମାର ସ୍ୱାଇଁ, ଅଭୟ କୁମାର ସ୍ୱାଇଁ,ଆଶିଷ ରଞ୍ଜନ ସ୍ୱାଇଁ, ଗଣେଶ୍ୱର ଓଝା, ହେମନ୍ତ ବେହେରା, ଚିତ୍ତରଞ୍ଜନ ନାୟକ, ଦିଲ୍ଲିପ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ମହାବିଦ୍ୟାଳୟରେ ବେଟି ବଚାଓ, ବେଟି ପଢ଼ାଓ କର୍ମଶାଳା

ରାଜନଗର,୫।୧୨(ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀଶ୍ରୀଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ବେଟି ବଞ୍ଚାଅ, ବେଟି ପଢ଼ାଅ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର ଯୋଗଦେଇ ନାରୀ ଶିକ୍ଷାକ୍ଷେତ୍ରରେ କିପରି ଆଗୁଆ ରହୁଛନ୍ତି, ଚାକିରି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି ସେ ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମହାପାତ୍ର, ରାଜନଗର ସିଡିପିଓ ଦିପାଳୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡ. ଆଲୋକ ବେହେରା, ରାଜନୈତିକ ଅଧିକାର ଓ ସାମାଜିକ ସୁରକ୍ଷା ବିଷୟରେ ସଚେତନ କରାଇଥିଲେ ଅର୍ଥନୀତି ବିଭାଗ ଅଧ୍ୟାପକ ଅଭିଜିତ ଖୁଣ୍ଟିଆ ଅର୍ଥନୈତିକ ଅଧିକାର ଓ କନ୍ୟା ଶିକ୍ଷା ଦିଗରେ ସରକାରୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ଆକ୍ସିସ୍ ବ୍ୟାଙ୍କ୍ ଶାଖା ପରିଚାଳକ ବଳଭଦ୍ର ଦାସ, ବିଭିନ୍ନ ଅର୍ଥନୈତିକ କଲ୍ୟାଣ ଯୋଜନା ଯଥା - ସୁକନ୍ୟା ଯୋଜନାରେ କିପରି ଅଭିଭାବକମାନେ ଲାଭ ଉଠାଇ ପାରିବେ ସେ ବିଷୟରେ ଆଲୋଚନା କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଧନ୍ୟବାଦ ଦେଇଥିଲେ।

# ଗଳ୍ପ ସଙ୍କଳନ ମୂକସଖୀ ଉନ୍ମୋଚିତ



ଅତିଥିମାନେ ଗଳ୍ପ ସଙ୍କଳନ ମୂକସାଖୀକୁ ଉନ୍ମୋଚନ କରୁଛନ୍ତି।

କେନ୍ଦ୍ରାପଡ଼ା, ୫।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାର ଗାଳ୍ପିକ ମାତୃଦତ୍ତ ମହାନ୍ତିଙ୍କ ଗଳ୍ପ ସଙ୍କଳନ ମୂକସଖୀ ସହରର ଇଚ୍ଛାପୁରସ୍ଥିତ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରରେ ଶୁକ୍ରବାର ଉନ୍ମୋଚିତ ହୋଇଛି। ପ୍ରଥମେ ପୂଜାର୍ଚ୍ଚନା କରାଯାଇ ଗଳ୍ପ ସଙ୍କଳନକୁ ଶ୍ରୀଜୀଉଙ୍କୁ ଲାଗି କରାଯାଇଥିଲା। ପରେ ଅବସରପ୍ରାପ୍ତ ଶିକ୍ଷକ ଗୁରୁ କାଙ୍ଗାଳି ଚରଣ ବାରିକ ଓ ପୂର୍ବତନ ସୈନିକ ବ୍ରଜ କିଶୋର ସାହୁ ଅତିଥି ଭାବେ ଯୋଗଦେଇ ଗଳ୍ପ ସଙ୍କଳନର ଲୋକାର୍ପଣ କରିଥିଲେ। ବିଲୁପ୍ତ ପ୍ରାୟ କେନ୍ଦ୍ରାପଡ଼ା ଜିଲାର ସଖୀ କଣ୍ଢେଇ ପରମ୍ପରା ଓ ଏଥିପ୍ରତିବିମୁଖ ଯୁବପିଢ଼ିଙ୍କ ବିଚାରଧାରାକୁ ନେଇ ମୂକସଖୀ ଗଳ୍ପ ରଚନା କରାଯାଇଛି। ଗଳ୍ପ ସଙ୍କଳନଟିରେ ଭିନ୍ନ ଭିନ୍ନ ସ୍ୱାଦର ୧୪ ଗଳ୍ପ ରହିଛି। ପ୍ରତିଟି ଗଳ୍ପରେ ସାମାଜିକ ପରିବର୍ତ୍ତନ ଓ ବ୍ୟକ୍ତି ଜୀବନ ଉପରେ ଏହାର ପ୍ରଭାବ ସମ୍ପର୍କରେ ଗାଳ୍ପିକ ମହାନ୍ତି ଆଲୋକପାତ କରିଛନ୍ତି। ମନ୍ତ୍ର ପବ୍ଲିକେଶନ୍ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକ ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଲୋକାର୍ପଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ମହାପାତ୍ର, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ରଶ୍ମି ରଞ୍ଜନ ସ୍ୱାଇଁ, ମଳୟ ସାହୁ, ଜ୍ଞାନ ରଞ୍ଜନ ଦାସ, ଗୌତମ କୁମାର ସାହୁ, ପଙ୍କଜ ସିହ୍ନା ପ୍ରମୁଖ ଯୋଗଦେଇଥିଲେ। ପୂର୍ବରୁ ଗାଳ୍ପିକ ମହାନ୍ତିଙ୍କର ୪ଟି ଗଳ୍ପ ସଙ୍କଳନ ପ୍ରକାଶିତ ହୋଇଛି।

# ନୂତନ ବିଡିଓଙ୍କୁ ସରପଞ୍ଚ ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ରାଜନଗର,୫।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସଦ୍‌ଭାବନା ସଭାଗୃହରେ ରାଜନଗର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ନୂତନ ବିଡିଓ ତିଳୋତ୍ତମା ପୃଷ୍ଟିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଶୁକ୍ରବାର ଦିଆଯାଇଛି। ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱାଗତ ସଭାରେ ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, ସରପଞ୍ଚ ସଂଘର ସଭାପତି ଅଶୋକ କୁମାର ମହାନ୍ତି, ସରପଞ୍ଚ ନିରଞ୍ଜନ ରାଉତ, ସୁଶ୍ରୀ ସଙ୍ଗୀତା ମହାପାତ୍ର, ସସ୍ମିତା ମହାନ୍ତି, ଚିତ୍ତ ରଞ୍ଜନ ପଣ୍ଡା, ଶୈଳେନ୍ଦ୍ର ମିଶ୍ର, ରାଣୀ ମଞ୍ଜରୀ ସେଠୀ, ଦ୍ରୌପଦୀ ସେଠୀ, ସମୀର ସେଠୀ ପ୍ରମୁଖ ଯୋଗଦେଇ ନୂତନ ବିଡିଓ ପୃଷ୍ଟିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବ୍ଲକରେ ବିଡିଓ ପଦବୀଟି ଦୀର୍ଘଦିନ ଧରି ଖାଲି ପଡିଥିଲା। କେନ୍ଦ୍ରାପଡ଼ାରୁ ଡେପୁଟେଶନରେ ଆସି ଏବିଡିଓ ଅନିରୁଦ୍ଧ ବେହେରା ଅସ୍ଥାୟୀ ବିଡିଓ ଭାବେ କାର୍ଯ୍ୟ ସମ୍ପାଦନ କରୁଥିଲେ। ନୂତନ ବିଡିଓ ସମସ୍ତଙ୍କୁ ସାଙ୍ଗରେ ନେଇ ଠିକ୍ ଭାବେ ବ୍ଲକର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି ସରପଞ୍ଚ ସଂଘ ଆଶା କରିଛନ୍ତି ବୋଲି ସଂଘର ସଭାପତି ମହାନ୍ତି କହିଛନ୍ତି।

# ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ

ମାର୍ଶାଘାଇ,୫।୧୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ତହସିଲ ପକ୍ଷରୁ ଲୋକଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଉଛି।

ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଗାଁରେ ତହସିଲ କାର୍ଯ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ଦାସ ଉଦ୍‌ଘାଟନ କରି ଗ୍ରାମାଞ୍ଚଳ ଜନସାଧାରଣଙ୍କ ଏହି କାର୍ଯ୍ୟକ୍ରମ ଦ୍ୱାରା ବିବିଧ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ, ପଟ୍ଟା ବଣ୍ଟନ, ଇ-ପାଉତି ମାଧ୍ୟମରେ ରାଜସ୍ୱ ପୈଠ, ଦାଖଲ ଖାରଜ ମାମଲା, କିସମ ସ୍ୱତ୍ୱ ଓ ଜମି ପଟ୍ଟାର ପ୍ରଜାଖାନା ସଂଶୋଧନ ଓ ବସୁନ୍ଧରା ଯୋଜନା ମାଧ୍ୟମରେ ସ୍ଥାୟୀ ଘରଡ଼ିହ ପଟ୍ଟା ପ୍ରଦାନ, ବ୍ୟକ୍ତିଗତ ଓ ସାଧାରଣ ଅଭିଯୋଗଗୁଡ଼ିକର ଶୁଣାଣି ଓ ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୮ଟି ବ୍ୟକ୍ତିଗତ ଅଭିଯୋଗ, ୪୫ଟି ବିବିଧ ପ୍ରମାଣପତ୍ର ବଣ୍ଟନ,୨୭ ପ୍ରଜାଖାନା ସଂଶୋଧନ ପଟ୍ଟା ଆଦି ସମସ୍ୟାର ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ ବିକ୍ରମ କେଶରୀ ଦାଶ ରାଜସ୍ୱ ପରିଦର୍ଶକ ଅଭିମନ୍ୟୁ ସେଠୀ, ରାଜସ୍ୱ ନିରୀକ୍ଷକ ଜୟରାମ ବେହେରା, ଜୟଶ୍ରୀ ସାହୁ, ମକର ମାରାଣ୍ଡି, ଧୀରେନ କୁମାର ଦାସଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

# ଶିକ୍ଷାଦାନ ବ୍ୟାହତ, ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ଧାରଣା

ଡେରାବିଶ, ୫।୧୨(ବେବର୍ତ୍ତା ଅଜୟ ଦାସ)



ବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ରୀଛାତ୍ରମାନେ ଧାରଣା ଦେଇଛନ୍ତି।

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ପଲ୍ଲୀରଘୁନାଥପୁର ହନୁମାନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନରେ ବ୍ୟାଘାତ ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟ ଫାଟକ ସମ୍ମୁଖରେ ଶ୍ରେଣୀ ବର୍ଜନ କରି ଛାତ୍ରୀଛାତ୍ର ଧାରଣାରେ ବସିଥିଲେ।

ଏହି ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପରିତାପର ବିଷୟ ଆବଶ୍ୟକ ସଂଖ୍ୟକ ଶିକ୍ଷୟିତ୍ରୀଶିକ୍ଷକ ନ ଥିବା ସ୍ଥଳେ ମାତ୍ର ୪ ଜଣ ଶିକ୍ଷକରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ଚାଲିଛି। ବହୁ ସମୟରେ ଉକ୍ତ ୪ ଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ୨ଜଣ ଶିକ୍ଷକ ଛୁଟିରେ ରହିବା କାରଣରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ହୋଇପାରୁନାହିଁ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସରୋଜ କୁମାର ଜେନାଙ୍କ ନେତୃତ୍ୱରେ ସଭ୍ୟାସଭ୍ୟ ବିଇଓଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହା ପରିବର୍ତ୍ତେ ସେଠାରେ ନୂଆକରି ଯୋଗ ଦେଇଥିବା ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଧାରଣାରେ ବସିଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଏବିଇଓ ଖଗେଶ୍ୱର ନାୟକଙ୍କୁ ପଚାରିବାରୁ ଉକ୍ତ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର ହେବ ବୋଲି କହିଛନ୍ତି। ପରିଚାଳନା କମିଟି ଓ ଅଭିଭାବକମାନଙ୍କ ସହିତ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ଆବଶ୍ୟକ ସଂଖ୍ୟକ ଶିକ୍ଷକ ଦିଆଯିବାର ବ୍ୟବସ୍ଥା କରାଯିବାର ପ୍ରତିଶ୍ରୁତିଦିଆଯାଇଛିବୋଲିସେ କହିଛନ୍ତି।

# ୧୪୧୭ରୁ ୧୨୪୭ ଟ୍ରାନ୍ସଫର୍ମର ଚାରିପଟେ ପାଚେରି ନାହିଁ

ଜଗତ୍‌ସିଂହପୁର, ୫।୧୨ (ପ୍ରମୋଦ କୁମାର ନାୟକ)

**ବିଧାନସଭାରେ ଜଗତ୍‌ସିଂହପୁର ବିଧାୟକଙ୍କ ପ୍ରଶ୍ନର ଉତ୍ତର**

- ଦେଢ଼ ବର୍ଷରେ ମାତ୍ର ୨୧ଟି କାମ ହୋଇଛି
- ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଗାଁ ଓ ପଡ଼ାର ଉତ୍ତର ନାହିଁ

ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀ ଅଧୀନରେ ବର୍ତ୍ତମାନ ସୁଦ୍ଧା ୧୪୧୭ଟି ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମର ରହିଛି। ସେଥିରୁ ୧୨୪୭ ଚାରିପଟେ ପାଚେରି ହୋଇନାହିଁ। ୨୦୨୪ ଜୁନ ୧୨ରୁ ବର୍ତ୍ତମାନ ସୁଦ୍ଧା ନିର୍ବାଚନ ମଣ୍ଡଳୀରେ ମାତ୍ର ୨୧ଟି ଡିଷ୍ଟ୍ରିବ୍ୟୁଶନ ଟ୍ରାନ୍ସଫର୍ମର ଚାରିପଟେ ପାଚେରି କାର୍ଯ୍ୟ ସମାପ୍ତ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ବିଧାନସଭାରେ ଦର୍ଶାଇବା ପରେ ଟିପିସିଓଡିଏଲ୍‌ର ବେପରୁଆ ମନୋଭାବର ପ୍ରମାଣ ମିଳିଛି। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା କେତୋଟି ଟ୍ରାନ୍ସଫର୍ମର ଅଛି, କେତୋଟିର ପାଚେରି (ବାଉଣ୍ଡାରୀ ୱାଲ୍) କରାଯାଇ ନାହିଁ ତା'ର ଉତ୍ତର ମାଗିଥିଲେ। ବିଧାୟକଙ୍କ ଅନ୍ୟ ଏକ ପ୍ରଶ୍ନରେ ୨୦୨୪ ଜୁନ ୧୨ରୁ ବର୍ତ୍ତମାନ ସୁଦ୍ଧା କେତୋଟି ଟ୍ରାନ୍ସଫର୍ମର ଚାରିପଟେ ପାଚେରି କରାଯାଇଛି ତାର ତଥ୍ୟ ଦେବାକୁ କହିଥିଲେ। ଉପମୁଖ୍ୟମନ୍ତ୍ରୀ ସିଂଦେଓ ଏହାର ଉତ୍ତରରେ ଦର୍ଶାଇଛନ୍ତି, ଟିପିସିଓଡିଏଲ୍‌ଠାରୁ ପ୍ରାପ୍ତ ତଥ୍ୟ ଅନୁସାରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୨୪ଜୁନ ୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ୯ଟି (୧୬ କେଭିଏର ୭ ଓ ୨୫ କେଭିଏର ୨ଟି) ଟ୍ରାନ୍ସଫର୍ମର ଓ ୫୭୭ କିଲୋମିଟର କଣ୍ଡକ୍ଟର ଏବଂ କେବୁଲ ଚୋରି ଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୨.୩୯ ଲକ୍ଷ ଟଙ୍କା ହେବ। ମନ୍ତ୍ରୀଙ୍କ ଏହି ଉତ୍ତର ମିଳିଲା ପରେ ଚୋରିକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହା ପଛରେ ବିଭାଗୀୟ କର୍ମଚାରୀଙ୍କ ହାତ ଅଛି କି ନାହିଁ ତାହା ଉପରେ ତଦନ୍ତର ଆବଶ୍ୟକତା ଥିବା ଦାବି ହେଉଛି। ଏହାପରେ ବିଧାୟକ ଦାସ ଜଗତ୍‌ସିଂହପୁର ଜିଲାରେ ୨୦୨୪ ଜୁନ ୧୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେତେ କର୍ମଚାରୀ ଉଭୟ (ଶକ୍ତି ବିଭାଗ ଓ ଟାଟା ପାୱାର)ରେ ନିଯୁକ୍ତି ପାଇଛନ୍ତି ଓ କେତେଜଣ ଛଟେଇ ହୋଇଛନ୍ତି ତାର ଏକ ତାଲିକା ନିର୍ବାଚନ ମଣ୍ଡଳୀୱାରି ମାଗିଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଉଲ୍ଲେଖ କହିଛନ୍ତି, ଏହି ସମୟ ଅବଧି ମଧ୍ୟରେ ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍ (ଓପିଟିସିଏଲ୍) ତରଫରୁ ୧୦, ଟିପିସିଓଡିଏଲ୍ ଓ ଶକ୍ତି ବିଭାଗ ତରଫରୁ ଜଣେ ଲେଖାଏ ନିଯୁକ୍ତି ପାଇଛନ୍ତି। ଏହି ଅବଧି ମଧ୍ୟରେ ଜିଲାରେ ଉପରୋକ୍ତ ସଂସ୍ଥାଗୁଡିକର କୌଣସି କର୍ମଚାରୀ ଛଟେଇର ଶିକାର ହୋଇନାହାନ୍ତି। ଅନୁରୂପ ଭାବେ ବିଧାୟକ ଦାସ ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ସୁଦ୍ଧା କେଉଁ ଗ୍ରାମ ଓ ପଡାକୁ ବିଦ୍ୟୁତ ସଂଯୋଗ ହୋଇନାହିଁ ତା'ର ତାଲିକା ଜାଣିବାକୁ ଚାହିଁଥିଲେ। ଏହାର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ସିଂହଦେଓ ଦର୍ଶାଇଛନ୍ତି, ଟିପିସିଓଡିଏଲ୍‌ଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ନିର୍ବାଚନମଣ୍ଡଳୀର ସମସ୍ତ ରାଜସ୍ୱ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇସାରିଛି। ବିଦ୍ୟୁତୀକରଣ ହୋଇ ନ ଥିବା ବଳକା ପରିବାରଗୁଡ଼ିକୁ ଚିହ୍ନଟ କରିବା ପାଇଁ ସର୍ଭେ କାର୍ଯ୍ୟ ଚାଲୁରହିଛି। ସର୍ଭେ ମାଧ୍ୟମରେ ଚିହ୍ନଟ ହୋଇଥିବା ପରିବାରକୁ ଡିଷ୍ଟ୍ରିକ୍ଟ ଇଲେକ୍ଟ୍ରି କମିଟି (ଡିଇସି)ର ଅନୁମୋଦନକ୍ରମେ ରାଜ୍ୟ ସରକାରଙ୍କ ଯୋଜନାରେ ବିଦ୍ୟୁତୀକରଣ କରାଯାଉଛି। କିନ୍ତୁ ଗ୍ରାମ ଓ ପଡା ଗ୍ରାମ ବିଷୟରେ କୌଣସି ତଥ୍ୟ ଦେଇ ନ ଥିଲେ।

## ସଂକ୍ଷେପରେ

### ଆଇସିଡିଏସ୍, ତହସିଲ, ବ୍ଲକ କାର୍ଯ୍ୟ ସମୀକ୍ଷା କଲେ ୨ ଅଧିକାରୀ

ଶେରଗଡ଼,୫।୧୨(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡରେ ଶୁକ୍ରବାର ଅପରାହ୍ନରେ ଅତିରିକ୍ତ ଜିଲାପାଳ ପ୍ରମୋଦ ପୃଷ୍ଟି ପହଞ୍ଚି ଆଇସିଡିଏସ, ତହସିଲ ଓ ବ୍ଲକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସକାଳେ ଭଞ୍ଜନଗର ଉପଜିଲାପାଳ ଉମାଶଙ୍କର ବେହେରା ତହସିଲ ଓ ପରେ ଅତିରିକ୍ତ ଜିଲାପାଳ ପୃଷ୍ଟି ବ୍ଲକରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ୯ଟି ସର୍କଲର ଖଜଣା ଆଦାୟ, ଜମିଜମା ପଡି ରହିଥିବା ଜମିଜମା ମାମଲାର ତୁରନ୍ତ ସମାଧାନ କରିବାକୁ ଉପଜିଲାପାଳ ବେହେରା ପରାମର୍ଶ ଦେଇଥିଲେ। ଏହି ସମୟରେ ତହସିଲଦାର ତ୍ରିବେଦ ରଥ, ଅତିରିକ୍ତ ତହସିଲଦାର ଲକ୍ଷ୍ମୀପ୍ରିୟା ନାୟକ ଉପସ୍ଥିତ ଥିଲେ। ବ୍ଲକର ଯୋଗାଣ ବିଭାଗ, ସାମାଜିକ ସୁରକ୍ଷା , ଉନ୍ନୟନ, ଜଳ ପରିମଳ,ଏମ୍‌ଜିଏନଆରଇଜିଏସ, ଶ୍ରମ ବିଭାଗ ସହ ଅନ୍ୟାନ୍ୟ ବିଭାଗର କାର୍ଯ୍ୟ ସମୀକ୍ଷା ହୋଇଥିଲା। ବିଭିନ୍ନ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ। ବିଡିଓ ତୃପ୍ତିମୟୀ ଜେନା ,ଏବିଡିଓ ସୁଧାଂଶୁ ଶେଖର ତରାଇଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅତିରିକ୍ତ ଜିଲାପାଳ ପୃଷ୍ଟି ସୁଭଦ୍ରା ଯୋଜନା, ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକର ପ୍ରତିଦିନ ତଦାରଖ କରିବା, ଶିଶୁମାନଙ୍କ ଉପଯୁକ୍ତ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ।

### ଧର୍ମ ପରାୟଣାଙ୍କ ପରଲୋକ

ଆସିକା,୫।୧୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ଏନଏସି ହରିହର ନଗରର ଧର୍ମ ପରାୟଣା ମହିଳା ନଳିନୀ ପ୍ରଭା ଦାସ (୮୬)ଙ୍କ ଶୁକ୍ରବାର ଅପରାହ୍ନରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର ସମବାୟ କେନ୍ଦ୍ର ବ୍ୟାଙ୍କ ପୂର୍ବତନ ସଭାପତି ସୂର୍ଯ୍ୟନାରାୟଣ ଦାସ, ତରୁଣ ଦାସ ଏବଂ ପୁତ୍ରବଧୂ ଓ ନାତିନାତୁଣିମାନେ ଉପସ୍ଥିତ ଥିଲେ । ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଋଷିକୁଲ୍ୟା ଓ ବଡନଦୀର ସଂଗମସ୍ଥଳରେ ସଂସ୍କାର କରାଯାଇଛି ।

### ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

ଆର. ଉଦୟଗିରି,୫।୧୨(ମନୋଜ କୁମାର ପାଢୀ

ଗଜପତି ଜିଲା ଆର. ଉଦୟଗିରି ବ୍ଲକ ସଦର ମହକୁମାସ୍ଥିତ ବିଇଓଙ୍କ କାର୍ଯ୍ୟାଳୟରେ ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ବିଇଓ ବୀରେନ୍ଦ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୫୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଡିଓ, ଶିଶୁ ବିକାଶ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ସମାଜିକ କର୍ମୀ ଓ ସରପଞ୍ଚ ଉପସ୍ଥିତ ଥିଲେ। ଏହିଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ସେମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ , ମିୟୁଜିକ ଚେୟାର ପ୍ରତିଯୋଗିତା ହୋଇଥିଲା। କୃତୀ ଦିବ୍ୟାଙ୍ଗଙ୍କୁ ପୁରସ୍କୃତ କରାଯାଇଥିଲା।

### ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା

ଗଞ୍ଜାମ,୫।୧୨(ବିଦ୍ୟାଧର ସାହୁ)

ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବିଇଓ ପ୍ରଶନ୍ନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍‌ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ମୁଖ୍ୟବକ୍ତା ଗୋପାଳକୃଷ୍ଣ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ବେହେରା, ଏବିଇଓ ସଂଯୁକ୍ତା କୁମାରୀ ବେହେରା, ଏବିଇଓ ବିନିତା କୁମାରୀ ମିଶ୍ର ମଞ୍ଚାସିନ ହେବା ସହ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ୩ ବର୍ଗ ଯଥା ପ୍ରାକ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ତିନୋଟି ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷତ କାମନା କରାଯାଇଥିଲା। ସିଆରସିସି ନିରଞ୍ଜନ ମୁଦୁଲି ସଂଯୋଜନା କରିଥିବା ବେଳେ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିନ୍ଦୂରିଆରେ ଫେରିବାଲାଙ୍କ ସଂଖ୍ୟା ବୃଦ୍ଧି



ନୟାଗଡ଼,୫।୧୨(ଲୋକନାଥ ମିଶ୍ର)

- ବାଂଲାଦେଶୀ ନା ପଶ୍ଚିମବଙ୍ଗ ବାସିନ୍ଦା ଜାଣି ହେଉନି
- ହରେକମାଲ ବିକ୍ରି ବୁଡ଼ାଇଲାଣି ଦୋକାନୀଙ୍କ ବ୍ୟବସାୟ
- କାହାର ହିସାବ ରଖୁନି ପୋଲିସ

ନୟାଗଡ ସହର ଉପକଣ୍ଠ ସିନ୍ଦୂରିଆରେ ଫେରି ବାଲାଙ୍କ ସଂଖ୍ୟା ବଢ଼ି ଚାଲିଛି। ସମ୍ପୃକ୍ତ ଫେରିବାଲା ବାଂଲାଦେଶୀ ନା ପଶ୍ଚିମବଙ୍ଗ ବାସିନ୍ଦା ଜାଣିହେଉନାହିଁ। ଅଧିକ ଭଡା ଦେଉଥିବାରୁ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ଘର ଦେବାକୁ ଆଗ୍ରହୀ ହେଉଛନ୍ତି। ଏମାନଙ୍କ ରହଣି ଓ ହରେକମାଲ ବେପାର ଯୋଗୁ ଜିଲାର ବିଭିନ୍ନ ସ୍ଥାନରେ ଦୋକାନ କରିଥିବା ଲୋକଙ୍କ ବ୍ୟବସାୟ କମିବାରେ ଲାଗିଛି। ସ୍ୱଳ୍ପ ଲାଭ ରଖି ହରେକମାଲରେ ଶାଢ଼ି, ଲୁଗା, କମ୍ବଳ, ବାସନକୁସନ ଓ ବାଲ୍ ବଦଳିଠାରୁ ଆରମ୍ଭ କରି ବିଭିନ୍ନ ଉପକରଣ ବିକ୍ରି ପରେ ସ୍ଥାନୀୟ ବ୍ୟବସାୟୀମାନେ ହାତ ବାନ୍ଧି ବସିଲେଣି। କିଏ ଆସୁଛି, କିଏ ଯାଉଛି ପୋଲିସ ପାଖରେ ଖବର ନାହିଁ। ଯଦି କିଛି ଅଘଟଣ ଘଟେ ସେତେବେଳେ କିଏ ଦାୟୀ ରହିବ ପ୍ରଶ୍ନ ଉଠିଲାଣି। ସିନ୍ଦୂରିଆ ପଞ୍ଚାୟତ ବେବର୍ତ୍ତାପଲ୍ଲୀ ରୋଡ୍‌ରେ ୨୦ରୁ ଊର୍ଦ୍ଧ୍ୱ ରହୁଥିବାବେଳେ ସିନ୍ଦୂରିଆର କବର ସ୍ଥାନ, ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ନିକଟସ୍ଥ, ପାଟଣାସାହି, ମହାନ୍ତି ସାହି ଓ ବଣିଆ ସାହିରେ ୫୦ରୁ ଊର୍ଦ୍ଧ୍ୱ ଫେରିବାଲାଙ୍କୁ ଦେଖିବାକୁ ମିଳୁଛି। ଏମାନେ ପ୍ରାୟ ୨୧ ବର୍ଷ ହେଲା ସିନ୍ଦୂରିଆରେ ରହି ଆସୁଛନ୍ତି। ବେବର୍ତ୍ତାପଲ୍ଲୀ ରୋଡ୍‌ରେ ଏବେ ଚାହିଦା ବଢ଼ୁଛି। ୨ ବଖରା ଭଡ଼ା ନେଇ ଗୋଟିକରେ ଗୋଦାମ ଓ ଅନ୍ୟଟିରେ ରହୁଛନ୍ତି। ଗୋଟିଏ ବଖରାରେ ୪ରୁ ୧୦ ଜଣ ଲେଖାଏ ରହୁଛନ୍ତି। ଦୁଇଟି ବଖରାକୁ ୧୦ରୁ ୧୫ ହଜାର ଭଡ଼ା ଦେଉଛନ୍ତି। ସ୍ୱଳ୍ପ ଘରକୁ ଅଧିକ ଦାମରେ ଭଡ଼ା ମିଳୁଥିବାରୁ ମାଲିକ ଖୁସ୍। ସେପଟେ ସ୍ୱଳ୍ପ ଦାମରେ ଉପକରଣ ବିକ୍ରିକରି ଫେରିବାଲା ଭଲ ଲାଭ କମାଇ ପାରୁଛନ୍ତି। ଫେରିବାଲାମାନେ ସାଧାରଣତଃ ବର୍ଷାଋତୁରେ ନିଜ ଅଞ୍ଚଳକୁ ପଳାଇଯାଉଛନ୍ତି। ଅନ୍ୟଦିନରେ ସିନ୍ଦୂରିଆରେ ରହି ସେମାନଙ୍କର ବ୍ୟବସାୟ ଚଳାଇ ଆସୁଛନ୍ତି।

### ଭଡ଼ାରେ ଭୋଟର ତାଲିକାରେ ନାଁ

ସିନ୍ଦୂରିଆରେ ଫେରିବାଲାମାନେ ରହି ସେମାନଙ୍କର ନାଁ ଭୋଟର ତାଲିକାରେ ଉଠାଇ ସାରିଲେଣି ବୋଲି ଅଭିଯୋଗ ହେଉଛି। ପଞ୍ଚାୟତ ନିର୍ବାଚନରେ ଏମାନେ ଭୋଟ ଦେଉଛନ୍ତି। ପ୍ରଶ୍ନ ଉଠୁଛି ନୟାଗଡ଼ ଜିଲାର ବାସିନ୍ଦା ନ ହୋଇ ସ୍ଥାୟୀ ପ୍ରମାଣପତ୍ର ନ ଥାଇ ସେମାନଙ୍କର ନାଁ ଭୋଟର ତାଲିକାରେ ଉଠିଲା କିପରି। ସେମାନଙ୍କୁ କାହିଁକି ଭୋଟର ତାଲିକାରେ ନାଁ ଉଠାଣ ପାଇଁ ପ୍ରୋତ୍ସାହନ ଦିଆଯାଉଛି। ପ୍ରଶାସନ, ପୋଲିସ ସେମାନଙ୍କ ପାଇଁ କ'ଣ ପଦକ୍ଷେପ ନେଇଛି। ସେମାନେ କେଉଁଠାର ବାସିନ୍ଦା ବୋଲି ପ୍ରଶାସନ ଜାଣିନାହିଁ। ଯଦି ଜାଣିଛି ସେମାନେ ଭଡା ଘରେ ରହୁଥିବାବେଳେ ଥାନାଠାରୁ ଅନୁମତି ନେଉଛନ୍ତି କି। ଫେରିବାଲାଙ୍କ ଉପରେ ଅନେକ ପ୍ରଶ୍ନ ଉଠୁଥିବାବେଳେ ଜିଲା ଓ ବ୍ଲକ ପ୍ରଶାସନ ଆଖି ବୁଜି ଦେଇଛି। ପୋଲିସ ପ୍ରଶାସନ ମଧ୍ୟ ନୀରବତା ଅବଲମ୍ବନ କରୁଛି। ୨୧ ବର୍ଷ ହେଲା ଏଭଳି ସ୍ଥିତି ଲାଗି ରହିଥିବାବେଳେ ଆଗାମୀ ଦିନରେ ଏହା କିଛି ଯେ ଅସୁବିଧା ନ ଘଟାଇପାରେ କହି ହେଉନାହିଁ।

### ତଦନ୍ତର ସମ୍ମୁଖୀନ ହେଲେଣି ୧୦୦ରୁ ଊର୍ଦ୍ଧ୍ୱ

ଏସ୍‌ପି ଏସ୍. ସୁଶ୍ରୀଙ୍କ ସୂଚନା ଅନୁସାରେ ନୟାଗଡ଼ ଜିଲାରେ ବାଂଲାଦେଶୀ ଅଛନ୍ତି କି ନାହାନ୍ତି ତା'ର ତଦନ୍ତ ହେଉଛି। ୧୦୦ ରୁ ଊର୍ଦ୍ଧ୍ୱ ତଦନ୍ତ ପରିସରଭୁକ୍ତ ହେଲେଣି। ଓଡଗାଁ, ନୂଆଗାଁ ଓ ଇଟାମାଟିରେ ଥିବା ଫେରିବାଲାଙ୍କର ତଦନ୍ତ ହୋଇଛି। ତେବେ ଓଡ଼ଗାଁର ୧୪ ଜଣଙ୍କ ମଧ୍ୟରୁ ୭ଜଣ ପଶ୍ଚିମବଙ୍ଗ ପଳାଇ ଯାଇଛନ୍ତି। ସେମାନଙ୍କୁ ତଡ଼ାଯାଇନାହିଁ। ତେବେ ଏଯାବତ କେହି ବାଂଲାଦେଶୀ ଚିହ୍ନଟ ହୋଇନାହାନ୍ତି। ଭୟଭୀତ ହେବାର ପ୍ରଶ୍ନ ଉଠୁନାହିଁ। ଅର୍ଡର ମୁତାବକ ଭେରିଫିକେଶନ ଚାଲିଛି ବୋଲି କହିଛନ୍ତି। ସେହିପରି ନୟାଗଡ଼ ଟାଉନ ଥାନା ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ କୁହନ୍ତି, ସିନ୍ଦୂରିଆରେ ରହୁଥିବା ଫେରିବାଲାଙ୍କର ଖୁବ୍ ଶୀଘ୍ର ତଦନ୍ତ କରାଯିବ। ସେମାନେ କେଉଁ ଅଞ୍ଚଳର ବୋଲି ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସନ୍ଦିପନ ବିଦ୍ୟାନିକେତନରେ ବିଜ୍ଞାନମେଳା



ଚିକିଟି, ୫।୧୨(ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ନୂଆପଡା ଗ୍ରାମସ୍ଥିତ ସାନ୍ଦୀପନି ବିଦ୍ୟା ନିକେତନ ପରିସରରେ ଅନୁଷ୍ଠାନର ୨୫ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ଇପାରି ସୀମାଞ୍ଚଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନୂଆପଡା ସରକାରୀ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଜି. ସଦାନନ୍ଦ, ସମ୍ମାନିତ ଅତିଥିଭାବେ ବିଜ୍ଞାନ ଶିକ୍ଷକ ରଂଜନ କୁମାର ରଥ ଅନୁଷ୍ଠାନର ସଭାପତି ଏସ୍. ନାଗଭୂଷଣ ପ୍ରମୁଖ ଯୋଗଦେଇ ବିଜ୍ଞାନ ସମାଜରୁ ଅଜ୍ଞତା ଓ ଅନ୍ଧବିଶ୍ୱାସ ଦୂର କରିଛି ବୋଲି କହିଥିଲେ। ବିଜ୍ଞାନ ମେଳାରେ ଅନୁଷ୍ଠାନର ୬୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପକୁ ଅସେନ୍ତା ଜାନୁଆରୀରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ପ୍ରଧାନଆଚାର୍ଯ୍ୟ ଅଜିତ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଗୁରୁଜୀ ବିବେକାନନ୍ଦ ପଟନାୟକ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ଗୁରୁମା ରଶ୍ମିରେଖା ପଣ୍ଡା, ସସ୍ମିତା ଜେନା, ଗୁରୁଜୀ ସନ୍ତୋଷ କୁମାର ବେହେରା, ରଂଜନ କୁମାର ବାଡ଼ତ୍ୟା, ସନ୍ତୋଷ କୁମାର ବେଜ, ଉମାକାନ୍ତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଶୀତ ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି

## ମା'ପଞ୍ଚଖଣ୍ଡାଙ୍କ ପୀଠରେ ପୂଜାର୍ଚ୍ଚନା ଆରମ୍ଭ

ଦାରିଙ୍ଗବାଡ଼ି, ୫।୧୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଜାନୁୟାରୀ ୮ ଠାରୁ ୧୧ ପର୍ଯ୍ୟନ୍ତ ୪ ଦିନ ଧରି ଶୀତ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ କମିଟିର ସମ୍ପାଦକ ତଥା ବିଡ଼ିଓ ପ୍ରୀତିରଞ୍ଜନ ରଥ ଶୁକ୍ରବାର ମା'ପଞ୍ଚାଖଣ୍ଡାଙ୍କ ପୀଠରେ ପୂଜାର୍ଚ୍ଚନା କରିବା ସହ ଦିନ ଘୋଷଣା କରିଛନ୍ତି। ଏଥିସହ ମହୋତ୍ସବ ପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହର ଶୁଭାରମ୍ଭ କରିଛନ୍ତି। ଏଥିରେ ବ୍ଲକ୍ ବରିଷ୍ଠ ନାଗରିକ ସଙ୍ଘର ସମ୍ପାଦକ ପତିତପାବନ ରାଉତ ପ୍ରଥମ ପାଣ୍ଠି ଦାନ କରିଛନ୍ତି। ଏକ ଦଶନ୍ଧି ଧରି ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଚଳିତ ବର୍ଷ ଅନ୍ୟ ବର୍ଷ ତୁଳନାରେ ଆହୁରି ବ୍ୟାପକ ଓ ଉତ୍ସବ ମୁଖର କରିବାକୁ ବିଡ଼ିଓ ଘୋଷଣା କରିଛନ୍ତି। ଜିଲାପ୍ରଶାସନ, କନ୍ଧମାଳ ଏମ୍‌ପି ଏବଂ ଜିଲା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହ ଅଞ୍ଚଳର ହୋଟେଲ, ବଣିକ ସଙ୍ଘ ସମେତ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ମହୋତ୍ସବକୁ ଧୁମ୍‌ଧାମରେ ପାଳନ ପାଇଁ ଯୋଜନା ରହିଥିବା ବିଡ଼ିଓ କହିଛନ୍ତି। ଏହି ପୂଜାର୍ଚ୍ଚନା ସମୟରେ ବ୍ଲକ୍ ଅଧକ୍ଷ ସୁଶାନ୍ତ ପ୍ରଧାନ, ଅତିରିକ୍ତ ତହସିଲଦାର ଦୁଃଶାସନ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ ରଥ, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ପ୍ରଧାନ, ବିପିସି ଜଗନ୍ନାଥ ରଥ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ରାଜସ୍ୱ ନିରୀକ୍ଷକ ଦୁର୍ଗା ପ୍ରସାଦ ପ୍ରଧାନ, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପତିତପାବନ ରାଉତ, ଭାଜପା ମଣ୍ଡଳ ସଭାପତି ମିଟୁ ସାହୁ, ହୋଟେଲ ସଙ୍ଘର ଦିଲୀପ ସାହୁ, ଭାଲୁ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ନୀଳମାଧବ ଜୀଉଙ୍କ ଚନ୍ଦନପୋଖରୀ ପ୍ରଦୂଷିତ



ପୋଖରୀରେ ପଦ୍ମ ଓ କଇଁପତ୍ର ।

ଖଣ୍ଡପଡା,୫।୧୨(ଅଜୟ କୁମାର ମହାରଣା)

### ବିକାଶ ପ୍ରକଳ୍ପ କାର୍ଯ୍ୟକୁ ନେଇ ଅସନ୍ତୋଷ

ନୟାଗଡ଼ ଜିଲା କଣ୍ଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନପୋଖରୀ ପ୍ରଦୂଷିତ ହୋଇଛି। ବିଗତ ସରକାରଙ୍କ ସମୟରେ ନୀଳମାଧବ ଜୀଉଙ୍କ ବିକାଶ ପ୍ରକଳ୍ପ ଲକ୍ଷ୍ୟରେ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରାଯାଇ ୧୮ ମାସ ମଧ୍ୟରେ କାର୍ଯ୍ୟ ଶେଷ ହେବାକୁ ଘୋଷଣା କରାଯାଇଥିଲା। ମାତ୍ର ୧୮ ମାସ ପରିବର୍ତ୍ତେ ୪୨ ମାସ ବିତିଲା, ତେବେ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏହି ଅନୁଦାନ ଅର୍ଥରେ ଅନେକ ନବୀକରଣ କାର୍ଯ୍ୟ ଆଖିଦୃଶିଆ ଭାବରେ ହୋଇଛି , ଯାହାକି ପର୍ଯ୍ୟଟକମାନଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ । ତାହା ହେଉଛି ନୀଳମାଧବ ମନ୍ଦିର ଉପରକୁ ନିର୍ମାଣାଧୀନ (ସ୍କାଏ ବ୍ରିଜ୍ ଲିଫ୍ଟ)। ଅପରପକ୍ଷରେ ଏହି ବିକାଶ ପ୍ରକଳ୍ପରେ ଚନ୍ଦନପୋଖରୀର ନବୀକରଣ କାର୍ଯ୍ୟ ସହ ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବା ଲାଗି ରହିଥିଲା ; ଯାହାକି ଅନିୟମିତ ଭାବରେ ସମ୍ପନ୍ନ କରାଯାଇ ପାଣି ଭରି ଦିଆଯାଇଛି। ଠିକ୍ ଭାବରେ ପଙ୍କ ଉଠାଯାଇ ନ ଥିବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲେ ମଧ୍ୟ ଠିକାସଂସ୍ଥା ଅଭିଯୋଗ ପ୍ରତି କର୍ଣ୍ଣପାତ କରି ନ ଥିଲା। ତେବେ ପୋଖରୀରେ ପାଣି ଭରିବା ପରେ ଏବେ ପଙ୍କ ମଧ୍ୟରୁ ପଦ୍ମ ଓ କଇଁ କାୟାବିସ୍ତାର କରିବା ସହ ଏହାର ଚତୁଃପାର୍ଶ୍ୱରୁ ପଡୁଛି ଅଇଁଠା ଖଲି, ଠୁଙ୍ଗା, ଅଳିଆ, ଆବର୍ଜନା ଓ ନିଶାସକ୍ତଙ୍କ ଚାଖେଣା ପଲିଥିନ୍, ଠୁଙ୍ଗା ଓ ମଦ ବୋତଲ। ଏହାକୁ ନେଇ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନଯାତ୍ରା ଅକ୍ଷୟ ତୃତୀୟାଠାରୁ ୨୧ଦିନ ବ୍ୟାପୀ ହୋଇ ଆସୁଛି । ଏହି ସମୟରେ ପ୍ରତ୍ୟହ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ ଓ ଲକ୍ଷ୍ମୀ ସରସ୍ୱତୀ, ଶିବ ପାର୍ବତୀ ପୃଥକ୍ ବିମାନରେ ଆରୂଢ଼ ହୋଇ ଜଳକ୍ରୀଡା କରିବା ପାଇଁ ଚନ୍ଦନପୋଖରୀକୁ ବିଜେ ହୋଇଥାନ୍ତି। ଦୁଇଟି ବଡ ବଡ ଚାପ ଡଙ୍ଗାରେ ଠାକୁରଙ୍କ ଜଳକ୍ରୀଡା ନୀତି ସମ୍ପନ୍ନ ହୋଇଥାଏ । ତେବେ ପୋଖରୀଟି ଦୀର୍ଘ ବର୍ଷରୁ ପରିତ୍ୟକ୍ତ ତଥା ଦଳ ଓ ପଦ୍ମବଣରେ ପରିପୂର୍ଣ୍ଣ ହୋଇଥିବାରୁ ବିଗତ ବର୍ଷଗୁଡ଼ିକରେ ଠାକୁରଙ୍କ ଚାପ ନୀତିରେ ସମସ୍ୟା ସୃଷ୍ଟି ହୋଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଦାନ ରାଶି ମଞ୍ଜୁର ହୋଇ ଏହି ପ୍ରକଳ୍ପ ମଧ୍ୟରେ ଚନ୍ଦନପୋଖରୀର ପୁନରୁଦ୍ଧାର ଓ ନବୀକରଣ କାର୍ଯ୍ୟ କରାଯାଇଛି। ପଦ୍ମବଣରେ ପରିପୂର୍ଣ୍ଣ ଥିବା ପୋଖରୀର ପଙ୍କକୁ ଜେସିବ ଦ୍ୱାରା ଖୋଳାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ପଙ୍କକୁ ପୁନର୍ବାର ପୋଖରୀରେ ବିଛାଯାଇ ପାଣି ଭରି ଦିଆଯିବାକୁ ନେଇ ସାଧାରଣରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଅଭିଯୋଗ ପ୍ରତି କାର୍ଯ୍ୟନିର୍ବାହୀ ସଂସ୍ଥା କର୍ଣ୍ଣପାତ କରି ନ ଥିଲା । ଏ ଚନ୍ଦନପୋଖରୀ କାର୍ଯ୍ୟ ସହ ବିକାଶ ପ୍ରକଳ୍ପର କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବା ଦିଗରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

### ନାଡ଼ାପାଟାଙ୍ଗ, ମାଣିକୁଟିକୁ ନୂତନ ପଞ୍ଚାୟତ କରିବା ପାଇ ଦାବିପତ୍ର

ବାଲିଗୁଡ଼ା, ୫।୧୨(ସଞ୍ଜୟ ପାଣିଗ୍ରାହୀ)

ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାରଖମା ପଞ୍ଚାୟତର ନାଡ଼ାପାଟାଙ୍ଗ ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ମାଣିକୁଟିକୁ ନୂତନ ପଞ୍ଚାୟତ କରିବା ପାଇଁ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପ୍ରଦାନ କରାଯାଇଛି। ଏନେଇ ଏକ ଶୋଭାଯାତ୍ରା ଉପଜିଲାପାଳ କାର୍ଯ୍ୟାଳୟକୁ ଯାଇଥିଲା। ବାରଖମା ପଞ୍ଚାୟତ ଓ ସିନ୍ଦ୍ରିଗାଁ ପଞ୍ଚାୟତର ଅନେକ ଗ୍ରାମ ବଣପାହାଡ଼ ଓ ନଦୀନାଳରେ ଅଙ୍କାବଙ୍କା ଘାଟି ରାସ୍ତା ରହିଛି। ପ୍ରାୟ ୫କିମି ଦୂରତା ରାସ୍ତାରୁ ଘାଟି, ବଣପାହାଡ଼ ନଦୀନାଳ ଦେଇ ହିତାଧିକାରୀ ଭତ୍ତା, ପିଡିଏସ ଚାଉଳ ଇତ୍ୟାଦି ପାଇଁ ପଞ୍ଚାୟତକୁ ଆସିଥାନ୍ତି। ରାସ୍ତାଘାଟ ଓ ନେଟୱାର୍କ ନାହିଁ। ପଞ୍ଚାୟତର ଉନ୍ନତି ନିମନ୍ତେ ଆସିଥିବା ଅନୁଦାନ ରାସ୍ତାଘାଟ, ପାନୀୟଜଳ ସୁବିଧା ନେଟୱାର୍କ ସୁବିଧା ଓ ବିଭିନ୍ନ କାର୍ଯ୍ୟର ବିକାଶ ହୋଇପାରୁନାହିଁ।

### ବେଆଇନ ବାଲିଘାଟରେ ଚଢ଼ାଉ

ଆସିକା,୫।୧୨(ସୁରେନ୍ଦ୍ର ନାଥ ସାହୁ):

ଆସିକା ତହସିଲର କେନ୍ଦୁପଦର ଗ୍ରାମ ସଂଲଗ୍ନ ଋଷିକୁଲ୍ୟା ନଦୀର ବେଆଇନ ବାଲି ଘାଟ ଉପରେ ଶୁକ୍ରବାର ସକାଳେ ଖଣି ବିଭାଗ ପକ୍ଷରୁ ପୋଲିସ ଓ ସ୍ଥାନୀୟ ରାଜସ୍ୱ ବିଭାଗର ସହାୟତାରେ ଚଢାଉ କରାଯାଇଥିଲା। ସେଠାରୁ ୪ଟି ହାଇୱା ଓ ୨ଟି ଜେସିବି ମେଶିନ ଜବତ କରାଯାଇଛି। ଜବତ ହାଇୱାକୁ ଓ ଜେସିବିକୁ ଖଣି ବିଭାଗ ପକ୍ଷରୁ ଆସିକା ପୋଲିସ ଜିମାରେ ଦିଆଯାଇଥିବା ଥାନା ଅଧିକାରୀ କୁଳମଣି ସେଠୀ କହିଛନ୍ତି। ଚଢାଉରେ ଖଣି ବିଭାଗ ଅଧିକାରୀଙ୍କ ସହ ଆସିକା ଓ କୋଟିନଡା ଥାନାଧିକାରୀ ଏବଂ ଅତିରିକ୍ତ ତହସିଲଦାର ସାମିଲ ଥିଲେ।

# ୮ ଏକର ଗଞ୍ଜେଇ ଗଛ ନଷ୍ଟକଲା ପୋଲିସ

ତୁମୁଡିବନ୍ଧ,୫।୧୨(ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲାରେ ନୀଳ ଜହର ଅପରେଶନ ଜୋରଦାର ଜାରି ରହିଥିବାବେଳେ ବେଆଇନ ଭାବେ କରାଯାଇଥିବା ୮ ଏକର ପରିମିତ ଜାଗାର ପ୍ରାୟ ୭ କୋଟି ଟଙ୍କାର ଗଞ୍ଜେଇ ଗଛ ତୁମୁଡିବନ୍ଧ ପୋଲିସ ନଷ୍ଟ କରିଛି। ଅନ୍ୟପଟେ ପ୍ରତିବର୍ଷ ପୋଲିସ ଯେତେ ପରିମାଣରେ ଗଞ୍ଜେଇ ଚାଷକୁ ନଷ୍ଟ କରୁଛି, ସେତିକି ପରିମାଣରେ ମାଫିଆ ମାନେ ଘଞ୍ଚ ଜଙ୍ଗଲ ଭିତରେ ବେଆଇନ ଚାଷ କରୁଥିବା ଦେଖିବାକୁ ମିଳୁଛି। ଏହା ପୋଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଥିଲେ ମଧ୍ୟ ନୀଳ ଜହର ଅପରେସନକୁ ସଫଳ କରିବାକୁ ଜିଲା ପୋଲିସ ଏବେ ଉଦ୍ୟମ ଚଳାଇଛି। ଶୁକ୍ରବାର ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସେସର ଗାଁ ନିକଟ ଜଙ୍ଗଲରେ ତୁମୁଡିବନ୍ଧ ପୋଲିସ ଦ୍ୱାରା ଜଙ୍ଗଲରେ ଗଞ୍ଜେଇ ଗଛ ଲାଗିଥିବା ଖବର ପାଇ ତୁମୁଡିବନ୍ଧ ଥାନାଧିକାରୀ ଆଶୁତୋଷ ଜେନାଙ୍କ ନେତୃତ୍ୱରେ ୨ ପ୍ଲାଟୁନ ଏସଏସବିଏନ ଫୋର୍ସ, ଜିଲା କାର୍ଯ୍ୟାଳୟ ରୁ ୮୦ଜଣ ପୋଲିସ ଏବଂ ଗୃହରକ୍ଷୀ, ୧୫ଟି ଗଛ କଟା କଟର ଏବଂ ତୁମୁଡିବନ୍ଧ ଥାନାରୁ ଏକାଧିକ ପୋଲିସ ପହଞ୍ଚି ସମସ୍ତ ଗଞ୍ଜେଇ ଗଛକୁ କାଟି ପେଟ୍ରୋଲ ଢାଳି ନିଆଁ ଲଗାଇ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି। ସୂଚନାନୁଯାୟୀ ଏହି ଗଞ୍ଜେଇ ଗଛ ୭ କୋଟି ରୁ ୮କୋଟି ଟଙ୍କାର ହେବ ବୋଲି ତୁମୁଡିବନ୍ଧ ଥାନାଧିକାରୀ ବାବାସାଙ୍କର ସରଫ ସୂଚନା ଦେଇଛନ୍ତି।

# ଅମ୍ଳ ମାଟି ପାଇଁ ଫସଲ ଉତ୍ପାଦନ କମୁଛି

## ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭଞ୍ଜନଗର,୫।୧୨(ବାବୁଲା ପ୍ରଧାନ):

ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରରେ ଶୁକ୍ରବାର ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ରାଜ୍ୟରେ ୬୫ ପ୍ରତିଶତ ଚାଷ ଜମି ଅମ୍ଳ ହୋଇଗଲାଣି। ଏହାଦ୍ୱାରା ଫସଲ ଉତ୍ପାଦନ କମୁଛି। ଜମିର ଉର୍ବରତା ବଢ଼ାଇବାକୁ ପଡିବ। ନିୟମିତ ମାଟିର ପରୀକ୍ଷା କରିବାକୁ ପଡିବ। ମାଟିର ଅମ୍ଳ ପରିମାଣକୁ ଧରି ସାର ସୁପରିଚାଳନା କରିବାକୁ ହେବ। ଏଥିପାଇଁ ବୈଜ୍ଞାନିକ ମାନଙ୍କ ପରାମର୍ଶ ନେବାକୁ ପଡିବ। ଅମ୍ଳ ମାଟିରେ ଚୂନ ପକାଇ ତାକୁ ବିଶୋଧନ କରିବାକୁ ପଡିବ। ସବୁଜ ଫସଲ ଯଥା ଧନିଚା, ଛଣ ଚାଷ କରିବାକୁ ପଡିବ। ଏଥିସହ ଜୈବିକ ଚାଷ ପ୍ରତି ଗୁରତ୍ୱ ଦେବାକୁ ପଡ଼ିବ। ତାହାହେଲେ ଯାଇ ଜମିର ଉର୍ବରତା ବଢିବା ସହ ଫସଲ ଉତ୍ପାଦନ ବୃଦ୍ଧି ପାଇବ। ଚାଷୀ ମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ। ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ. ସୁତନୁ କୁମାର ଶତପଥି ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ରବି ରତନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜମିର ସୁପରିଚାଳନା କିଭଳି ହେବ ତାହା କହିଥିଲେ। ବୈଜ୍ଞାନିକ ଡ ସିଦ୍ଧାର୍ଥ ରଣବିଜୁଳି, ଗୃହ ବିଜ୍ଞାନ ବୈଜ୍ଞାନିକ ଅନିତା ପାତ୍ର, ଜଳବାୟୁ ବୈଜ୍ଞାନିକ ସାତୀ ସୟଂପ୍ରଭା ପ୍ରଧାନ, ଏଏଚଓ ମାନସ ରଣା, ବ୍ଲକ କୃଷି ଅଧିକାରୀ ସଂଗ୍ରାମ ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ବିଇଓଙ୍କ ନିର୍ଦ୍ଦେଶରେ ଚାଉଳ ଦୁର୍ନୀତିର ତଦନ୍ତ କଲେ ୨ ଏବିଇଓ

କବିସୂର୍ଯ୍ୟନଗର,୫।୧୨ (କୃପାସିନ୍ଧୁ ସ୍ୱାଇଁ)



### ବରିଡା ଦଧିବାମନ ହାଇସ୍କୁଲ ବିରୋଧରେ ଭିଡିଓ ଭାଇରାଲ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ବରିଡା 'ଏ ' ଶ୍ରୀ ଦଧିବାମନ ନୋଡାଲ ହାଇସ୍କୁଲରେ ଚାଉଳ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଏକ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲୁଛି । ହାଇସ୍କୁଲରେ ଆବଶ୍ୟକଠାରୁ ଅଧିକ ଚାଉଳ ମହଜୁଦ ଥିବା ମଧ୍ୟ ଦେଖିବାକୁ ମିଳିଛି । ବିଇଓ ଅଭିମନ୍ୟୁ ସାହୁ ଏହାକୁ ଗୁରୁତ୍ୱ ଦେଇ ଦୁଇଜଣ ଏବିଇଓ ମାଧବ ଚନ୍ଦ୍ର ମାଝୀ ଓ ରବିନାରାୟଣ ବେହେରାଙ୍କୁ ହାଇସ୍କୁଲକୁ ତଦନ୍ତ ପାଇଁ ପଠାଇଥିଲେ। ସେମାନେ ପିଲାଙ୍କ ଉପସ୍ଥାନ, ଚାଉଳ ମହଜୁଦ, ଚାଉଳ ଷ୍ଟକ ରେଜିଷ୍ଟାର, ଏମଡିଏମ୍ ମାନ ଆଦି ତଦନ୍ତ ପରିସରଭୁକ୍ତ କରି ତଦନ୍ତ କରୁଥିବା ଜଣାପଡିଛି। ୧୯୮୨ରେ ପ୍ରତିଷ୍ଠିତ ଏହି ଦଧିବାମନ ନୋଡାଲ ହାଇସ୍କୁଲରେ ୫୫୫ ଛାତ୍ରୀଛାତ୍ର ପଢ଼ନ୍ତି। ବିଦ୍ୟାଳୟ ପରିଚାଳନା କମିଟିକୁ ନେଇ ବିଭିନ୍ନ ସମୟରେ ଏଠାରେ ବିବାଦ ଦେଖା ଦେଇଛି । ତେବେ ଅଭିଯୋଗର ତଦନ୍ତ ସମୟରେ ମୋଟ ଉପସ୍ଥିତ ପିଲାଠାରୁ ଅଧିକ ଉପସ୍ଥାନ ଦେବା, ୫୦ କେଜିର ୧୫୯ ଚାଉଳ ବସ୍ତା ଅଧିକ ଥିବା, ନିମ୍ନମାନର ମଧ୍ୟାହ୍ନ ଭୋଜନ ଆଦି ଅବ୍ୟବସ୍ଥା ନେଇ ଉଭୟ ଏବିଇଓ ତଦନ୍ତ ବେଳେ ଜାଣିବାକୁ ପାଇଛନ୍ତି। ପିଲାଙ୍କ ଉପସ୍ଥାନ ସମ୍ପର୍କରେ ଖାତାରେ ଦର୍ଶାଯାଇଥିବା ସଂଖ୍ୟାଠାରୁ ପିଲାଙ୍କ ସଂଖ୍ୟା କମ୍ ରହିଥିବା ତଦନ୍ତ ବେଳେ ଜଣାପଡିଥିଲା। ତେବେ ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ ଟ୍ରେନିଂରେ ଥିବାରୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କାମଦେବ ବିଷୋୟୀ ଏ ସମ୍ପର୍କରେ ଉଚିତ୍ ଉତ୍ତର ଦେଇପାରି ନ ଥିଲେ। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ଉଭୟ ଏବିଇଓ ପ୍ରକାଶ କରିଛନ୍ତି।

# ଗହମ ବଣ୍ଟନକୁ ନେଇ ରାଜନୀତି ସରଗରମ

## ପୂର୍ବତନ ଏମ୍‌ଆଇ, ଡିଲର ସଂଘ ସଭାପତିଙ୍କ ନାଁରେ ଏତଲା


ଗହମ ବଣ୍ଟନ ଅନିୟମିତତା ତଦନ୍ତ ପାଇଁ ବିଞ୍ଝାରପୁର ବ୍ଲକ ଭାଜପା ପକ୍ଷରୁ ଡିଏସ୍‌ପିଙ୍କୁ ଅଭିଯୋଗପତ୍ର ଦିଆଯାଉଛି ।

**ବିଞ୍ଝାରପୁର,୫।୧୨(ରାମକୃଷ୍ଣ ଦାସ):** ବିଞ୍ଝାରପୁର ବ୍ଲକରେ ପିଡିଏସ୍ ଗହମ ବଣ୍ଟନରେ ଅନିୟମିତତାକୁ ନେଇ ରାଜନୀତି ସରଗରମ ହୋଇଛି। ୨୦୨୨ ଅଗଷ୍ଟରେ ସାଧାରଣ ବଣ୍ଟନ ପାଇଁ ଆସିଥିବା ୫୪୮ କୁଇଣ୍ଟାଲ ଗହମକୁ ହିତାଧିକାରୀଙ୍କୁ ବଣ୍ଟନ ନ କରି ବ୍ଲକର ପୂର୍ବତନ ଏମ୍‌ଆଇ ଶୁଭାଙ୍ଗିନୀ ରାୟ, ଡିଲର ସଂଘ ସଭାପତି ନାରାୟଣ ଜେନା ଓ ୫୧ ଡିଲର ମିଳିମିଶି ଆତ୍ମସାତ କରିଥିବା ବ୍ଲକ ଭାଜପା ଅଭିଯୋଗ କରିଛି। ଏନେଇ ଶୁକ୍ରବାର ପୂର୍ବାହ୍ନରେ ଭାଜପା ବ୍ଲକ ସଂଯୋଜକ ନିରଞ୍ଜନ ବେଉରିଆଙ୍କ ନେତୃତରେ ଶତାଧିକ କର୍ମୀ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ବଜାର ପରିକ୍ରମା କରି ଥାନାରେ ପହଞ୍ଚି ପୂର୍ବତନ ଏମ୍‌ଆଇ ରାୟ ଓ ଡିଲର ସଂଘ ସଭାପତି ଜେନାଙ୍କ ନାଁରେ ଏତଲା ଦେଇଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଡିଏସ୍‌ପି ବାମଦେବ ନନ୍ଦଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

## ୭ରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ, ବଜରଙ୍ଗ ଦଳର ଶୋଭାଯାତ୍ରା

**ଯାଜପୁର ଟାଉନ,୫।୧୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):** ଆସନ୍ତା ୭ତାରିଖ ସୌର୍ଯ୍ୟ ଦିବସ ଅବସରରେ ଅନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ଓ ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଏକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏନେଇ ଯାଜପୁର ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଶୋଭାଯାତ୍ରା କୁଆଖିଆ ମଧୁବନ ନିକଟ ମା' ହିଙ୍ଗୁଳା ପଡ଼ିଆରୁ ବାହାରି କୁଆଖିଆ, ହରିପୁର, ବରୁଆଁ, ବୁଢ଼ାଘାଟ, ମଲ୍ଲିକାପୁର, ଗୋଖନା, ଏନସି କଲେଜ, ମାନସାପୋଲ, ରେଡ୍‌କ୍ରସ ଛକ, ମେଡିକାଲ ଛକ, ଗାନ୍ଧି ଛକ, ହାବେଳି ବଜାର, ବଡ଼ବଜାର, ନାରାୟଣ ଛକ, ଗରିଆପୁର, ଯୋଡ଼ିକୁଅ, କୁଆଁସରପୁର, ବିରଜା ହାଟଦେଇ ବଜରଙ୍ଗ ଦଳ ମୁଖ୍ୟ କାର୍ଯ୍ୟାଳୟଠାରେ ସମାପନ ହେବ। ଏହି ଶୋଭାଯାତ୍ରାରେ ଏକ ହଜାରରୁ ଊର୍ଦ୍ଧ୍ୱ ବାଇକ୍ ଓ କିଛି ଚାରି ଚକିଆ ଯାନ ସାମିଲ ହେବ ବୋଲି କମିଟି କର୍ମକର୍ତ୍ତା କହିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଆନ୍ତଃରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ପ୍ରଭାତ ମଲ୍ଲିକ, ଜିଲା ଗୋରକ୍ଷା ପ୍ରମୁଖ ମୃତ୍ୟୁଞ୍ଜୟ ପଟ୍ଟନାୟକ, ବାଦଲ ନାୟକ, ଅନିଲ ଦାଶ, ଗୌତମ ପ୍ରସାଦ ସାହୁ, ଆନନ୍ଦ ରାଉତ, ଅରବିନ୍ଦ ଦାଶ, ସୁରେଶ କୁମାର ପତି ଓ ଦିପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ଏସ୍‌ର ଗୃହ ସମ୍ପର୍କ ଅଭିଯାନ ଆରମ୍ଭ


ଗୃହ ସମ୍ପର୍କ ଅଭିଯାନ ଆରମ୍ଭ ପାଇଁ ପୂଜାର୍ଚ୍ଚନା ।

**ରସୁଲପୁର,୫।୧୨(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଶ୍ରୀରାମପୁର ଖଣ୍ଡ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତର ପାଞ୍ଚଗୋଛିଆ ଗ୍ରାମରେ ଶୁକ୍ରବାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ଗୃହ ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଗାଁ ହନୁମାନ ମନ୍ଦିର ପରିସରରେ ଏହାର ଉଦ୍‌ଘାଟନ କରାଯାଇଛି। ସଂଘର ରାଷ୍ଟ୍ରୀୟ ବିଚାର ଓ ଆଦର୍ଶକୁ ଭାରତର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବା ଏବଂ ସମଗ୍ର ରାଷ୍ଟ୍ରକୁ ଏକ ସୂତ୍ରରେ ବାନ୍ଧି ରଖିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି।

ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦର କ୍ଷେତ୍ର ସଂଗଠନ ମନ୍ତ୍ରୀ ନାରାୟଣ ନାୟକ, ଯାଜପୁର ଜିଲା ବିଶ୍ୱ ହିନ୍ଦୁ ପରିଷଦର କୋଷାଧ୍ୟକ୍ଷ ଯଶୋବନ୍ତ ଦାସ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶ୍ରୀରାମପୁର ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର, ମଣ୍ଡଳ କାର୍ଯ୍ୟବାହ ସୁବ୍ରତ ଦ୍ୱିବେଦୀ, ସ୍ୱୟଂସେବକ ରମେଶ ତରାଇ, ମାନସ ମଳିକ, ସୁରେନ୍ଦ୍ର ଦ୍ୱିବେଦୀ ପ୍ରମୁଖ ଯୋଗଦେଇ ସମାଜର ଉତ୍‌ଥାନ ପାଇଁ ୫ ସୂତ୍ରୀ କାର୍ଯ୍ୟକ୍ରମ ଯଥା–କୁଟୁମ୍ବ ପ୍ରବୋଧନ, ପର୍ଯ୍ୟାବରଣ ସଂରକ୍ଷଣ, ସ୍ୱ–ବୋଧର ଜାଗରଣ, ସାମାଜିକ ସମରସତା ଓ ନାଗରିକ କର୍ତ୍ତବ୍ୟବୋଧ ସମ୍ପର୍କରେ ପରିବାର ପ୍ରତ୍ୟକ ସଦସ୍ୟଙ୍କୁ ଅବଗତ କରାଇବା ଉପରେ ସଂଘର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

# ପ୍ରତିଭା ଅନ୍ୱେଷଣ, ପୁରସ୍କାର ବିତରଣ ଉତ୍ସବ


ବିକ୍ରମାଦିତ୍ୟ ଫାଉଣ୍ଡେଶନ ପକ୍ଷରୁ ଅତିଥି ଜଣେ ପ୍ରତିଭାଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି ।

**ଧର୍ମଶାଳା,୫।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ମିର୍ଜାପୁର ପଞ୍ଚାୟତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅପରାହ୍ନରେ ବିକ୍ରମାଦିତ୍ୟ ଫାଉଣ୍ଡେଶନ ପକ୍ଷରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାତା ଅଧ୍ୟକ୍ଷ ପୁରୁଷୋତ୍ତମ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ହରିହର ରଥ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଡ. ତୁହିନାଂଶୁ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବ୍ରଜକିଶୋର ଦାଶ ଓ କବି ସଂଗ୍ରାମ କେଶରୀ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନର ପ୍ରଗତି ଓ ମନୁଷ୍ୟର ଦୁର୍ଗତି ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ସତ୍ୟବ୍ରତ ରାଉତ ଓ ଶିକ୍ଷୟିତ୍ରୀ ନୀଳକଣ୍ଠେଶ୍ୱରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଜୟ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, କୁଇଜ, ତର୍କ, ଅଭିଯୋଗ୍ୟତା, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତମ ଛାତ୍ରୀଛାତ୍ର ଓ ମେଧାବୀ ୫ଜଣଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସାୟଦା ଅମ୍ବାରିନ କାଦ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଦୀପାଞ୍ଜଳି ଖୁଣ୍ଟିଆ, ପଦ୍ମାଳୟା ସାହୁ ଓ ଛାତ୍ର ଆୟୁଷ୍ମାନ ବଳ ଆଲୋଚନାଚକ୍ରରେ ଭାଗନେଇଥିଲେ। ଦିବ୍ୟାଶ୍ରୀ ଜେନା ପ୍ରାରମ୍ଭିକ ସଙ୍ଗୀତ ଓ ଦୀପାଞ୍ଜଳି ଖୁଣ୍ଟିଆ ସମାପନ ସଙ୍ଗୀତ ଗାନ କରିଥିଲେ। ସାମାଜିକ କର୍ମୀ ଦେବବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

## ଯାଜପୁର ସଦର ମହୋତ୍ସବ ପ୍ରସ୍ତୁତି

**ଯାଜପୁର ସଦର,୫।୧୨(ସମର ବିଜୟ ଶରଣ):** ଯାଜପୁର ବ୍ଲକ କବିରପୁର ଦଶହରା ପଡ଼ିଆଠାରେ ସଦର ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୬।୧୨।୨୦୨୫ରୁ ୨୩।୧୨।୨୦୨୫ ପର୍ଯ୍ୟନ୍ତ ମହୋତ୍ସବ ପାଳନ କରିବାକୁ ସ୍ଥିର କରାଯାଇଛି। ମହୋତ୍ସବ କମିଟି ସଭାପତି ବ୍ରଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଲକ୍ଷ୍ମୀନାରାୟଣଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ସାଙ୍ଗକୁ ମଣ୍ଡପ, ତୋରଣ ଓ ସାଜସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ନୃତ୍ୟ, ସଂଗୀତ ଓ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ମହେଶ୍ୱରପୁର ସରପଞ୍ଚ ସୁଜିତ ରାୟ, ଯମଧର ସରପଞ୍ଚ ବାଦଲ ଖୁଣ୍ଟିଆ, ମାଧବ ମାଝି, ବିଜୟ ମହାନ୍ତି, ଗଣେଶ ପତି, ନରୋତ୍ତମ ରଣା, ରାଜେନ୍ଦ୍ର ବେହେରା, ମହେଶ୍ୱର ପାଢ଼ୀ ଓ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ମତ ରଖିଥିଲେ।

# ଜାରକାରେ କାନାରା ବ୍ୟାଙ୍କ ଶାଖା ଉଦ୍‌ଘାଟିତ


ଯାଜପୁର ଜିଲାପାଳ କାନାରା ବ୍ୟାଙ୍କ ଶାଖାକୁ ଉଦ୍‌ଘାଟନ କରୁଛନ୍ତି।

**ଧର୍ମଶାଳା,୫।୧୨(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମାର୍କେଟ କମ୍ପ୍ଲେକ୍ସରେ କାନାରା ବ୍ୟାଙ୍କର ଏକ ନୂତନ ଶାଖା ଶୁକ୍ରବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଜିଲାପାଳ ଅମ୍ବର କୁମାର କର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବ୍ୟାଙ୍କର ସର୍କଲ ହେଡ ତଥା ସାଧାରଣ ପରିଚାଳକ ସୁମନ ଚକ୍ରବର୍ତ୍ତୀ ଓ ଆଞ୍ଚଳିକ ସହକାରୀ ସାଧାରଣ ପରିଚାଳକ ଶୁଭମୟ ହାଲଦର ଅତିଥି ଭାବେ ଯୋଗଦେଇ ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହା ସରକାରୀ ଅନୁବନ୍ଧିତ ବ୍ୟାଙ୍କ। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଗ୍ରାହକଙ୍କୁ ସବୁ ପ୍ରକାର ସୁବିଧା ସୁଯୋଗ ମିଳିବ। ଏହା ଦେଶର ୧୦,୫୦୦ତମ ଶାଖା ହୋଇଥିବାବେଳେ ଜିଲାର ୧୨ତମ ଶାଖା ବୋଲି ସେମାନେ ସୂଚନା ଦେଇଥିଲେ। କମ୍ପ୍ଲେକ୍ସ ମାଲିକ ନରୋତ୍ତମ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ୟାଙ୍କ ଅଧିକାରୀ ଅଞ୍ଜଳି ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଜିଲାର ଅନ୍ୟ ବ୍ୟାଙ୍କ ଶାଖାର ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଶତାଧିକ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଥିଲା। ଶାଖା ପ୍ରବନ୍ଧକ ରାଜୀବ କୁମାର ଜେନା ଧନ୍ୟବାଦ ଦେଇଥିଲେ।

केंद्रीय दत्तक-ग्रहण संसाधन प्राधिकरण
Central Adoption Resource Authority
महिला एवं बाल विकास मंत्रालय, भारत सरकार
Ministry of Women & Child Development,
Government of India

ADOPTION AWARENESS MONTH 2025
#EveryChildMatters
CARA

ଏ ହେଉଛନ୍ତି ସୋନାଲି, ଏକ ବାଳାଶ୍ରମରେ ରହୁଥିବା ଜଣେ ୫ ବର୍ଷ ବୟସର ଝିଅ । ସେ ବଢ଼ିଆ ଗୀତ ଗାଆନ୍ତି ।



ସୋନାଲି ପରି ଅନେକ ଦିବ୍ୟାଙ୍ଗ ଶିଶୁ ଅଛନ୍ତି, ଯେଉଁମାନଙ୍କୁ ଖୁବ୍ କମ୍ ଲୋକ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରନ୍ତି_ କେବଳ ଏଇଥିପାଇଁ ଯେ ଆମ ସମାଜ ଦୃଷ୍ଟିରେ ସେମାନେ 'ଭିନ୍ନ'

ପ୍ରତ୍ୟେକ ଶିଶୁ ଖାସ୍ ହୋଇଥାଏ...
ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ମଧ୍ୟ ନିଜ ହୃଦୟ ଖୋଲିଦିଅନ୍ତୁ

କୌଣସି ବରିଷ୍ଠତା ତାଲିକା ନାହିଁ, ଦୀର୍ଘଦିନର ପ୍ରତୀକ୍ଷା ଅବଧି ନାହିଁ...
ବିଶେଷ ଆବଶ୍ୟକତାଧାରୀ ଶିଶୁଙ୍କ ପାଇଁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଅପେକ୍ଷାକୃତ ଶୀଘ୍ର ହୋଇଥାଏ ।

ସେମାନଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପାଇଁ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ଲଗ୍ ଇନ୍ କିମ୍ବା ପଞ୍ଜୀକରଣ କରନ୍ତୁ । 'ସ୍ପେଶାଲ ନିଡ୍' ଟ୍ୟାବ୍ ତଳେ ଆପଣ ପୋଷ୍ୟସନ୍ତାନ ପାଇଁ ଉପଲବ୍ଧ ଶିଶୁଙ୍କ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଏବଂ ଜଣେ ଶିଶୁକୁ ସିଧାସଳଖ ରିଜର୍ଭ କରିପାରିବେ ।

'ବିଶେଷ ଆବଶ୍ୟକତାଧାରୀ' ଶିଶୁ ଭାବେ ବର୍ଗୀକୃତ ସମସ୍ତ ଶିଶୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ନ ଥାନ୍ତି

ଏଆଇ ଦ୍ୱାରା ଉତ୍ପନ୍ନ ଚିତ୍ର

#EveryChildMatters

CBC 46102/12/0001/2526

https://cara.wcd.gov.in/ @cara_mwcd @cara_mwcd @CARAWCD @CARAWCD
CARA Helpline no: 1800-11-1311
Available between 8:00 AM to 8:00 PM (Mon-Fri)

**ତୈଳବାହୀ ଜାହାଜରୁ ଖସିପଡ଼ିଲେ ନାବିକ**

ପାରାଦୀପ,(ଶରତ ରାଉତ): ପାରାଦୀପ ବନ୍ଦର ପୋତାଶ୍ରୟରୁ ୨୦ କିମି ସମୁଦ୍ର ମଧ୍ୟରେ ଥିବା ଭାସମାନ ବର୍ଥ ଏସ୍‌ପିଏମ୍ ପାଖରେ ଶୁକ୍ରବାର ରାତିରେ ଜଣେ ନାବିକ ପାଣିରେ ଖସି ପଡ଼ିଥିଲେ। ତାଙ୍କୁ ଜାହାଜର ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ଏକ ବୋଟ୍ ଯୋଗେ ଆଣି ରାତି ପ୍ରାୟ ୧୧ଟାରେ ବନ୍ଦର ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସମ୍ପୃକ୍ତ ନାବିକ ଫିଲିପାଇନ୍ସ ଦେଶର ବୋଲି ଜଣାପଡ଼ିଛି। ଏମ୍ ଟି ଲକି କ୍ୟାରିୟର ନାମରେ ଜାହାଜରୁ ଅଶୋଧିତ ତୈଳ ଅପସାରଣ ସମୟରେ ଏହି ଘଟଣା ଘଟିଥିବା ପ୍ରାଥମିକ ସୂଚନା ମିଳିଛି।

# ଆଦିକବି ଶାରଳା ଦାସଙ୍କ ନାମରେ ପୁସ୍ତକମେଳା ଉତ୍ସର୍ଗ

- ଆଗାମୀ ପୁସ୍ତକ ମେଳାକୁ ଅଧିକ ଆକର୍ଷଣୀୟ କରିବା ଉପରେ ଗୁରୁତ୍ୱ
- ଜିଲା ପ୍ରଶାସନ କିଣିବ ୩ ଲକ୍ଷ ଟଙ୍କାର ବହି

ଜଗତ୍‌ସିଂହପୁର, ୫।୧୨
(ପ୍ରମୋଦ କୁମାର ନାୟକ)


ବୈଠକରେ ଯୋଗଦେଇଥିବା ଜିଲାପାଳ ଓ ପ୍ରଶାସନିକ ଅଧିକାରୀମାନେ।

ଜାନୁଆରୀ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ୨୭ତମ ପୁସ୍ତକ ମେଳା ହେବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ହେବାକୁ ଯାଉଥିବା ଏହି ମେଳାକୁ ବିଗତ ବର୍ଷଗୁଡିକ ଅପେକ୍ଷା ଅଧିକ ଆକର୍ଷଣୀୟ କରବା ଉପରେ ଗୁରୁତ୍ୱ ଦିଆଯାଉଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହା କୁହାଯାଇଛି। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜନ ହେବାକୁ ଥିବା ଏହି ଉତ୍ସବକୁ ସଫଳ କରିବା ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଜିଲାପାଳ ତଥା ପରିଷଦ ଅଧ୍ୟକ୍ଷ ଜେ. ସୋନାଲ ପୌରୋହିତ୍ୟ କରି କହିଥିଲେ, ଚଳିତବର୍ଷ ଜିଲା ପ୍ରଶାସନ ପକ୍ଷରୁ ୩ ଲକ୍ଷ ଟଙ୍କାର ବହି କିଣାଯାଇ ବିଭିନ୍ନ ପାଠାଗାରକୁ ଦିଆଯିବ। ଏଥିସହ ସଦସ୍ୟମାନଙ୍କ ମତାମତକୁ ଗୁରୁତ୍ୱ ଦେଇ ପୁସ୍ତକ ମେଳା ମଞ୍ଚକୁ ଆଦିକବି ସାରଳା ଦାସଙ୍କ ନାମରେ ନାମିତ କରିବାକୁ ପ୍ରତଶ୍ରୁତି ଦେଇଥିଲେ। ଏଥିସହିତ ଶ୍ରୀମଦ ଭଗବଦ ଗୀତାର ପ୍ରଚାର ପ୍ରସାର ନିମନ୍ତେ ଗୀତା ଉପରେ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଆୟୋଜନ ଉପରେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସପି ଅଙ୍କିତ ବର୍ମା ସାରଳା ଦାସଙ୍କ ରଚିତ ସମସ୍ତ ଗ୍ରନ୍ଥର ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲିବାକୁ ପରାମର୍ଶ ଦେବା ସହ ସାଇବର କ୍ରାଇମ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯିବାକୁ ସୂଚନା ଦେଇଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ଜ୍ୟୋତି ଶଙ୍କର ରାୟ ଓ ସମ୍ବିତ କୁମାର ରାଉତ, ପାରାଦୀପର ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରା ମେଳାକୁ ଅଧିକ ଲୋକାଭିମୁଖୀ କରିବାକୁ ପରାମର୍ଶ ଦେଇଥିଲେ। ଉପ ଜିଲାପାଳ ପ୍ରଶାନ୍ତ କୁମାର ତରାଇ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ପୁସ୍ତକ ମେଳା ସହିତ ଜଡ଼ିତ ହୋଇ କିପରି ଅଧିକରୁ ଅଧିକ ବହି କିଣିପାରିବେ ସେଥିପ୍ରତି ଜିଲା ଶିକ୍ଷା ବିଭାଗ ସହ ଯୋଗାଯୋଗ କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ କିପରି ଆକର୍ଷଣୀୟ କରାଯିବ ସେନେଇ ସାଂସ୍କୃତିକ କମିଟିର କର୍ମକର୍ତ୍ତାମାନେ ବିଦ୍ୟାଳୟ ଓ ସାଂସ୍କୃତିକ ଅନୁଷ୍ଠାନଗୁଡିକ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଲବ ଚୌଧୁରୀ ସଭା ପରିଚାଳନା କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜଗତ୍‌ସିଂହପୁର ପୌର ନିର୍ବାହୀ ଅଧିକାରିଣୀ ସୀମା ଜେନା ମେଳାରୁ ପୌର ଲାଇବ୍ରେରି ପାଇଁ ବହି କିଣିବେ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରିଣୀ ପ୍ରତିଚୀ ତନୟା ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା, ଜିଲା ଶିକ୍ଷା ଅଧିକାରୀ କେଶବ ମେହେର ଓ ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ସେମାନଙ୍କ ମତ ରଖିଥିଲେ। ଏହି ଅବସରରେ ପ୍ରକାଶିତ ହେଉଥିବା ସ୍ମୃତିପତ୍ର ନିମନ୍ତେ ଲେଖକ ଓ ଲେଖିକାମାନେ ଡିସେମ୍ବର ୨୦ ସୁଦ୍ଧା ଲେଖା ଦେବାକୁ ପରାମର୍ଶ ଦିଆଯାଇଥିଲା। ସେମାନେ ସ୍ମୃତିପତ୍ରର ମୁଖ୍ୟ ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ କିମ୍ବା ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ସାରଦା ଦାସଙ୍କ ନିକଟରେ ଡ଼ିଟିପି ଲେଖା ଦାଖଲ କରିବାକୁ ନିଷ୍ପତ୍ତି ହୋଇଥିଲା। ପୁସ୍ତକ ମେଳାରେ ପ୍ରତ୍ୟହ ପୂର୍ବାହ୍ନ ୧୦ଟାରୁ କବିତା ଆସର, ଅପରାହ୍ନ ୧ଟାରୁ ବିଦ୍ୟାଳୟସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ, ୩ଟାରୁ ପ୍ରାୟୋଜିତ ଓପନ କୁଇଜ, ୪ଟାରୁ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ସନ୍ଧ୍ୟା ୬ଟାରୁ ସାହିତ୍ୟ ଆସର, ରାତି ୮ଟାରୁ ବିଭିନ୍ନ ଅନୁଷ୍ଠାନ ଓ ସଂସ୍କୃତି ବିଭାଗ ଦ୍ୱାରା ପ୍ରାୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପରିଷଦ ସମ୍ପାଦକ ସାରଦା ପ୍ରସାଦ ଦାସ ଆଗାମୀ ପୁସ୍ତକମେଳାର ସାମ୍ଭାବ୍ୟ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଉପାଧ୍ୟକ୍ଷ ବିଜୟ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିଲେ।

# ୩ ଦଫା ଦାବିରେ ଜନ ଅଧିକାର ସୁରକ୍ଷା କମିଟିର ବିକ୍ଷୋଭ


ବିକ୍ଷୋଭରେ ବସିଥିବା ଜନ ଅଧିକାର ସୁରକ୍ଷା କମିଟିର ସଦସ୍ୟମାନେ।

ଜଗତ୍‌ସିଂହପୁର, ୫।୧୨
(ପ୍ରମୋଦ କୁମାର ନାୟକ)

ରଘୁନାଥପୁର ପୂରଣ ଏବଂ ଓଡ଼ପଡ଼ା ଗ୍ରାମର ଆଦିବାସୀ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ବାସଗୃହ ନିର୍ମାଣ ପାଇଁ ଜମି ଓ ଆବାସ ଗୃହ ପ୍ରଦାନ, ରାସ୍ତା, ବିଦ୍ୟୁତ ସଂଯୋଗ ଓ କୁଟୀର ଜ୍ୟୋତି ଯୋଜନାରେ ସମସ୍ତ ଅନୁସୂଚିତ ଜନଜାତି ପରିବାରକୁ ନିଃଶୁଳ୍କ ବିଦ୍ୟୁତ ସୁବିଧା ଯୋଗାଯାଉ। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଜନ ଅଧିକାର ସୁରକ୍ଷା କମିଟି ତରଫରୁ ଅନୁଷ୍ଠିତ ବିକ୍ଷୋଭରେ ଏହି ଦାବି କରାଯାଇଛି। କମିଟି ଆବାହକ ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଧାରଣାରେ ଶ୍ୟାମ ସିଂ, ଶ୍ୟାମା ସିଂ, ସବିତା ସିଂ, ସୀତା ସିଂ, ଲକ୍ଷ୍ମୀ ସିଂ, ଅନାଦି ସିଂ, ଅଜୟ ସିଂ, ପାତ ସିଂ ଓ ମାନସୀ ସିଂ ପ୍ରମୁଖ ସେମାନଙ୍କ ଅସହାୟତା କଥା ବଖାଣି ଥିଲେ। ସରକାର ସହୃଦୟତାର ସହ ଚିନ୍ତା କରି ସହଯୋଗ କରିବାକୁ ନିବେଦନ କରିଥିଲେ। ବିକ୍ଷୋଭ ପରେ ସେମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଦୀର୍ଘ ୫୦ ବର୍ଷ ପୂର୍ବେ ଯେତେବେଳେ ପାରାଦୀପ ବନ୍ଦର ଡକ୍ ଖନନ, କଟକ ପାରାଦୀପ ରେଳପଥ ଓ ରାସ୍ତା ଆଦି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ସେମାନଙ୍କ ପୂର୍ବପୁରୁଷମାନଙ୍କୁ ସୁଦୂର ମୟୂରଭଞ୍ଜ ଜିଲାରୁ ଅଣାଯାଇ ଶ୍ରମିକଭାବେ ଜଗତ୍‌ସିଂହପୁର ଜିଲାରେ ରଖାଯାଇଥିଲା। କାମ ସରିଗଲା, କିନ୍ତୁ ସେମାନଙ୍କ ଦୁଃଖ ଦୂର ହେଲାନି। ସେବେଠାରୁ ସେମାନେ କେଉଁ ଅପନ୍ତରା ପରିତ୍ୟକ୍ତ ଜଙ୍ଗଲିଆ ଜାଗାରେ ଭୂଇଁ ପଲା ମାରି ପୂର୍ବ ପରି ସେମିତି ଦୁଃଖ, କଷ୍ଟରେ କାଳାତିପାତ କରିଆସୁଛନ୍ତି। ମୟୂରଭଞ୍ଜ ଜିଲା ସହ ସେମାନଙ୍କର କୌଣସି ଜମି ମାଲିକାନା କିମ୍ବା ଜୀବନଜୀବିକାର ସମ୍ପର୍କ ନାହିଁ। ଏଣେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାୟୀ ବାସଗୃହ ଖଣ୍ଡେ ମିଳିପାରୁନାହିଁ। ଭୂମିହୀନ ରୂପେ ସେମାନେ ଦୀର୍ଘବର୍ଷ ଧରି ଅସୁରକ୍ଷିତ ଭାବେ ରହିଆସୁଛନ୍ତି। କେବଳ ଏତିକି ନୁହେଁ, ଜମି ପଟ୍ଟା ନ ଥିବାରୁ ସରକାରୀ ଆବାସ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ଗାଁକୁ ରାସ୍ତା କିମ୍ବା ବିଦ୍ୟୁତ୍ ସଂଯୋଗ କରାଯାଉନାହିଁ। ଏ ପରିସ୍ଥିତିରେ ସରକାର ସେମାନଙ୍କ ଦାବି ପୂରଣ କରିବାକୁ ଅନୁରୋଧ କରାଯାଇଛି।

# ୮୩ ୟୁନିଟ୍ ସଂଗୃହୀତ

## ମିଳିତ ରକ୍ତଦାନ ଶିବିର

ରାହାମା,୫।୧୨(ଶ୍ରୀକାନ୍ତ ଦାସ)

ସାରଳା ମହାବିଦ୍ୟାଳୟ ରାହାମାଠାରେ ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ କ୍ରସ ଶାଖାର ମିଳିତ ସହଯୋଗରେ ଏକ ମେଗା ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବାଣିଜ୍ୟ ବିଭାଗ ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର ମନୋଜ କୁମାର ମହାନ୍ତି ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ୍ ଦାନ ବୋଲି କହିଥିଲେ।

ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଅପରାଜୟ ପଣ୍ଡା, ଯୁବ ରେଡ୍‌କ୍ରସ କାଉନ୍‌ସିଲର ଓଡ଼ିଆ ବିଭାଗ ଅଧ୍ୟାପକ ରାକେଶ କୁମାର କାଣ୍ଡିଙ୍କ ମିଳିତ ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ଼ ବ୍ୟାଙ୍କ କଟକ ତରଫରୁ ୮୩ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା। ସେଣ୍ଟ୍ରାଲ ରେଡ୍‌କ୍ରସ ଭିବିଡି ସଂଯୋଜକ ପ୍ରତାପ କୁମାର ମହାପାତ୍ର, ଡ.ରାମ ପ୍ରସାଦ, ଲାବ୍ ଟେକ୍ନିସିଆନ ବିଶ୍ୱଜିତ ସାହୁ, ଲାବଆଟେଣ୍ଡାଣ୍ଟ ପ୍ରଶାନ୍ତ ବାରିକ, ପ୍ରଶାନ୍ତ ସାହୁ, ସଞ୍ଜୟ କୁମାର ପାତ୍ର, ସରୋଜ କୁମାର ମହାନ୍ତି ଏଥିରେ ସହଯୋଗ କରିଥିଲେ।

# ସ୍ୱଳ୍ପ ମୂଲ୍ୟ କିମ୍ବା ବିନା ମୂଲ୍ୟରେ ପ୍ରସ୍ତୁତ କାରୁକାର୍ଯ୍ୟକୁ ଗୁରୁତ୍ୱ

ରଘୁନାଥପୁର,୫।୧୨
(ରାଜେନ୍ଦ୍ର ନାରାୟଣ ସିଂହ)


‘ପୋଷଣ ଭି ପଢାଇ ଭି’ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଙ୍ଗନୱାଡି କର୍ମୀ।

ରଘୁନାଥପୁର ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ୧୧୮ ଜଣ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଚାଲିଥିବା ୩ ଦିନ ବ୍ୟାପୀ ‘ପୋଷଣ ଭି ପଢାଇ ଭି’ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ସିଡିପିଓ ତୃପ୍ତିଲାତା ମହାନ୍ତି ସମସ୍ତ କର୍ମୀଙ୍କୁ ସ୍ୱଳ୍ପ ମୂଲ୍ୟ କିମ୍ବା ବିନା ମୂଲ୍ୟରେ ବିଭିନ୍ନ ଅଦରକାରୀ ବସ୍ତୁକୁ ବ୍ୟବହାର କରି କିପରି ସୁନ୍ଦର କାରୁକାର୍ଯ୍ୟ କରାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। କେନ୍ଦ୍ରକୁ ଆସୁଥିବା ଶିଶୁମାନେ ଯେପରି ଏଥିପ୍ରତି ଆକର୍ଷିତ ହେବେ ସେଥିପ୍ରତି ଧ୍ୟାନ ଦେବାକୁ ସିଡିପିଓ ମହାନ୍ତି ପରାମର୍ଶ ରଖିଥିଲେ। ଏହାଛଡା ଶିଶୁଙ୍କ ସ୍ୱାସ୍ଥ୍ୟ,ଶାରୀରିକ ଓ ବୌଦ୍ଧିକ ବିକାଶ ଓ ଉତ୍ତମ ପୋଷଣ ପ୍ରତି ଅନୁରକ୍ତ ହେବାକୁ ସେ ପ୍ରକାଶ କରିଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ସୁପରଭାଇଜର ସୋନାଲି ପ୍ରିୟଦର୍ଶିନୀ, ଲିପ୍ସା ପ୍ରିୟଦର୍ଶିନୀ,ବିଜୟଲକ୍ଷ୍ମୀ ପଣ୍ଡା, ପୋଷଣ ବିସି ସୁପ୍ରିୟା ମହାନ୍ତି,ମମତା ଯୋଜନା ପ୍ରୋଗ୍ରାମ ସହାୟିକା ପ୍ରିୟଦର୍ଶିନୀ ମହାପାତ୍ର ତାଲିମ ପ୍ରଦାନ କରିଥିଲେ। ବଡ଼ବାବୁ ପ୍ରଣୟ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଭଦ୍ରା ସହାୟିକା ଲକ୍ଷ୍ମୀପ୍ରିୟା ଦାସ,ଗୀତାଞ୍ଜଳି ଦାସ, ଶିବଚରଣ ମହାନ୍ତି ଓ ଶୁକଦେବ ମଲ୍ଲିକ ଏଥିରେ ସହଯୋଗ କରିଥିଲେ।

केंद्रीय दत्तक-ग्रहण संसाधन प्राधिकरण
Central Adoption Resource Authority
महिला एवं बाल विकास मंत्रालय, भारत सरकार
Ministry of Women & Child Development, Government of India

ADOPTION AWARENESS MONTH 2025 #EveryChildMatters
CARA



ଏ ହେଉଛନ୍ତି ସୋନାଲି, ଏକ ବାଳାଶ୍ରମରେ ରହୁଥିବା ଜଣେ ୫ ବର୍ଷ ବୟସର ଝିଅ। ସେ ବଢ଼ିଆ ଗୀତ ଗାଆନ୍ତି।

ସୋନାଲି ପରି ଅନେକ ଦିବ୍ୟାଙ୍ଗ ଶିଶୁ ଅଛନ୍ତି, ଯେଉଁମାନଙ୍କୁ ଖୁବ୍ କମ୍ ଲୋକ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରନ୍ତି_ କେବଳ ଏଇଥିପାଇଁ ଯେ ଆମ ସମାଜ ଦୃଷ୍ଟିରେ ସେମାନେ ‘ଭିନ୍ନ’

ପ୍ରତ୍ୟେକ ଶିଶୁ ଖାସ୍ ହୋଇଥାଏ...
ଦିବ୍ୟାଙ୍ଗ ଶିଶୁଙ୍କ ପାଇଁ ମଧ୍ୟ ନିଜ ହୃଦୟ ଖୋଲିଦିଅନ୍ତୁ

କୌଣସି ବରିଷ୍ଠତା ତାଲିକା ନାହିଁ, ଦୀର୍ଘଦିନର ପ୍ରତୀକ୍ଷା ଅବଧି ନାହିଁ...
ବିଶେଷ ଆବଶ୍ୟକତାଧାରୀ ଶିଶୁଙ୍କ ପାଇଁ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଅପେକ୍ଷାକୃତ ଶୀଘ୍ର ହୋଇଥାଏ।

ସେମାନଙ୍କୁ ପୋଷ୍ୟସନ୍ତାନ ଭାବେ ଗ୍ରହଣ କରିବା ପାଇଁ ମିଶନ୍ ବାତ୍ସଲ୍ୟ ପୋର୍ଟାଲରେ ଲଗ୍ ଇନ୍ କିମ୍ବା ପଞ୍ଜୀକରଣ କରନ୍ତୁ। ‘ସ୍ପେଶାଲ ନିଡ୍’ ଟ୍ୟାବ୍ ତଳେ ଆପଣ ପୋଷ୍ୟସନ୍ତାନ ପାଇଁ ଉପଲବ୍ଧ ଶିଶୁଙ୍କ ସମ୍ପୂର୍ଣ୍ଣ ବିବରଣୀ ପାଇପାରିବେ ଏବଂ ଜଣେ ଶିଶୁକୁ ସିଧାସଳଖ ରିଜର୍ଭ କରିପାରିବେ।

‘ବିଶେଷ ଆବଶ୍ୟକତାଧାରୀ’ ଶିଶୁ ଭାବେ ବର୍ଗୀକୃତ ସମସ୍ତ ଶିଶୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ହୋଇ ନ ଥାନ୍ତି

ଏଆଇ ଦ୍ୱାରା ଉତ୍ପନ୍ନ ଚିତ୍ର

#EveryChildMatters

CBC 46102/12/0001/2526

https://cara.wcd.gov.in/ @cara_mwcd @cara_mwcd @CARAWCD @CARAWCD
CARA Helpline no: 1800-11-1311
Available between 8:00 AM to 8:00 PM (Mon-Fri)

# ଏସ୍‌ଡିପିଓ, ତହସିଲଦାରଙ୍କୁ କଂଗ୍ରେସର ଦାବିପତ୍ର

## କୋଚିଂ ସେଣ୍ଟର ମାଲିକଙ୍କୁ ଗିରଫ ଦାବି ତେଜିଲା

ନୟାଗଡ,୫।୧୨ (ଲୋକନାଥ ମିଶ୍ର)

ନୟାଗଡ ଜିଲା ଦଶପଲ୍ଲା ଥାନା ମହାବୀର ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ରାଗିଂ ଘଟଣାରେ ଅଟକ ଥିବା ୩ ୧୦ମ ଶ୍ରେଣୀ ଛାତ୍ରଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଯାଇଛି। ସେହିପରି ଅଟକ କୋଚିଂ ସେଣ୍ଟର ମାଲିକ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କୁ ନୋଟିସ୍ ଦେଇ ପୋଲିସ ଛାଡି ଦେଇଛି । ତେବେ ଏ ଦିଗରେ କଂଗ୍ରେସ ପ୍ରଶ୍ନ ଉଠାଇ କହିଛି, କୋଚିଂ ସେଣ୍ଟର ମାଲିକଙ୍କୁ କ'ଣ ପାଇଁ ଛଡାଗଲା। ଆଉ କ'ଣ ହୋଇଥିଲେ ମାଲିକ ବନ୍ଧା ହୋଇଥାନ୍ତେ। ମାଲିକଙ୍କ ପ୍ରତି ଅନୁକମ୍ପା କାହିଁକି । ତାଙ୍କୁ କିପରି ପୋଲିସ କ୍ଲିନ୍ ଚିଟ ଦେଲା ବୁଝା ପଡୁନି। ଜଣେ ନାବାଳକ ଛାତ୍ରଙ୍କୁ ମାଡ ମରାଯାଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଦେଖିବା ପରେ କେଉଁ ଭଳି ସମାଜ ଭିତରେ ଆମେ ରହୁଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ପୋଲିସ ଓ ପ୍ରଶାସନ ଏହାକୁ ଗମ୍ଭୀରତାର ସହ ନେବା ଉଚିତ୍। କଂଗ୍ରେସ ପକ୍ଷରୁ ଦଶପଲ୍ଲା ତହସିଲଦାର, ଥାନା ଆଇଆଇସି, ଖଣ୍ଡପଡା ଏସ୍‌ଡିପିଓଙ୍କୁ ସ୍ମାରକପତ୍ର ଦିଆଯାଇଛି। କଂଗ୍ରେସ ପ୍ରତିନିଧି ଦଳରେ ଦଶପଲ୍ଲାର ବରିଷ୍ଠ ନେତା ସରୋଜ ପରିଡା, ସୁକାନ୍ତ ଶତପଥୀ, ସୁଶାନ୍ତ କୁମାର ସାହୁ, ବୁଲୁ ପରିଡା, ବେଣୁଧର ନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଶିବ ରଞ୍ଜନ ସାହୁ, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବିଶୋଇ, ଏନ୍‌ଏସ୍‌ୟୁଆଇ କାର୍ଯ୍ୟକର୍ତ୍ତା ଅରବିନ୍ଦ ପାଢୀ ସାମିଲ ଥିଲେ ।

ନୟାଗଡ ଏସ୍‌ପି ଏସ୍ ସୁଶ୍ରୀ କୁହନ୍ତି, ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଥିଲା। ପରେ ବଡଗୋଷ୍ଠୀର ଛାତ୍ରମାନେ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ମାରପିଟ୍ କରଥିଲେ। ଛାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ନଂ. ୩୫୪/୨୫ରେ ମାମଲା ହୋଇଛି। ଘଟଣାର ତଦନ୍ତ ଚାଲିଛି । ଶିକ୍ଷାନୁଷ୍ଠାନରେ ଏହାକୁ ବନ୍ଦ କରିବାକୁ ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ଶିକ୍ଷାନୁଷ୍ଠାନ ହୋଇଥିବାରୁ ପୋଲିସ ସିଧାସଳଖ କିଛି କରି ପାରବନି। ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ପଦକ୍ଷେପ ନିଆଯାଉଛି। ପ୍ରକାଶ ଯେ, ୮ମ ଶ୍ରେଣୀର ଛାତ୍ରଙ୍କୁ ୧୦ମ ଶ୍ରେଣୀର ୩ ଛାତ୍ର ବାଡି, ବ୍ୟାଟ ଓ ରଡ୍‌ରେ ପିଟିବା ସହ ଉଲଗ୍ନ କରିଥିଲେ । ଟ୍ରେ ଧୋଇବାକୁ ଅରାଜି ହେବା ପରେ ୧୦ମ ଛାତ୍ରମାନେ ରାଗିଂ କରି ମାଡ ମାରିବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ନିଜ ଆଡୁ ନଂ.୩୫୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ଅପରପକ୍ଷେ ରାଗିଂ ଘଟଣା ୩ ମାସ ତଳେ ଚାପି ଦିଆଯାଇଥିଲା । ଭିଡିଓ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଥିଲା। ପ୍ରଶାସନ ବାଧ୍ୟହୋଇ କୋଚିଂ ସେଣ୍ଟରକୁ ସିଲ୍ କରିଛି ।


କଂଗ୍ରେସ ପକ୍ଷରୁ ଦଶପଲ୍ଲା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।


ଓଷ୍ଟା କର୍ମକର୍ତ୍ତାମାନେ ଶପଥ ନେଉଛନ୍ତି।

# ଦଶପଲ୍ଲା ବ୍ଲକ୍ ଓଷ୍ଟାର ସାମ୍ବିଧାନିକ ସମ୍ମିଳନୀ

ଦଶପଲ୍ଲା, ୫।୧୨ (ପ୍ରକାଶ କୁମାର ପାଣି)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ସାମ୍ବିଧାନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ସରିଗଣ୍ଡା ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ସଂଘ ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଜିଲା ସଭାପତି ଅଯୋଧ୍ୟାନାଥ ନାୟକ, ଉପସଭାପତି ନିରାକାର ସ୍ୱାଇଁ, ଜିଲା ସମ୍ପାଦକ ମାନସ କୁମାର ସାହୁ ଏବଂ ଓଡ଼ଗାଁ ବ୍ଲକ ସମ୍ପାଦକ ଭଗବାନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସମ୍ମିଳନୀରେ ଦଶପଲ୍ଲା ବ୍ଲକ ଓଷ୍ଟାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନେ ହେଲେ ଶରତଚନ୍ଦ୍ର ବେହେରା ସଭାପତି, ଗୀତାଞ୍ଜଳି ମହାପାତ୍ର, ଓ ଶ୍ୟାମବନ୍ଧୁ ପ୍ରଧାନ ଉପ ସଭାପତି, ଅକ୍ରୁର ପରିଡ଼ା ସମ୍ପାଦକ, ସୁପ୍ରିୟା ଶ୍ରୀଚନ୍ଦନ, ଶ୍ରଦ୍ଧାଞ୍ଜଳି ହରିଚନ୍ଦନ ଓ ମନୋଜ କୁମାର ହଂସ ଯୁଗ୍ମ ସମ୍ପାଦକ, ମନୋଜ କୁମାର ବେହେରା, ପରମାନନ୍ଦ ନାଏକ ଓ ଗଙ୍ଗାଧର ସାହୁ ଜିଲା କାର୍ଯ୍ୟକାରିଣୀ ସଦସ୍ୟ, ଅଭିମନ୍ୟୁ ପ୍ରଧାନ ଓ ମନୋରଞ୍ଜନ ଦାଶ ଓଷ୍ଟା ଦଶପଲ୍ଲା ବ୍ଲକ ନୂତନ କର୍ମକର୍ତ୍ତା ଭାବେ ଶପଥ ଗ୍ରହଣ କରିଥିଲେ। ସଂଗଠନକୁ ସୁଦୃଢ଼କରି ଗଢି ତୋଳିବା, ଆନ୍ଦୋଳନ ଓ ଶିଶୁ ମେଳାକୁ ସଫଳ କରିବା ନିମନ୍ତେ ଜିଲାସ୍ତରୀୟ ବରିଷ୍ଠ କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ।

# ମା'ବରୁଣେଇ ଟି୨୦ କ୍ରିକେଟ: ବଘେଇ ବିଜୟୀ


ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

ଖଣ୍ଡପଡା,୫।୧୨ (ଅଜୟ କୁମାର ମହାରଣା)

କଣ୍ଟିଲୋ ପଲଟନ ପଡ଼ିଆ ମିନିଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ୧୯ତମ ବରୁଣେଇ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଦିନରେ ବଘେଇ କ୍ଲବ ୭ ଉଇକେଟରେ ବୋଦଶା କ୍ରିକେଟ ଟିମ୍‌କୁ ହରାଇ ଦେଇଛି । ବୋଦଶା ଦଳ ଟସ ଜିତି ବ୍ୟାଟିଂ କରି ୧୨ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ କରିଥିଲା । ଜବାବରେ ବଘେଇ ଦଳ ୧୦.୩ ଓଭରରେ ୩ ଉଇକେଟ ବିନିମୟରେ ନିର୍ଦ୍ଧାରିତ ରନ ସଂଗ୍ରହ କରିନେଇଥିଲା । ବିଜୟୀ ଦଳର ରଘୁ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବଣ୍ଟି ବେହେରା ଓ ସମୀର ଦଳେଇ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା ଓ ସମ୍ମାନିତ ଅତିଥି ଫାର୍ମାସିଷ୍ଟ ମାନସ କୁମାର ସାହୁ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଭାଷ୍ୟକାର ଶେଷଦେବ ନାୟକ ଓ ସ୍କୋରର ଭାବେ ସନ୍ତୋଷ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ୨ୟ ଲିଗ୍ ମ୍ୟାଚରେ ଶାଳଝରିଆ କ୍ରିକେଟ ଟିମ୍ ସହ ରଜୀବ କ୍ରିକେଟ କ୍ଲବର ମୁକାବିଲା ହେବ ।

# କଳାବ୍ୟାଜ୍ ପିନ୍ଧି ସ୍ୱାସ୍ଥ୍ୟସେବା

ନୟାଗଡ,୫।୧୨(ଲୋକନାଥ ମିଶ୍ର)

କାର୍ଯ୍ୟରତ ଡାକ୍ତରଙ୍କୁ ସୁରକ୍ଷା, ବାସଗୃହ ନିର୍ମାଣ, ସଙ୍କଟପୂର୍ଣ୍ଣ ଅବସ୍ଥାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା, ଅଗ୍ରାଧିକାର ଭିତିରେ ପଦବୀ ପୂରଣ ଓ ପଦୋନ୍ନତି ବ୍ୟବସ୍ଥା, ମୃତଦେହ ବ୍ୟବଚ୍ଛେଦ ଭତ୍ତା ବୃଦ୍ଧି, କେବିକେ ଅଞ୍ଚଳରେ କାମ କରୁଥିବା ଡାକ୍ତରଙ୍କ ୫ ବର୍ଷ ପରେ ଉପକୂଳ ଜିଲାକୁ ବଦଳି ପରି ୧୩ ଦଫା ଦାବି ନେଇ ଡାକ୍ତରମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ସେମାନେ ସ୍ୱାସ୍ଥ୍ୟସେବା ବନ୍ଦ ନ କରି କଳାବ୍ୟାଜ ପିନ୍ଧି କେବଳ ପ୍ରତିବାଦ କରୁଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି । ଓମ୍‌ସା ନେତୃତ୍ୱରେ ଆନ୍ଦୋଳନ ଚାଲିଛି। ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବଙ୍କୁ ୫ରୁ ଅଧିକ ଥର ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି।

# ୧୫ ଚୋରା ବାଇକ୍ ଜବତ, ୪ ଗିରଫ

ଖଣ୍ଡପଡ଼ା, ୫।୧୨
(ଅଜୟ କୁମାର ମହାରଣା)

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଡିସେମ୍ବର 22, 2025 ଅପରାହ୍ଣ 04:00 ଟା** ଅଟେ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**



**ସର୍ବସାଧାରଣ ବିଜ୍ଞପ୍ତି**

**କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ରେ ବିଭିନ୍ନ ଶିକ୍ଷାଦାନ ଓ ଅଣ-ଶିକ୍ଷାଦାନ ପଦବୀ ଲାଗି ନିଯୁକ୍ତି**

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍)ରେ ବିଭିନ୍ନ ଶିକ୍ଷାଦାନ ଓ ଅଣ-ଶିକ୍ଷାଦାନ ପଦବୀରେ ନିଯୁକ୍ତି ଲାଗି ନିଯୁକ୍ତି ଅଧିସୂଚନା ୦୧/୨୦୨୫ ସନ୍ଦର୍ଭରେ, ଏତଦ୍ୱାରା ଆବେଦନକାରୀଙ୍କୁ ସୂଚିତ କରିଦିଆଯାଉଅଛି ଯେ, ସହକାରୀ ଆୟୁକ୍ତ, ଅଧ୍ୟକ୍ଷ, ପିଜିଟି (ହିନ୍ଦୀ, ଇଂରାଜୀ, ବାଣିଜ୍ୟ), ଟିଜିଟି (ହିନ୍ଦୀ, ଇଂରାଜୀ, ଗଣିତ, ବିଜ୍ଞାନ, ସାମାଜିକ ବିଜ୍ଞାନ, ଶାରୀରିକ ଶିକ୍ଷା/ଶାରୀରିକ ଓ ସ୍ୱାସ୍ଥ୍ୟ ଶିକ୍ଷା) ତଥା କନିଷ୍ଠ ସଚିବାଳୟ ସହାୟକ ପଦବୀ ପାଇଁ ପ୍ରଯୁଜ୍ୟ ଯୋଗ୍ୟତାଗୁଡ଼ିକୁ କେଭିଏସ୍ ଏବଂ ଏନ୍‌ଭିଏସ୍ ଦ୍ୱାରା ଏକ ସମାନ କରିଦିଆଯାଇଛି, ଯାହାଦ୍ୱାରା ଆବେଦନକାରୀମାନେ ଉକ୍ତ ପଦବୀ(ଗୁଡ଼ିକ) ପାଇଁ ଉଭୟ ବିଭାଗରେ ସମାନ ସମୟରେ ଏକା ସାଙ୍ଗରେ ଅନ୍‌ଲାଇନ୍ ଆବେଦନ ଦାଖଲ କରିବାରେ ସକ୍ଷମ ହୋଇପାରିବେ। ଏପରି ଆବେଦନକାରୀ, ଯେଉଁମାନେ କେବଳ କେଭିଏସ୍ କିମ୍ବା ଏନ୍‌ଭିଏସ୍‌ରେ ଉକ୍ତ ପଦବୀ ପାଇଁ ଅନ୍‌ଲାଇନ୍ ଦାଖଲ କରିପାରିଥିଲେ, ବର୍ତ୍ତମାନ ସେମାନଙ୍କୁ କେଭିଏସ୍ କିମ୍ବା ଏନ୍‌ଭିଏସ୍ (ମାମଲା ଅନୁଯାୟୀ)ରେ ମଧ୍ୟ ଅନ୍‌ଲାଇନ୍ ଆବେଦନ ଦାଖଲ କରିବା ନିମନ୍ତେ ସୁଯୋଗ ଦିଆଯିବ। ବିବରଣୀ ପାଇଁ ପ୍ରାର୍ଥୀମାନେ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍‌ରେ ଉପଲବ୍ଧ ଶୁଦ୍ଧିପତ୍ର-୨ ଦେଖିପାରନ୍ତି।

ଅନ୍‌ଲାଇନ୍ ଆବେଦନ ଦାଖଲର ଶେଷ ତାରିଖକୁ ମଧ୍ୟ ୧୧ ଡିସେମ୍ବର, ୨୦୨୫ (ଅପରାହ୍ନ ୧୧.୫୯ ଘଟିକା) ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ସଦ୍ୟତମ ସୂଚନା ପାଇଁ ସିବିଏସ୍‌ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ୱେବ୍‌ସାଇଟ୍ ପରିଦର୍ଶନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।

cbc 21107/12/0010/2526 ନିର୍ଦ୍ଦେଶକ (ସିଟିଇଟି), ସିବିଏସ୍‌ଇ



**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୪୩, ତାରିଖ: ୦୫।୧୨।୨୦୨୫।
''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ବନ୍ଦ ହେବା ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ପରିମାଣ (₹) |
|---|---|---|---|---|---|
| ୧ | ୩୩୨୫୧୪୮୬ବି | ୨୨।୧୨।୨୦୨୫ | ବ୍ରେକ୍ ପ୍ୟାଡ୍‌ର ଅଣ ଆଜ୍‌ବେଷ୍ଟସ୍ ଆଧାରିତ ସେଟ୍ (୧ ଗୋଟି ଏଲ୍‌ଏଚ୍ ଓ ୧ ଗୋଟି ଆର୍‌ଏଚ୍) ଆଦି | ୪୧୩୦ ସେଟ୍ | ୧,୫୮,୩୯୦ |
| ୨ | ଆଇଏପ୍୨୫୬୦୧୦ | ୨୪।୧୨।୨୦୨୫ | କାଷ୍ଟ ଷ୍ଟିଲ୍ ବୋଲଷ୍ଟର୍ ଆଦି | ୩୯ ଗୋଟି | ୧,୪୧,୭୪୦ |
| ୩ | ୬୦୨୫୦୦୪୭ | ୧୫।୧୨।୨୦୨୫ | ୨୫ ଟି ଏକ୍ସିଲ ଲୋଡ୍, ବିଜି (୧୬୭୩ ମିମି) ଆଦି ନିମନ୍ତେ ୧ ଇନ୍ ୧୨ ୱେଲ୍‌ଡେବଲ୍ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୬୦୦ ସେଟ୍ | ୨୦,୦୦,୦୦୦ |
| ୪ | ୬୦୨୫୦୦୧୨ବି | ୩୦।୧୨।୨୦୨୫ | ଆର୍‌ଡିଏସ୍‌ଓ ଡ୍ରଇଂ ନଂ.: ଟି-୯୭୯୧ ଅନୁଯାୟୀ ୨୫ ଟି ଏକ୍ସିଲ୍ ଲୋଡ୍ ପାଇଁ ୧୦୧୨୫ ମିମି କର୍ଭଡ୍ ସୁଇଚ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୧୨୦୦ ସେଟ୍ | ୫୦,୦୦,୦୦୦ |
| ୫ | ଆଇଇ୨୫୫୬୭୫ | ୨୯।୧୨।୨୦୨୫ | ୨୫୦ କେଭିଏ ଫେଜ୍ ଡିଜେଲ୍ ଜେନେରେଟର୍ ସେଟ୍ | ୦୨ ଗୋଟି | ୧,୨୩,୬୫୦ |
| ୬ | ୨୫୨୫୩୫୮୩ | ୧୭।୧୨।୨୦୨୫ | ଡବ୍ଲ୍ୟୁଏପି-୪ ଲୋକୋ ପାଇଁ ବୁଲ୍ ଗିୟର୍ ୫୮ ଟିଥ୍ | ୩୭ ଗୋଟି | ୧,୧୬,୧୪୦ |
| ୭ | ୨୫୨୫୩୬୫୯ | ୨୨।୧୨।୨୦୨୫ | ମୋଟୋ ସହିତ ଟ୍ରାକ୍ସନ୍ ମୋଟର ବ୍ଲୋଅର୍ | ୩୫ ଗୋଟି | ୧,୪୦,୫୦୦ |
| ୮ | ୨୫୨୫୩୬୬୯ | ୨୩।୧୨।୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋ ପାଇଁ ଗିୟର୍ ହ୍ୱିଲ୍ ୬୫ ଟିଥ୍ | ୫୭ ଗୋଟି | ୧,୯୩,୭୧୦ |
| ୯ | ୨୯୨୫୩୭୯୭ | ୨୪।୧୨।୨୦୨୫ | ଇ୭୦ ବ୍ରେକ୍ ସିଷ୍ଟମ୍‌ର ୯ଟି ଭାଲ୍‌ଭର ବିବିଧ କିଟ୍ ସେଟ୍ | ୧୨୬ ସେଟ୍ | ୧,୯୧,୮୦୦ |
| ୧୦ | ୬୦୨୫୫୪୪୦ | ୨୨।୧୨।୨୦୨୫ | ୧ ଇନ୍ ୮.୫ ସିଜର୍ସ କ୍ରସ୍ ଓଭର୍ ସହିତ ୬୪୦୦ ମିମି କର୍ଭଡ୍ ସ୍ୱିଚେସ୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୦୨ ସେଟ୍ | ୧,୪୫,୭୭୦ |
| ୧୧ | ୬୦୨୫୫୪୬୭ | ୦୧।୦୧।୨୦୨୬ | ମୋନୋ ବ୍ଲକ୍ ୱାଇଡର୍ ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ସ୍ଲିପର୍‌ର ବିନିର୍ମାଣ ଓ ଯୋଗାଣ ଆଦି | ୨୦୦୦୦ ଗୋଟି | ୧୬,୯୩,୫୪୦ |
| ୧୨ | ୬୦୨୫୦୧୨୧ | ୦୧।୦୧।୨୦୨୬ | ଡବଲ୍ ସ୍ଲିପ୍ସ ସହିତ ୧ ଇନ୍ ୮.୫ ଡାଇମଣ୍ଡ କ୍ରସିଂର ବିନିର୍ମାଣ ଓ ଯୋଗାଣ ଆଦି | ୧୫ ସେଟ୍ | ୮,୬୭,୩୦୦ |
| ୧୩ | ୬୬୨୫୫୦୧୭ଏ | ୦୫।୦୧।୨୦୨୬ | ସିଏସ୍‌ଏମ୍/ଡିୟୁଓ (ପୁରୁଣା ମଡେଲ) ମେଶିନ ପାଇଁ ଟଙ୍ଗଷ୍ଟେନ୍ କାର୍ବାଇଡ୍ ଟାମ୍ପିଂ ଟୁଲ୍ (ଟିସିଟିଟି) ଆଦି | ୧୫ ସେଟ୍ | ୧,୯୬,୪୩୦ |
| ୧୪ | ୨୯୨୫୫୦୫୭ଏ | ୨୨।୧୨।୨୦୨୫ | ଏସି ଲୋକୋଗୁଡ଼ିକ ପାଇଁ ହାଇ ଟେନ୍‌ସାଇଲ ଟ୍ରାଞ୍ଜିସନ୍ ସିବି କପଲର୍ ଆଦି | ୬୦ ଗୋଟି | ୧,୮୧,୯୪୦ |
| ୧୫ | ୩୮୨୫୩୯୬୩ଏ | ୦୧।୦୧।୨୦୨୬ | ବ୍ରେକ୍ ପାଇପ୍ ପାଇଁ ଏୟାର୍ ବ୍ରେକ୍ ହୋଜ୍ କପଲିଂ ଆଦି | ୨୭୯୯୦ ଗୋଟି | ୯,୦୪,୬୦୦ |
| ୧୬ | ୯୦୨୫୩୧୧୩ | ୨୬।୧୨।୨୦୨୫ | ସ୍ଲିପ୍ ଫ୍ରି ଫିନିଶ୍ ଷ୍ଟେନଲେସ୍ ଷ୍ଟିଲ୍ ଶିଟ୍ ଆକାର: ୧.୨୫ ମିମି× ୩୩୧୦ ମିମି ×୮୧୦ ମିମି | ୩୪୬୨୦ କିଗ୍ରା | ୧,୬୦,୧୪୦ |
| ୧୭ | ୩୧୨୫୧୪୮୧ବି | ୦୨।୦୧।୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ ''କେ'' ଟାଇପ୍ ହାଇ ଫ୍ରିକ୍ସନ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ୍ସ ଆଦି | ୭୦୬୭୩ ଗୋଟି | ୪,୨୫,୧୭୦ |
| ୧୮ | ୩୩୨୫୧୪୮୬ସି | ୧୨।୦୧।୨୦୨୬ | ନନ୍ ଆଜବେଷ୍ଟସ୍ ଭିତ୍ତିକ ବ୍ରେକ୍ ପ୍ୟାଡ୍‌ର ସେଟ୍ ଆଦି | ୩୭୧୭୦ ସେଟ୍ | ୧୪,୨୫,୪୭୦ |
| ୧୯ | ୩୩୨୫୩୧୮୭ଏ | ୦୭।୦୧।୨୦୨୬ | ଏଲ୍‌ଏଚ୍‌ବି ନନ୍ ଏସି ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ (ଆଉଟର୍) | ୧୪୧ ଗୋଟି | ୧,୫୪,୫୭୦ |
| ୨୦ | ଏଏ୨୫୫୧୫୬ | ୦୫।୦୧।୨୦୨୬ | ବିଆର୍‌ଏନ୍-୨୨.୯ ଏମ୍୧ ୱାଗନ୍ ପାଇଁ ଉପଯୁକ୍ତ କାଷ୍ଟ ଷ୍ଟିଲ୍ କ୍ୟାସନବ୍ ୨୨-ଏଚ୍‌ଏସ୍ ବଗି ଆଦି | ୫୬ ସେଟ୍ | ୩,୨୩,୧୪୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି।

(PR-925)



**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
ମୋବାଇଲ ଆପ — କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୫.୧୨.୨୦୨୫

**କପା ଚାଷୀଙ୍କ ଆହ୍ୱାନ**

[illegible]

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

[illegible]

ସ୍ୱା./-ଶାଖା ପ୍ରମୁଖ



**ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼, ଜିଲ୍ଲା-ବଲାଙ୍ଗୀର (ଧାନମଣ୍ଡି)**

[illegible]

**ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | [illegible] | [illegible] |
|---|---|---|
| ୧. | [illegible] | ୧.୦% |
| ୨. | [illegible] | ୧.୦% |
| ୩. | [illegible] | ୫.୦% |
| ୪. | [illegible] | ୩.୦% |
| ୫. | [illegible] | ୫.୦% |
| ୬. | [illegible] | ୧୭.୦% |

| କ୍ର.ନଂ. | (FAQ) ଧାନର ମାନ | [illegible] |
|---|---|---|
| ୧. | ସାଧାରଣ ମାନ (Common FAQ) | ୩୧୦୦/- |

[illegible]

ସ୍ୱା./-ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼
ସ୍ୱା./-ଉପଜିଲାପାଳ ପାଟଣାଗଡ଼ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ପାଟଣାଗଡ଼



**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.: DRM/Engg/KUR/25-26/E-Tender/89, ତା.02.12.2025ରିଖ

(1) ଟେଣ୍ଡର ସଂ.: e-TenderSouthKUR-301-2025, ତା.21.11.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର(P.Way)/ସୋମପେଟା ଅନ୍ତର୍ଗତ ଇଚ୍ଛାପୁରମ୍-ପଲାସା ଷ୍ଟେସନ ମଧ୍ୟରେ 631.20 କି.ମି. ଠାରୁ 678.33 କି.ମି. ପର୍ଯ୍ୟନ୍ତ 30.09.2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 100.95 ଲକ୍ଷ, EMD (₹) : 2,00,500.00, ଶେଷ ହେବା ଅବଧି : 12(ବାର) ମାସ।

(2) ଟେଣ୍ଡର ସଂ. eTender-SouthKUR-300-2025, ତା.21.11.2025ରିଖ

ବିବରଣୀ: ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼-ପଲାସା ସେକ୍ସନ ମଧ୍ୟରେ ଆର୍କ ବ୍ରିଜ୍ ନଂ. 1111 (UP), 1166 (UP), 997(UP) ଏବଂ RCC ସ୍ଲାବ୍ ବ୍ରିଜ୍ ନଂ. 919 DN ର RCC ବାକ୍ସ ବ୍ରିଜ୍‌ଗୁଡ଼ିକରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନର୍ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 185.32 ଲକ୍ଷ, EMD (₹) : 2,42,700.00, ଶେଷ ହେବା ଅବଧି : 10(ଦଶ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.12.12.2025 ରିଖ 1500 ଘଟିକାରେ(ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ), ଖୋର୍ଦ୍ଧା ରୋଡ଼
PR-875/Q/25-26



**Govt. of Jharkhand**
**Energy Department**
**Jharkhand Renewable Energy Development Agency (JREDA)**
3rd Floor, S.L.D.C. Building, Kusai Colony, Doranda, Ranchi-834002.
Ph.: 0651-2491161, Fax: 0651-2491165
E-mail: info@jreda.com ; Website: www.jreda.com

**NOTICE FOR INVITING TENDER (NIB)**
**e-Procurement Notice**
**Tender reference no.: 13/JREDA/RMS/PM-KUSUM/ 25-26**
**Dated: 05.12.2025**

| | | |
|---|---|---|
| 1. | Name of the work | Configuration of devices with providing SCADA Software License, Deployment, integration and Go live service for each installed and new remote monitoring systems as well as Upgradation and Integration of existing State Level Portal & National Level Portal of PM-KUSUM scheme Component-B , along with establishment of Unified Monitoring and Information Management System for Customer Grievances Handling, and Operational Reporting with Five (5) years O&M Contract for Jharkhand Renewable Energy Development Agency (JREDA), Ranchi |
| 2. | Period of Contract | 3 Months Deployment + 60 Months O&M |
| 3. | Date of publication of NIT on website: http://jharkhandtenders.gov.in | 05.12.2025 |
| 4. | Date & time of Pre-bid meeting | 12.12.2025 at 2:00 PM |
| 5. | Last date & time for receipt of online bids | 29.12.2025 (Monday) up to 5:00 PM |
| 6. | Submission of Bid fee and EMD through Online Via SBI Payment Gateway of Jharkhand Tenders | 29.12.2025 (Monday) up to 5:00 PM |
| 7. | Technical Bid Opening Date | 31.12.2025 (Wednesday) at 3:00 PM |
| 8. | Name & address of office inviting tender | Director, Jharkhand Renewable Energy Development Agency (JREDA), 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 9. | Contact no. of procurement officer | 0651-2491167/68/61 |
| 10. | Helpline no. of e-procurement | 0651-2491167/68/61 |

**Any corrigendum/addendum can be seen on website:** http://jharkhandtenders.gov.in & www.jreda.com. **Further details can be seen on website:** http://jharkhandtenders.gov.in & www.jreda.com

Sd/-
Director,
JREDA, Ranchi

PR 367808 (Energy)25-26*D

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ସୁନସୁନ୍ ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଧରିତ୍ରୀ, ବି-୨୬, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୧୦ ଠିକଣାରେ ପଠାନ୍ତୁ।


# ଗୋଟିଏ ଦିନରେ ୧୦ ହଜାର ଟିକେଟ ଶେଷ

କଟକ,୫।୧୨(ଶିଖା ପ୍ରିୟଦର୍ଶିନୀ)

ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍ ପାଇଁ କାଉଣ୍ଟରରେ ଟିକେଟ୍ ବିକ୍ରି ଶୁକ୍ରବାର କରାଯାଇଛି। ମଧ୍ୟରାତ୍ରରୁ ଭିଡ ଅସମ୍ଭାଳ ହେବାରୁ ପୋଲିସ ନିୟମ ବଦଳାଇ ପର୍ଯ୍ୟାୟକ୍ରମେ କ୍ରିକେଟପ୍ରେମୀଙ୍କୁ ଧାଡ଼ି କରିବାକୁ ଅନୁମତି ଦେଇଥିଲା। ପରେ ସକାଳ ୯ଟାରୁ କାଉଣ୍ଟର କ୍ରିକେଟପ୍ରେମୀଙ୍କ ପାଇଁ ଖୋଲା ଯାଇଥିଲା। ସନ୍ଧ୍ୟା ୬ଟା ୩୦ ସୁଦ୍ଧା ସମସ୍ତ କାଉଣ୍ଟରରେ ଟିକେଟ ଶେଷ ହୋଇଥିବା ଓସିଏ ପକ୍ଷରୁ ସୂଚନା ମିଳିଛି। ଗତ ମ୍ୟାଚରେ ବିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ପ୍ରଥମ କରି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ପ୍ରାୟ ୧୦୦ ଜଣ ବାଉନ୍ସର ଟିକେଟ କାଉଣ୍ଟର ନିକଟରେ ମୁତୟନ କରାଯାଇଥିଲା। ଧାଡ଼ିରେ ଥିବା କ୍ରିକେଟପ୍ରେମୀଙ୍କୁ କାଉଣ୍ଟରର କିଛି ଦୂରରୁ ଅଟକା ଯାଇ ଗୋଟିଏ ପରେ ଗୋଟିଏ କରି କାଉଣ୍ଟର ନିକଟକୁ ଛଡ଼ାଯାଇଥିଲା।

ବାରବାଟୀ ଷ୍ଟାଡିୟମ ପରିସରରେ ୫ଟି ଟିକେଟ କାଉଣ୍ଟର ବ୍ୟବସ୍ଥା କରାଯାଇଥିଲା। ମାତ୍ର ଦିବ୍ୟାଙ୍ଗମାନଙ୍କ ପାଇଁ କାଉଣ୍ଟରରେ ଟିକେଟ କିଣିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ସେମାନଙ୍କୁ ପ୍ରାୟ ଦୁଇରୁ ତିନି ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥିଲା। ପରେ ପୋଲିସ ପକ୍ଷରୁ ଏହାର ବ୍ୟବସ୍ଥା କରାଯାଇ ଟିକେଟ ପ୍ରଦାନ କରାଯାଇଥିଲା। ସାଧାରଣ ଲୋକଙ୍କ ପାଇଁ କଟକଣା ରହିଥିବାବେଳେ ଟିକେଟ କାଉଣ୍ଟରରୁ କିଛି କର୍ମଚାରୀ ଟିକେଟ ନେଇ ପଳାଉଥିବାବେଳେ ଧାଡ଼ିରେ ଥିବା ଲୋକେ ହୋହଲ୍ଲା କରିଥିଲେ। ଟିକେଟ ପାଇଁ ଦୀର୍ଘ ସମୟ ଧାଡ଼ିରେ ଅପେକ୍ଷା କରିବାରୁ ଜଣେ ୬୦ ବର୍ଷର ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ପୋଲିସ ମହିଳାଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରିଥିଲା। ଟିକେଟ ଶେଷ ହୋଇଯିବାରୁ ବହୁ କ୍ରିକେଟପ୍ରେମୀ ଟିକେଟ ନ ପାଇ ଅସନ୍ତୋଷ ପ୍ରକାଶ କରିଛନ୍ତି।





ଟିକେଟ କିଣିବାପରେ ଉଲ୍ଲସିତ କ୍ରୀଡ଼ାପ୍ରେମୀ। (ଫଟୋ: ରାଜକିଶୋର ମହାନ୍ତି)



ଦିବ୍ୟାଙ୍ଗ ଦର୍ଶକମାନେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚର ଟିକେଟ କିଣିବାପରେ ପ୍ରଦର୍ଶନ କରୁଛନ୍ତି।

## ବାରବାଟୀ ଟି୨୦

- ବାଉନ୍ସର ଜଗିଲେ ଟିକେଟ କାଉଣ୍ଟର
- ଦିବ୍ୟାଙ୍ଗଙ୍କ ପାଇଁ ହୋଇ ନ ଥିଲା ସ୍ୱତନ୍ତ୍ର ବ୍ୟବସ୍ଥା

### ଜିକ୍‌ଜାକ୍ ଶୈଳୀରେ ବାରିକେଡ୍

ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ୩ ଦିନ ଥିବାବେଳେ ଚଳିତଥର ବାରିକେଡ୍ ବ୍ୟବସ୍ଥାରେ ସୁଧାର ଅଣାଯାଇ ସର୍ପେଣ୍ଟାଇନ୍ (ଜିକ୍‌ଜାକ୍) ଶୈଳୀରେ ବାରିକେଡ୍ କରାଯାଇଥିଲା। ସର୍ବସାଧାରଣଙ୍କ ନିମନ୍ତେ କ୍ୟାମ୍ପସ ପରିସରକୁ ନୋ ମ୍ୟାନ ଲାଣ୍ଡ ଘୋଷଣା କରାଯାଇଥିଲା । ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ନିକଟରେ ୩ଟି ଟିକେଟ କାଉଣ୍ଟର କରାଯାଇଥିବାବେଳେ ତନ୍ମଧ୍ୟରେ ଗୋଟିଏ ସ୍ୱତନ୍ତ୍ର ଭାବେ ମହିଳାଙ୍କ ଲାଗି ଉଦ୍ଦିଷ୍ଟ ଥିଲା। ଅନ୍ୟ ଦୁଇଟି କାଉଣ୍ଟରରୁ ସବୁ ବର୍ଗର ଦର୍ଶକ ଟିକେଟ ସଂଗ୍ରହ କରିବାର ବ୍ୟବସ୍ଥା ରହିଥିଲା। ମହିଳାମାନେ ବାସ୍କେଟ ବଲ କମ୍ପ୍ଲେକ୍ସ ନିକଟରୁ ଧାଡ଼ି ଦେବା ଆରମ୍ଭ କରିଥିବାବେଳେ ସାଧାରଣ ବର୍ଗଙ୍କ ଲାଗି ଥିବା କାଉଣ୍ଟର ନିମନ୍ତେ ଏକାଡେମୀ ପଡ଼ିଆ ଦେଇ ଧାଡ଼ିରେ ଆସିଥିଲେ। ଉକ୍ତ ପରିସରରେ ସ୍ୱାସ୍ଥ୍ୟ ଟିମ୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଥିଲା। ଅଗ୍ନିଶମ ବାହିନୀ ମଧ୍ୟ ମୁତୟନ ରହିଥିଲେ।

# ପହଞ୍ଚିଲେ ଦକ୍ଷିଣ ଆଫ୍ରିକାର ୫ ଖେଳାଳି

ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)

କଟକର ବାରବାଟୀ ଷ୍ଟାଡିୟମରେ ଆସନ୍ତା ୯ରେ ହେବାକୁଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ଲାଗି ଶୁକ୍ରବାର ଦକ୍ଷିଣ ଆଫ୍ରିକାର ୫ ଖେଳାଳି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଏହି ଖେଳାଳିମାନେ ହେଲେ ଟ୍ରିଷ୍ଟନ ଷ୍ଟବ୍ସ, ଡୋନୋଭାନ ଫେରେରା, ରିଜା ହେଣ୍ଡ୍ରିକ୍ସ, ଜର୍ଜ ଲିଣ୍ଡେ ଓ ଡେଭିଡ ମିଲର। ଅବଶିଷ୍ଟ ଖେଳାଳି ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ବିଶାଖାପଟନମ୍‌ଠାରେ ଶନିବାର ହେବାକୁଥିବା ତୃତୀୟ ଦିନିକିଆ ପରେ ଭୁବନେଶ୍ୱର ଆସିବେ।

# ଆଉ ଏକ 'ରୋ-କୋ' ଶୋ ଆଶାରେ ଭାରତ

ବିଶାଖାପଟନମ୍, ୫।୧୨ (ପିଟି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ୍ ଶନିବାର ଏଠାରେ ଅନୁଷ୍ଠିତ ହେବ। ୩ ମ୍ୟାଚ ବିଶିଷ୍ଟ ସିରିଜ ଏବେ ୧-୧ ସ୍ଥିତିରେ ରହିଛି। ତେଣୁ ସିରିଜ ଜିତିବାକୁ ହେଲେ ଭାରତ ପାଇଁ ଅନ୍ତିମ ଦିନିକିଆ ଜିତିବା ଜରୁରୀ ହୋଇ ପଡ଼ିଛି। ନଚେତ ଦକ୍ଷିଣ ଆଫ୍ରିକା ନିକଟରୁ ଆଉ ଏକ ସିରିଜ ପରାଜୟ ଭୋଗିବାକୁ ପଡ଼ିବ। ତେଣୁ ଆସନ୍ତା ମ୍ୟାଚରେ ରୋହିତ ଶର୍ମା ଓ ବିରାଟ କୋହଲି (ରୋ-କୋ) ପୁଣି ଭଲ ପ୍ରଦର୍ଶନ କରିବାନେଇ ଭାରତ ଆଶା ରଖିଛି। ତେବେ ସିରିଜକୁ ଦକ୍ଷିଣ ଆଫ୍ରିକା ୨-୦ରେ ଜିତି ସାରିଛି। ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେହିପରି ରୋହିତ ନିଜର ଶେଷ ୪ ଇନିଂସରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହି ସଂଖ୍ୟା ସେମାନଙ୍କର ଟଚ୍, କ୍ଲାସ ଏବଂ ସଙ୍ଗତା ଲାଗି ଭୋକିଲାପଣକୁ ଦର୍ଶାଉଛି।

ଗତ ମ୍ୟାଚରେ ଋତୁରାଜ ଗାଏକ୍‌ୱାଡ଼ ଶତକ ହାସଲ କରିଛନ୍ତି। ମାତ୍ର ଯଶସ୍ୱୀ ଜୟସ୍ୱାଲ ଭଲ ଆରମ୍ଭକୁ ବଡ଼ ସ୍କୋରରେ ପରିଣତ କରିପାରିନାହାନ୍ତି। ତେଣୁ ଏହି ଯୁବ ଓପନରଙ୍କ ଉପରେ ନିଶ୍ଚିତ ନଜର ରହିବ। ଦ୍ରୁତ ବୋଲରଙ୍କୁ ଖେଳିବାରେ ଜୟସ୍ୱାଲ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହେଉଛି। ବାମହାତୀ ବୋଲରମାନେ ତାଙ୍କୁ ୩୦ (ଟେଷ୍ଟରେ ୯, ଟି୨୦ରେ ୧୯ ଓ ଦିନିକିଆରେ ୨)ଥର ଆଉଟ କରିସାରିଛନ୍ତି।

### ତିଳକ ନା ସୁନ୍ଦର

ବିଶାଖାପଟନମ ପିଚ୍ ବ୍ୟାଟରଙ୍କୁ ସୁହାଇଥାଏ। ଏଠାରେ ଭାରତର ରେକର୍ଡ ମଧ୍ୟ ବହୁତ ଭଲ। ୧୦ ମ୍ୟାଚରୁ ଭାରତ ୭ଟିରେ ବିଜୟୀ ହୋଇଛି। ଗତ ୨ଟି ମ୍ୟାଚରେ ଭାରତର ମିଡିଲ ଅର୍ଡର ସଂଘର୍ଷ କରୁଥିବା ପରିଲକ୍ଷିତ ହେଉଛି। ଏ କ୍ଷେତ୍ରରେ ମ୍ୟାନେଜମେଣ୍ଟ ଆଗାମୀ ମ୍ୟାଚରେ ତିଳକ ବର୍ମାଙ୍କୁ ଖେଳାଉଛି ନା ଓ୍ୱାଶିଂଟନ ସୁନ୍ଦରଙ୍କ ଅପରିବର୍ତ୍ତିତ ରଖୁଛି ତା' ଉପରେ ମଧ୍ୟ ନଜର ରହିବ। ରିଷଭ ପନ୍ତ ଯଦିଓ ଉପଲବ୍ଧ ଅଛନ୍ତି ତେବେ ତିଳକ ଜଣେ ଭଲ ବ୍ୟାଟର ସହିତ ଉପଯୋଗୀ ସ୍ପିନର ଭୂମିକା ତୁଲାଇ ପାରିବେ।

ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତରେ ପ୍ରଥମ ଦିନିକିଆ ସିରିଜ ବିଜୟ ଆଶାରେ ରହିଛି। ପେସର ବର୍ଗର ଓ ବ୍ୟାଟର ଟୋନି ଡି ଜର୍ଜିଙ୍କ ଫିଟ୍‌ନେସ ଉପରେ ନଜର ରଖାଯାଉଛି।

### ତୃତୀୟ ଦିନିକିଆ ଆଜି

ସମୟ: ଅପରାହ୍ନ ୧.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ ଜିଓ ହଟ୍‌ଷ୍ଟାର

ବର୍ତ୍ତମାନ ପରିସ୍ଥିତିରେ କ୍ରମାଗତ ସିରିଜ ପରାଜୟ ସମ୍ପର୍କରେ ଘରୋଇ ଦଳ ଚିନ୍ତା କରି ପାରୁନାହିଁ। ଡ୍ରେସିଂରୁମ୍ ପରିବେଶ ଯାହା ଆଉନା କାହିଁକି କୋହଲି ଓ ରୋହିତଙ୍କ ଉପସ୍ଥିତି ଦଳର ମନୋବଳ ବଢ଼ାଉଛି। ବିରାଟ ଏବେ ଚମତ୍କାର ଫର୍ମରେ ଅଛନ୍ତି। ୨ଟି ମ୍ୟାଚରେ କ୍ରମାଗତ ଶତକ ହାସଲ କରି ସାରିଛନ୍ତି। କୋହଲିଙ୍କ ଭଳି ରୋହିତ ମଧ୍ୟ ୫୦ ଓଭର ଫର୍ମାଟରେ ବେଶ୍ ଅଭିଜ୍ଞ ଓ ଦକ୍ଷ। କ୍ୟାରିୟରର ଶେଷ ପର୍ଯ୍ୟାୟରେ ପହଞ୍ଚି ଯାଇଥିବାରୁ ଉଭୟ ଖେଳାଳି ସେମାନଙ୍କ ସଫଳତାର ଧାରାକୁ ଲୟଲାଭକୁ ଚାହିଁବେ ନିଶ୍ଚିତ। ଶେଷ ୩ ଇନିଂସରେ କୋହଲି ୨ଟି ଶତକ

## ଗତିକୃଷ୍ଣ ସ୍ୱାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍

# କିଶୋର, ଆର୍ଡୋର ବିଜୟୀ

ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ୱାରକୀ 'ବି' ଡିଭିଜନ ଫୁଟବଲ ଲିଗର ଶୁକ୍ରବାର ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚରେ କିଶୋର ସ୍ପୋର୍ଟିଂ ଓ ଆର୍ଡୋର ଏଫ୍‌ଏ ବିଜୟ ହାସଲ କରିଛି। ଅପରାହ୍ନ ୨ଟା୩୦ରେ ଅନୁଷ୍ଠିତ ମ୍ୟାଚରେ କିଶୋର ୫-୪ ଗୋଲରେ କିସ୍‌କୁ ପରାସ୍ତ କରିଛି। ଆସୋସିଏଶନର ବରିଷ୍ଠ ସଦସ୍ୟ ପ୍ରିୟନାଥ ଚୌଧୁରୀ ଅତିଥିଭାବେ ଯୋଗଦେଇ କିଶୋର ସ୍ପୋର୍ଟିଂର ସତ୍ୟମ୍ ସିଂଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସେହିପରି ଅପରାହ୍ନ ୫ଟାରେ ଅନୁଷ୍ଠିତ ମ୍ୟାଚରେ ଆର୍ଡୋର ୪-୧ ଗୋଲରେ ନୀତା ଫୁଟବଲ ଏକାଡେମୀକୁ ହରାଇ ଦେଇଛି। ବିଜୟୀ ଦଳର ଆୟୁଷ ଡିଗଲ ଅତିଥି ତଥା ଏମ୍‌ସିସି କ୍ଲବ ସମ୍ପାଦକ ଗୁରୁ ପ୍ରସାଦ ନନ୍ଦଙ୍କଠାରୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ।

# ଅଷ୍ଟ୍ରେଲିଆ ୪୪ ରନ୍‌ରେ ଅଗ୍ରଣୀ

ବ୍ରିସବେନ୍ (ଅଷ୍ଟ୍ରେଲିଆ), ୫।୧୨ (ଏପି)

ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆସେଜ ଟେଷ୍ଟର ଶୁକ୍ରବାର ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୪୪ ରନ ଅଗ୍ରଣୀ ଲାଭ କରିଛି। ଭ୍ରମଣକାରୀ ଦଳ ଖରାପ ବୋଲିଂ ବ୍ୟତୀତ ୫ କ୍ୟାଚ ହାତଛଡ଼ା କରିବାରୁ ଅଷ୍ଟ୍ରେଲିଆ ବ୍ୟାଟରମାନେ ଏଥିରୁ ଫାଇଦା ଉଠାଇଥିଲେ। ଫଳରେ ଦଳ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬ ଉଇକେଟ ବିନିମୟରେ ୩୭୮ ରନ କରିପାରିଛି। ଓପନର ଜେକ୍ ୱେଥରାଲ୍ଡ ୭୮ ବଲରୁ ୭୨ ରନ, ମାର୍ନସ ଲବୁସେନ (୬୫) ପଲ୍କରୁ ପଛ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ ଏବଂ କାମଚଳା ଅଧିନାୟକ ଷ୍ଟିଭ ସ୍ମିଥ୍ ୬୧ରନ ସଂଗ୍ରହ କରିନେଇଥିଲେ। ଗାବାରେ ବଲ୍ ବାଉନ୍ସ କରୁଥିବା ଯୋଗୁ ମଧ୍ୟ ବ୍ୟାଟରମାନେ ଆଧିପତ୍ୟ ବିସ୍ତାର କରିଥିଲେ। ଆଲେକ୍ସ କାରେ ବ୍ୟକ୍ତିଗତ ୨୫ ରନକରି ଖେଳୁଥିବାବେଳେ କ୍ୟାଚ ହାତଛଡ଼ା ହୋଇଯିବା ପରେ ଷ୍ଟମ୍ପ ଅପସାରଣ ବେଳକୁ ୪୫ ବଲ୍‌ରୁ ୪୬ରନ କରି ଅପରାଜିତ ରହିଥିଲେ। ମାଇକେଲ ନେସରଙ୍କ ମଧ୍ୟ ଏକ କ୍ୟାଚ ହାତଛଡ଼ା ହୋଇଥିଲା। ସେ ୧୫ ରନ କରି ଅପରାଜିତ ଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ କାରେ ଓ ନେସରଙ୍କ ମଧ୍ୟରେ ୪୯ରନର ପାର୍ଟନରଶିପ୍ ହୋଇସାରିଥିଲା।

### ସଂକ୍ଷିପ୍ତ ସ୍କୋର

ଇଂଲଣ୍ଡ ପ୍ରଥମ ଇନିଂସ: ୩୩୪/ଅଲଆଉଟ ( ଜୋ ରୁଟ୍-୧୩୮*, ଜ୍ୟାକ୍ କ୍ରଲି-୭୬, ମିଚେଲ ଷ୍ଟାର୍କ-୬/୭୫)। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ : ୩୭୮/୬ (ଜେକ୍ ୱେଥରାଲ୍ଡ-୭୨, ମାର୍ନସ ଲବୁସେନ-୬୫, ଷ୍ଟିଭେନ ସ୍ମିଥ-୬୧, ଆଲେକ୍ସ କାରେ-୪୬*, କାମେରନ ଗ୍ରୀନ୍-୪୫ ; ବ୍ରାଇଡନ୍ କାର୍ସି-୩/୧୧୩, ବେନ୍ ଷ୍ଟୋକ୍ସ-୨/୯୩)।

# ଜାତୀୟ ରୋଲର ସ୍କେଟିଂରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୫।୧୨ (ତପନ ସ୍ୱାଇଁ)

ବିଶାଖାପଟନମ୍‌ଠାରେ ୬୩ତମ ଜାତୀୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁଯାଉଛି। ଏଥିରେ ଭାଗ ନେବାଲାଗି ଓଡ଼ିଶା ଦଳ ଶୁକ୍ରବାର ସେଠାକୁ ଯାତ୍ରା କରିଛି। ଜାତୀୟ ପ୍ରତିଯୋଗିତା ପାଇଁ ଓଡ଼ିଶା ସ୍କେଟରମାନେ ଭଲଭାବେ ପ୍ରସ୍ତୁତି କରିଛନ୍ତି। ବର୍ଷସାରା ଖେଳାଳିମାନେ ପ୍ରସ୍ତୁତି ଜାରି ରଖିଥିଲେ। ଏଥର ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ ପାଇଁ ଆଶା ରହିଛି ବୋଲି ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥସାରଥି ଜେନା ପ୍ରକାଶ କରିଛନ୍ତି।

# ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୫।୧୨(ତପନ ସ୍ୱାଇଁ)

ଇଣ୍ଡିଆନ ଆସୋସିଏଶନ ଅଫ କିକ୍ ବକ୍ସିଂ ଅର୍ଗାନାଇଜେଶନ (ଆଇକେଓ) ଆନୁକୂଲ୍ୟରେ ନିଖିଳ ଓଡ଼ିଶା କିକ୍ ବକ୍ସିଂ ଆସୋସିଏଶନ ସହଯୋଗରେ ଭୁବନେଶ୍ୱରଠାରେ ଜାତୀୟ କିକ୍ ବକ୍ସିଂ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ମଞ୍ଚେଶ୍ୱରଠାରେ ୪ଦିନ ଧରି ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବର୍ଗରେ ପ୍ରତିଯୋଗିତା ହେଉଛି। ଆୟୋଜକ କମିଟି ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ବିଧାୟକ ବାବୁ ସିଂ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସଭାପତି ସମୀର ମହାନ୍ତି, ଭାଜପା ନେତା ଜଗନ୍ନାଥ ପ୍ରଧାନ, ସାମାଜିକକର୍ମୀ ରୋଜାଲିନ ପାଟଶାଣୀ ମିଶ୍ର, ରୋଟାରୀ ଜିଲ୍ଲା ଗଭର୍ନର ଲକ୍ଷ୍ମୀ ମହାନ୍ତି, ଆଇଏକେଓ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ସୁଧାଂଶୁ ଶେଖର ହରିଚନ୍ଦନ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ସଭାପତି ସଞ୍ଜୟ ଚୌଧୁରୀ, ଆଇଏକେଓ ସଭାପତି ପ୍ରବୋଧ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।


# Classified Everyday
0674-2580101, 9692975378



REAL ESTATE
SALE

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735

ଭୁବନେଶ୍ୱର ଜଟଣୀରେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. D-14





The massage felt totally professional! & comfortable at all times-7978109255. D-221

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

By virtue of an affidavit sworn before the Notary Public, Nuapada, Dtd.17.11.25, I, Nita Patel, W/o. Pustam Patel, R/o. Village- Tamkidadar, P.O.- Bhaleswar, P.S.- Beltukri, Dist.- Nuapada declare that after marriage I have changed my name from Chuni Patel to Nita Patel. That both the names is one and same person. Henceforth, I shall be known as Nita Patel. D-2767

I, Debdulal Mandal, S/o.- Late Rasbihari Mandal, resident of At/ Post- Talchua, P.S.- Marine, P.S.- Talchua, Dist.- Kendrapara, PIN- 754248, Odisha declare by this affidavit No.- 7578, dtd.- 26.09.2025 that now onwards I shall be known as DEBADULAL MANDAL for all future purposes. D-76880

By virtue of an affidavit sworn before Notary Public, dated 5th Dec 2025, I, Tukuni Bishoyi, Address Village- Jaripanga, P.O.- Tembaguda, Dist.- Rayagada, Odisha, 765025 declare that I have changed my name from T Tukuni to Tukuni Bishoyi. Henceforth, I shall be known as Tukuni Bishoyi for all purposes.
Tukuni Bishoyi D-2770

I, Sisir Dakua, S/o. Kabiraj Dakua, Resident Bhimapur P.O.- Chattamunduli, P.S.- Purushottampur, Ganjam, 761018, Odisha declare by this affidavit No.- 830/25, 03.12.2025 that now onwards I Shall be known as Sisir Dakua, S/o. Udayanath Dakua, Resident of Burtulu, P.O.- Jamuni, P.S.- Purushottampur, Ganjam for all future purpose. D-2768

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ ହେଉଥିବା ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ କୌଣସି କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଯାଞ୍ଚ କରିନେବାକୁ ଅନୁରୋଧ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before Notary Public, dated 05th Dec 2025, I, Shib Bishoyi, Address At- Badanal, Village- Tembaguda, P.O.- Tembaguda, Dist.- Rayagada, Odisha, 765025, declare that I have changed my name from T Shib to Shib Bishoyi. Henceforth, I shall be known as Shib Bishoyi for all purposes.
Shib Bishoyi D-2771

By virtue of an affidavit dtd. 03.12.2025 sworn before Executive Magistrate, Bhadrak, I, Sasmita Ray, W/o. Abantikanta Ray, Vill.– Madhiali, P.O.– Babalpur, P.S.– Bhandaripokhari, Dist.– Bhadrak, Odisha, PIN– 756121 declare that I have changed my daughter's name from Laxmi pratima Ray to Lagnika Ray. Henceforth, She shall be known as Lagnika Ray for all future purposes. D-2769

ମୁଁ ରଞ୍ଜିତା ଶଙ୍ଖୁଆ, ଗ୍ରାମ- ସହଜପଦା, ଥାନା- ସିମୁଲିଆ, ଜି- ବାଲେଶ୍ୱର ଅଟେ। ମୋ ସ୍ୱାମୀ- କରୁଣାକର ଶଙ୍ଖୁଆଙ୍କର ୫୩ ବର୍ଷ ବୟସରେ ଗତ ତା୦୯.୦୬.୨୦୨୫ରିଖ ଆମ ସହଜପଦାସ୍ଥିତ ବାସଭବନରେ ସ୍ୱାଭାବିକ ଦେହାନ୍ତ ହୋଇଯାଇଛି। ତାଙ୍କ ଏଲ୍.ଆଇ.ସି. ପଲିସି ନଂ.- ୫୯୭୬୭୫୩୨୮୩ ବଣ୍ଡ ପେପରରେ ନୋମିନି ସ୍ଥାନରେ ମୋ ଡାକ ନାମ ଜୟନ୍ତୀ ଶଙ୍ଖୁଆ ଉଲ୍ଲେଖ ଅଛି। ଲିଗାଲ ହେୟାରରେ ରଞ୍ଜିତା ଶଙ୍ଖୁଆ ଅଛି। ମୁଁ ଜୟନ୍ତୀ @ ରଞ୍ଜିତା ଶଙ୍ଖୁଆ ଅଟେ। ଧ-୨୭୭୭

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନସ୍ତରର QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM UPI
ଦେୟ ପେଠ ହେବାପରେ ରସିଦ୍ Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଶ୍ୟାମଳୀ କନ୍ୟା

ଗଳ୍ପ

**ମଣୀନ୍ଦ୍ର କୁମାର ମେହେର**



ପିଉସୀ ଦେଇଥିବା ୧୦ ପଇସା ହାତରେ ଧରି ଦୌଡ଼ି ଦୌଡ଼ି ଯାଉଥିଲି ମୁଁ ଗୁଡ଼ିଆ ଦୋକାନକୁ ବାରଗୁଲିଆ ଖଜା କିଣିବା ପାଇଁ। ଛୋଟ ଛୋଟ ବାରଟି ଗୋଲାକାର ଚୂନା ଚାଉଳରେ ତିଆରି ସେହି ଲଡୁ। ଗୁଡ଼ ମିଶ୍ରିତ ହୋଇଥିବା ଯୋଗୁ ଅତ୍ୟନ୍ତ ସ୍ୱାଦିଷ୍ଟ। ତାହା ଦାନ୍ତରେ ଚୋବାଇ ଖାଇବାବେଳକୁ ଯେଉଁ ଶବ୍ଦହୁଏ କୁରୁମ କୁରୁମ, ତାହା ଥିଲା ଏକାନ୍ତ ଆନନ୍ଦଦାୟକ। ବାରଗୁଲିଆ ଖଜା ମିଳୁଥିବା ଗୁଡ଼ିଆ ଦୋକାନରେ ପହଞ୍ଚିବା ପୂର୍ବରୁ ହିଁ ମାଡ଼ି ଆସିବ ପ୍ରବଳ ତୋଫାନ ବୋଲି କେମିତି ବା ଭାବିଥାଆନ୍ତି! ଦେଖିଲି ସନ୍ଧ୍ୟାର ଝାପ୍‌ସା ଆଲୁଅରେ କିଳିକିଳା ରାବ କରି କେହି ଜଣେ ଦୌଡ଼ି ଆସୁଛି ମୋ' ନିକଟକୁ। ସେହିକ୍ଷଣି ପ୍ରତୀତ ହେଲା ମୋତେ ଏହା ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି। ଯେତିକି ବେଗରେ ସେହି ମୂର୍ତ୍ତି ମୋ' ଆଡ଼କୁ ଅଗ୍ରସର ହୋଇ ଆସୁଥାଏ, ତା'ର ଦୁଇଗୁଣା ଅଧିକ ବେଗରେ ଦେହର ସବୁ ଶକ୍ତି ଠୁଳକରି ମୁଁ ଧାଇଁଲି ପଛଆଡ଼କୁ କୌଣସି ପ୍ରକାରେ ଜୀବନ ରକ୍ଷା ପାଇଁ। ଘରେ ପହଞ୍ଚିଲି। ବହୁ ସମୟ ଲାଗିଗଲା ସ୍ୱାଭାବିକ ଅବସ୍ଥା ଫେରିଆସିବା ପାଇଁ। ବଡ଼ମା', ପିଉସୀ ଓ ମା'ଙ୍କୁ ଜଣାଇଲି ମହାକାଳୀଙ୍କ ଭୟଙ୍କର ମୂର୍ତ୍ତି ଦେଖି ମୁଁ କିପରି ପଳାଇଆସିଛି। ପିଉସୀଙ୍କ କଥା ମାନି ନ ଥିବାରୁ ଓ ନିଜ ଜିଦ୍‌ରେ ଅଟଳ ରହି ମୋ' ପାଉଣା ଜବରଦସ୍ତି ଆଦାୟ କରିସାରି ମନୋବାଞ୍ଛା ପୂରଣ କରିବାର ଏହା ଦୁଷ୍ପରିଣାମ ବୋଲି ଭାବିଲି, ଆଉ ଏପରି କରିବି ନାହିଁ ବୋଲି ପ୍ରତିଶ୍ରୁତି ଦେଲି।

ପୁରୁଣା ଘରୁ ନୂଆ ଘରକୁ ଚାଲିଆସିବା ପରେ ମନ୍ଦିର ସବୁ ରହିଗଲେ ଦୂରବର୍ତ୍ତୀ ହୋଇ। କିନ୍ତୁ ଟିଉଶନ ପଢ଼ିବା ପାଇଁ ମୁଁ ସମଲାଇ ମନ୍ଦିର ନିକଟରେ ଥିବା କମଳ ମାଷ୍ଟ୍ରେଙ୍କ ଘରକୁ ଯାଉଥିଲି ଅଷ୍ଟମ ଶ୍ରେଣୀ ପଢ଼ିବାବେଳେ। ସେହି ସମୟରେ ହିଁ ଟିଉଶନ ପିଲାଙ୍କ ମଧ୍ୟରେ ସ୍ଥିରୀକୃତ ହୋଇଥିଲା ମା' ସମଲାଇଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିବା ପାଇଁ ମନ୍ଦିର ପ୍ରବେଶର ପ୍ରସ୍ତାବ। ମନର ଭୟ କାହା ଆଗରେ ବ୍ୟକ୍ତ କରିପାରୁ ନ ଥିଲି କିମ୍ବା ମନ୍ଦିର ଯିବା ପାଇଁ ଅନିଚ୍ଛା ମଧ ପ୍ରକାଶ କରିବା ଥିଲା ଅସମ୍ଭବ। ଅତ୍ୟନ୍ତ ଭୟାତୁର ଭାବରେ ସବୁ ପିଲାଙ୍କ ପଛରେ ରହି ସନ୍ତର୍ପଣ ସହକାରେ ପ୍ରବେଶ କରିଥିଲି ମନ୍ଦିର ମଧ୍ୟକୁ। ପୂଜା ଅର୍ଘ୍ୟ ପ୍ରଦାନ କରି ମୁଣ୍ଡିଆମାରି ଯେତେବେଳେ ମନ୍ଦିରରୁ ବାହାରି ଆସିଲି, ସେତେବେଳେ ନୂଆ ଜୀବନ ଲାଭ କରିବାର ଆଶ୍ୱସ୍ତି ଅନୁଭବ କରିଥିଲି।

ବୟସ ବଢ଼ିବା ପରେ କ୍ରମେ କ୍ରମେ ଉପଲବ୍ଧି କରିପାରିଥିଲି ଯେ ଦିବ୍ୟ ଜନନୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ଭୟର କାରଣ ହୋଇ ନ ପାରେ। ମୋର ଏହି ଭୟକୁ ଯିଏ ଚୂର୍ଣ୍ଣିଭୂତ କରିଦେଇଥିଲେ, ସେ ହେଉଛନ୍ତି ରାମକୃଷ୍ଣ ପରମହଂସ। ବରପାଲିରେ ମାଆ କାଳୀଙ୍କ ପୂଜା ଦୀପାବଳି ସମୟରେ ଆୟୋଜନ ହୁଏ। ପ୍ରତ୍ୟେକ ବର୍ଷ ଯାଏ ମୁଁ ମାତୃମୂର୍ତ୍ତି ଦର୍ଶନ କରିବା ପାଇଁ। ମୂର୍ତ୍ତିର ଭୟଙ୍କର ରୂପ ଦେଖିବା ପରେ ମଧ ମନକୁ ଶାନ୍ତ କରି ରଖିବା କି କଠିନ ବ୍ୟାପାର ତାହା କାହାକୁ ବୁଝାଇ କହିବା ମୋ' ପକ୍ଷରେ ଥିଲା ଅସମ୍ଭବ। ନୃମୁଣ୍ଡମାଳିନୀ ଲହଲହ ଜିହ୍ୱାଧାରିଣୀ ମହାକାଳୀଙ୍କ ବିକଟାଳ ରୂପ ମୋର ମାନସପଟକୁ କିପରି କବଳିତ କରି ରଖିଥିଲା, ତାହା କାହାକୁ କହିପାରୁ ନ ଥିଲି ଉପହସିତ ହେବା ଆଶଙ୍କାରେ। ସ୍କୁଲ ସମୟ ବିତିଗଲା। କଲେଜ ଓ ବିଶ୍ୱବିଦ୍ୟାଳୟର ପାଠ ହୋଇଗଲା ସମାପ୍ତ। ବରପାଲି କଲେଜରେ ହେଲି ଅଧ୍ୟାପକ। ଏହାରି ମଧ୍ୟରେ ମୋର ଭୀତତ୍ରସ୍ତ ମାନସିକତାରେ ଘଟିଯାଇଥିଲା ଉଲ୍ଲେଖନୀୟ ପରିବର୍ତ୍ତନ। ରାମକୃଷ୍ଣ ପରମହଂସଙ୍କ ଜୀବନୀ ଅଧ୍ୟୟନ କରୁକରୁ ମୁଁ ନିଜେ ଯେ ପରିଣତ ହୋଇଯାଉଥିଲି ଆଉ ଏକ ରାମକୃଷ୍ଣରେ, ତାହା ବୁଝିପାରିବାର ପୂର୍ଣ୍ଣତା ପ୍ରାପ୍ତ ହୋଇ ନ ଥାଏ। ତଥାପି କେଜାଣି କାହିଁକି କ୍ଲାସ୍ ନେବାବେଳେ ରାମକୃଷ୍ଣ ଓ ମାଆ କାଳୀଙ୍କ ବିଷୟ କି ବିମୁଗ୍ଧ କଣ୍ଠରେ ବ୍ୟକ୍ତ କରୁଥିଲି ମୁଁ! ନିଜ ବକ୍ତବ୍ୟରେ ନିଜେ ହିଁ ହେଉଥିଲି ସ୍ତମ୍ଭୀତ। କ୍ଲାସ୍‌ରେ ବସିଥିବା ଛାତ୍ରୀଛାତ୍ର ମଧ ଯେପରି ଧ୍ୟାନମଗ୍ନ ହୋଇଉଠୁଥିଲେ, ତାହା ଦେଖି ମୁଁ ନିଜେ ଅଭିଭୂତ ହୋଇଯାଇଛି ପ୍ରତି ଥର।

ଦିନେ କଥା ପ୍ରସଙ୍ଗରେ ହଠାତ୍ ମୋ' ମୁହଁରୁ ଏକ ପ୍ରସ୍ତାବ ନିର୍ଗତ ହୋଇଗଲା ଆପଣାଛାଏଁ। ତାହା ହେଲା 'ବାସନ୍ତୀ' ଅନୁଷ୍ଠାନ ତରଫରୁ ବରପାଲିର କାଳୀମନ୍ଦିର ଦର୍ଶନ। ଏପରି ପ୍ରସ୍ତାବଟିଏ କିପରି ସ୍ଫୁରିତ ହୋଇଗଲା ନିର୍ବିଚାରରେ ତାହା ଭାବି ମଧ ପାରିଲି ନାହିଁ। ମୁଁ ନିଜେ ତ ମନ୍ଦିର ମଧ୍ୟକୁ କେବେହେଲେ ପ୍ରବେଶ କରିବା ପାଇଁ ସାହସ କରିନି। ମୁଁ ପୁଣି ମୋ' ପ୍ରିୟ ଛାତ୍ରୀଛାତ୍ରଙ୍କୁ ନେଇ ମନ୍ଦିରକୁ ଯିବି କେଉଁ ଦମ୍ଭ ନେଇ? ଯେହେତୁ କହିଦେଇ ସାରିଛି ଆଉ ସେହି କଥାରୁ ଓହରି ଆସିବା ସମ୍ଭବ ନ ଥିଲା। ଛାତ୍ରୀଛାତ୍ରଙ୍କ ଉତ୍ସାହ କ୍ରମଶଃ ବଢ଼ିଆସୁଥାଏ ନଈବଢ଼ି ପରି। ସେମାନଙ୍କ ଉତ୍କଣ୍ଠାପୂର୍ଣ୍ଣ ଉତ୍ସାହ ସହିତ ନିଜକୁ ଏକାତ୍ମ ନ କରି କିପରି ଭିନ୍ନ ହୋଇ ରହିପାରିଥାଆନ୍ତି?

ନିର୍ଦ୍ଧାରିତ ଦିନ ଓ ସମୟ ନିକଟତର ହୋଇଆସିଲା। ମଧ୍ୟାହ୍ନ ଅତିକ୍ରମ କରିବା ପରେ ଶୀତଦିନର ଖରାବେଳେ ବାହାରିଲୁ ଆମେ କଲେଜରୁ ସଦଳବଳ। ମୋ' ପାଇଁ ଶୀତର ପ୍ରକୋପ ଭୟର ପ୍ରତୀକ। ଆଉ ଉଷୁମ ଖରା ହେଲା ନିର୍ଭୟତାର ଆଶ୍ୱାସନା। ମୁଁ ଚାଲିଥିଲି ଭୟାର୍ତ୍ତ ଚିତ୍ତରେ। ଛାତ୍ରୀଛାତ୍ରମାନେ ଥିଲେ ମୋ' ପାଇଁ ଶୀତଦିନର ମଧ୍ୟାହ୍ନ ପରି ଆଶା ଆଶ୍ୱାସନା ଓ ନିର୍ଭୟତାର ଏକ ସୁରକ୍ଷିତ ବଳୟ। ଏକୁଟିଆ ମହାକାଳୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ସାହସ ନ ଥିଲା ବୋଲି ମୋର ଅନ୍ତର୍ମନ ଛାତ୍ରୀଛାତ୍ର ରୂପକ ସୈନ୍ୟବାହିନୀ ସହିତ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲା। ନ ହେଲେ ଏ ଆୟୋଜନ ହୋଇପାରି ନ ଥାନ୍ତା କେବେହେଲେ।

ବରପାଲି ରାଜବାଟୀ ସୀମା ମଧ୍ୟରେ ପ୍ରତିଷ୍ଠିତ ହୋଇଛି ମା' କାଳୀଙ୍କ ମନ୍ଦିର। ଜମିଦାରଙ୍କ ଉତ୍ତରଦାୟାଦ ମୋର ପିତୃପ୍ରତିମ ଓ ମୋ' ପ୍ରତି ଅତ୍ୟନ୍ତ ସ୍ନେହଶୀଳ। ଯେତେବେଳେ ଜାଣିଲେ ସେ ଯେ ଛାତ୍ରୀଛାତ୍ରମାନଙ୍କୁ ନେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବା ନିମନ୍ତେ ମୁଁ ଆସି ପହଞ୍ଚିଛି, ଦର୍ଶନ ନିମିତ୍ତ ଉନ୍ମୁକ୍ତ କରିଦେଇଥିଲେ ମନ୍ଦିରର ରୁଦ୍ଧଦ୍ୱାର। ଜଣେ ଜଣେ ହୋଇ ସମସ୍ତେ ପ୍ରବେଶ କଲୁ ମନ୍ଦିର ମଧ୍ୟକୁ। ମହାକାଳୀଙ୍କ ସେହି ଲହଲହ ଜିହ୍ୱା କୋପିତ ଅଗ୍ନିବର୍ଷୀ ଚକ୍ଷୁ ଯୁଗଳ ନରମୁଣ୍ଡର ମାଳା ଧାରଣ କରିଥିବା ଦେବୀ ପ୍ରତିମାଙ୍କୁ ମୁଁ ଚାହିଁ ପାରିବି ତ? ଏହି ଚିନ୍ତାରେ ମୋର ଦେହ ହୋଇଯାଇଥିଲା ସ୍ୱେଦ ଜର୍ଜରିତ। ମନ୍ଦିର ଭିତରକୁ ପ୍ରବେଶ କଲି ଅତି ସାବଧାନତାର ସହିତ। ମହାକାଳୀଙ୍କ କଳ୍ପିତ ସେହି ଭୟଙ୍କର ମୂର୍ତ୍ତି ଦେଖିବା ସକାଶେ ଆଖି ବୁଲାଇ ଆଣିଲି ସର୍ବତ୍ର। କି ଆଶ୍ଚର୍ଯ୍ୟ କଥା! କ'ଣ ଘଟିଗଲା ମୁହୂର୍ତ୍ତଟିଏ ମଧ୍ୟରେ! ମହାକାଳୀଙ୍କ ସେହି ଭୟ ସଂଚାରିଣୀ ମୂର୍ତ୍ତି କେଉଁଠି? ମୁଁ ଯେ ଦେଖିପାରୁ ନାହିଁ ତାଙ୍କ ଉପସ୍ଥିତି। ମୋ' ପ୍ରିୟ ଛାତ୍ରୀଛାତ୍ରମାନଙ୍କୁ ଜିଜ୍ଞାସା କଲି ଏ ବିଷୟରେ। ସେମାନେ ହସିଲେ। କହିଲେ- ''ସାର୍ ଆପଣ କ'ଣ ଦେଖିପାରୁ ନାହାନ୍ତି, ଏଇ ପରା ମାଆ ବସିଛନ୍ତି ଆମକୁ ଅନାଇ।'' ମୋ' ଦୃଷ୍ଟି କେନ୍ଦ୍ରୀଭୂତ ହେଲା ଏକ କ୍ଷୁଦ୍ର ସୁବର୍ଣ୍ଣ ନିର୍ମିତ ଖଟୁଲି ଉପରେ। ତା' ମଧ୍ୟରେ ବିରାଜିତା ମାଆ କାଳୀଙ୍କ ପ୍ରତିମା ଆହୁରି କ୍ଷୁଦ୍ରକାୟ। ଯେମିତି ଘରେ ଘରେ ଲକ୍ଷ୍ମୀପୂଜା ହୁଏ ଏବଂ ମାଆ ଲକ୍ଷ୍ମୀଙ୍କ ପ୍ରତିମା ଯେଉଁ ଆକାରରେ ନିର୍ମିତ, ମାଆ କାଳୀଙ୍କ ମୂର୍ତ୍ତି ଠିକ୍ ସେହିପରି ପ୍ରତିଭାତ। ମୋ' ଆଖିକୁ ଦେଖାଗଲା କଲେଜରୁ ମୋର ଫେରିବା ପଥକୁ ଚାହିଁ ରହିଛି ମୋର ତିନି ବର୍ଷର ସୁନା ଝିଅଟି। ମୋତେ ଦେଖୁଦେଖୁ ଡାକିଦେବ ବାପା ବୋଲି, ଆଉ ମୋ' ବେକରେ ଝୁଲିପଡ଼ିବ ଅବିଳମ୍ବେ। ପଚାରିବ ଆଜି ମୋ' ପାଇଁ ଆଇସ୍‌କ୍ରିମ ନେଇ ଆସିଛ ନା ବାପା? ମୁଁ ଉତ୍ତର ଦେଉଛି- ''ସୁନା ମାଆ ମୋର ଶୀତଦିନେ କ'ଣ ଆଇସ୍‌କ୍ରିମ୍ ଖାଆନ୍ତି?''

- ପରିଦର୍ଶକ ପ୍ରଫେସର
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ
ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

## ପୁସ୍ତକ ପରିଚୟ

### ବୁଦ୍ଧ କଥାମୃତ




**ଲେଖକ:** ନଗେନ୍ଦ୍ରନାଥ ପଟ୍ଟନାୟକ
**ପ୍ରକାଶକ:** ଲିପିକା, ଜଟଣୀ, ପୁରୀ
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୨୨୦/-

'ବୁଦ୍ଧ କଥାମୃତ' ବୁଦ୍ଧଦେବଙ୍କ ଜୀବନ ଦର୍ଶନକୁ ନେଇ ରଚିତ ଏପରି ଏକ ମହାର୍ଘ ଗ୍ରନ୍ଥ, ଯାହା ପାଠିକାପାଠକମାନଙ୍କୁ ବୁଦ୍ଧଦେବଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରିବା ସହିତ ପାଠକୀୟ ଆନନ୍ଦ ମଧ ଦେବ- ଏହି ମର୍ମରେ ଗ୍ରନ୍ଥ ଓ ଗ୍ରନ୍ଥକାରଙ୍କ ସମ୍ପର୍କରେ ସୂଚନା ପ୍ରଦତ୍ତ ହୋଇଛି। ମୋଟ ୯୨ଟି ପ୍ରସଙ୍ଗ ରହିଛି ଗ୍ରନ୍ଥରେ। ସବୁ ଗୋଟିଏ ଗୋଟିଏ ଚମତ୍କାର ବୁଦ୍ଧ-କାହାଣୀ। ଏଥିରେ ଥିବା ଚାରି ଆର୍ଯ୍ୟ ସତ, ଗୌତମ ବୁଦ୍ଧ ଓ ପ୍ରେମଶକ୍ତି, ବୁଦ୍ଧଙ୍କ ଏକାଗ୍ରତା, ଭଗବାନ୍ ବୁଦ୍ଧ ଓ ସେଠ୍, ବୁଦ୍ଧ ଓ ଚିରାବସ୍ତ୍ର ପରିହିତ ବ୍ୟକ୍ତି, ଅମରତ୍ୱର ଫଳ, କନ୍ୟାରତ୍ନ ଅଛୁଆଁ ନୁହେଁ, ବୃକ୍ଷକୁ ସମ୍ମାନ, ସାତ୍ତ୍ୱିକ ଜୀବନ, ମହାତ୍ମା ବୁଦ୍ଧ ଓ ନିଃସ୍ୱ ବ୍ୟକ୍ତି, ବୌଦ୍ଧଭିକ୍ଷୁ ଓ ବିଶାଖା, ବୌଦ୍ଧ ଓ ଶିଷ୍ୟ ଅନାଥପିଣ୍ଡକ, ବିଶ୍ୱାସ ଓ ଶ୍ରଦ୍ଧା, ମୃତ୍ୟୁ ଔଷଧ, ଆତ୍ମ-ସାକ୍ଷାତ୍‌କାର, ଜୀବ-ହନ୍ତକରୁ ଜୀବ-ରକ୍ଷକ ଓ ନିର୍ବାଣର ମୂଳମନ୍ତ୍ର ପ୍ରଭୃତି ଆଖ୍ୟାୟିକାଗୁଡ଼ିକ ବ୍ୟକ୍ତିର ନୈତିକ ଜୀବନ ଗଠନ ଓ ସଦାଚାର ଶିକ୍ଷା ପ୍ରତି ସବୁବର୍ଗର ପାଠକଙ୍କୁ ଅନୁପ୍ରେରିତ କରିବାର ସାମର୍ଥ୍ୟ ରଖେ। ବୁଦ୍ଧଙ୍କର ଜଗତ କଲ୍ୟାଣ ପାଇଁ ବାର୍ତ୍ତା ଥିଲା- ''ସର୍ବେସତା ସୁଖୀ ହୋନ୍ତୁ'', ଅର୍ଥାତ୍ ସକଳ ପ୍ରାଣୀ ସୁଖୀ ହୁଅନ୍ତୁ। ବୁଦ୍ଧ ପୁଣି କହିଥିଲେ- ''ନାହି ବୈରନ ବୈରାନି ସମନ୍ୱୀତା କୁଦାଚନଂ/ ଅବୈରେନ ତୁ ସମନ୍ୱୀତା ଏସ ଧମ୍ମୋ ସମନ୍ୱିନୋଂ।'' ଅର୍ଥାତ୍ ବୈରୀ, ବୈରତାରେ କେବେ ଶାନ୍ତି ନ ଥାଏ। ସୁତରାଂ ମୈତ୍ରୀ ଭାବରେ ହିଁ ଶାନ୍ତି ନିହିତ। ରାଗ, ଦ୍ୱେଷ, ଈର୍ଷା, ଅସୂୟା, ମୋହ, ମାତ୍ସର୍ଯ୍ୟ ଓ ହିଂସାରେ ଦଗ୍ଧିଭୂତ ସାମ୍ପ୍ରତିକ ସମୟରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ବୁଦ୍ଧଙ୍କର ବାଣୀ ଯେ ବିଶଲ୍ୟକରଣୀତୁଲ୍ୟ- ଏଥିରେ ସନ୍ଦେହ ନାହିଁ। ବହିଟି ସୁଜନଙ୍କ ଦ୍ୱାରା ମିତ୍ର ପରି ଆଦୃତ ହେବ ବୋଲି ଆଶା।

### ପ୍ରୀତିସିକ୍ତା




**କବି:** ଡ. ଭରତ ଚନ୍ଦ୍ର ଦାଶ
**ପ୍ରକାଶକ:** ଦିବ୍ୟ ପ୍ରକାଶନୀ, ସାମନ୍ତରାପୁର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୨୦/-

'ପ୍ରୀତିସିକ୍ତା'ର ପ୍ରାରମ୍ଭରେ କବି କହିଛନ୍ତି ଯେ, ଏହା ହେଉଛି ତାଙ୍କର ସପ୍ତଦଶ କବିତାଗ୍ରନ୍ଥ ଓ ଷୋଡ଼ଶ ଏକପଦୀ କବିତା ସଂକଳନ। ପ୍ରେମ ଓ ପ୍ରତ୍ୟୟର ସମନ୍ୱୟରେ ଗ୍ରନ୍ଥସ୍ଥ କବିତାଗୁଡ଼ିକ ରସସିକ୍ତ ଓ ଜୀବନଧର୍ମା। ଏଥିରେ ୧୪୦ଟି ଏକପଦୀ ରହିଛି। ଓଡ଼ିଆ କବିତା ବିଶେଷକରି ସାମ୍ପ୍ରତିକ ସମୟଖଣ୍ଡରେ ଏକପଦୀର ରଚନା ପ୍ରାୟତଃ ବିରଳ ହୋଇଥିବା ବେଳେ କବିଙ୍କର ଏ ଦିଗରେ ପ୍ରଚେଷ୍ଟା ଅଭିନନ୍ଦନୀୟ। ଗ୍ରନ୍ଥରୁ କେତୋଟି ଉଦାହରଣ ନେଇ ଶ୍ରଦ୍ଧାଳୁ ପାଠକଙ୍କୁ ଗ୍ରନ୍ଥଟି ପ୍ରତି ଉନ୍ମୁଖ କରିହେବ। ଯଥା: ୧. ''ଅନାମିକା ଫୁଲ କାନରେ କୁଣ୍ଡଳ/ ରହି ରହି ଝୁଲେ ଧୀରେ/ ଜାଣିଛ କି ତୁମେ ଭ୍ରମର ମରମେ/ ପ୍ରୀତିର ସୁରଭି ଭରେ।'', ୨. ''ମୋର ଏ କବିତା ଜୀବନ ସଳିତା/ ପ୍ରୀତିର ପ୍ରଦୀପେ ଜଳେ/ ଜୀବନର ଗାଥା ପ୍ରଣୟ ବାରତା/ ଛଳନା କରିନି ତିଳେ।'', ୩. ''ସମୟ ପାଇଲେ କଥା ହେବ ବୋଲି/ କହିଥିଲ ତୁମେ କାଲି/ ପ୍ରୀତିମନସ୍କରେ ସ୍ୱପ୍ନ ଦେଖୁଥିଲ/ ପ୍ରଣୟୀକୁ ଗଲ ଭୁଲି।'' ଓ ୪. ''କାଳ କବଳରେ ଲିଭିଯିବ ଦିନେ/ ଜୀବନ ପ୍ରଦୀପ ମୋର/ ଦେଖିବ ଗୋ ପ୍ରିୟେ ଶବ୍ଦ ଚାରୁକଳା/ ଅକ୍ଷୟ ଅକ୍ଷର ଚିର।'' ବହି ସମ୍ପର୍କରେ କହିବାକୁ ଯାଇ ଡ. ବିଶ୍ୱରଂଜନ ଦାସ କହିଛନ୍ତି: ''ପ୍ରେମର ବାଣୀ ସ୍ମୃତିଲଗ୍ନା ହୋଇ ଗୀତିମୟ ଉଚ୍ଛ୍ୱାସ ଭରିବା ଉଭୟ କବିତା ଓ ସଂଗୀତକୁ ଗୁଣାତ୍ମକ କରେ। ଭରତଙ୍କ ଏକପଦୀ କବିତାର ପଙ୍କ୍ତିଗୁଡ଼ିକ 'ନବ-ଗୀତିକାବ୍ୟ' (Neo-Lyricism) ପର୍ଯ୍ୟାୟର।'' ପ୍ରକାଶକୀୟରେ ଉଲ୍ଲେଖ ରହିଛି: ''...ପାଠକ ପଢ଼ିବା ଆରମ୍ଭ କଲେ ଭାବରାଜ୍ୟରେ ଏମିତି ହଜିଯାଏ ଯେ ବହିଟିକୁ ପଢ଼ି ଶେଷ କରିବାକୁ ବିବଶ ହୋଇପଡ଼େ।''

## କାଳକାଳକୁ



''ମୋ ଲେଖା ଶ୍ରାବ୍ୟ,
ଅନୁଭବ୍ୟ ଓ ଦୃଶ୍ୟହେଉ-
ଶବ୍ଦ-ଶକ୍ତି ବଳରେ
ମୁଁ ଏହା ହିଁ ଚାହେଁ''
- ଜୋସେଫ୍ କନ୍‌ରାଡ୍

ଜୋସେଫ୍ କନ୍‌ରାଡ୍‌ଙ୍କ ଜନ୍ମ ୩ ଡିସେମ୍ବର ୧୮୫୭ରେ ୟୁକ୍ରେନ୍‌ର କିଭ୍ (ରୁଷ୍ ସାମ୍ରାଜ୍ୟର ତତ୍କାଳୀନ ଅଂଶବିଶେଷ)ରେ ଓ ପରଲୋକ ୩ ଅଗଷ୍ଟ ୧୯୨୪ରେ ଇଂଲଣ୍ଡର କେଣ୍ଟ୍‌ରେ। ପୋଲିସ୍-ବ୍ରିଟିଶ୍ ଉତ୍ସର ଏଇ ଲେଖକ ଇଂଲିଶ୍ ଉପନ୍ୟାସର ଇତିହାସରେ ଜଣେ ପ୍ରମୁଖ ଔପନ୍ୟାସିକ ଭାବେ ମାନ୍ୟତାପ୍ରାପ୍ତ। ତାଙ୍କର ପ୍ରଖ୍ୟାତ ରଚନା ମଧ୍ୟରେ ଅନ୍ତର୍ଭୁକ୍ତ 'ହାର୍ଟ ଅଫ୍ ଡାର୍କନେସ୍' ଓ 'ନୋଷ୍ଟ୍ରୋମୋ'। ଇଂଲିଶ୍ ସାହିତ୍ୟରେ ଅଣ ଇଂଲିଶ୍ ଭାବଧାରାର ଅନୁପ୍ରବେଶ ଘଟାଇ ସେ ଇଂଲିଶ୍ ଉପନ୍ୟାସରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ସେ କହନ୍ତି: ''ଜୀବନ ହେଉଛି ସ୍ୱପ୍ନ ଓ ଭୟର ଯୁଗ୍ମରୂପ।''

# ମାମଲା

ଲଘୁ ଗଳ୍ପ

**ଗୋପାଳକୃଷ୍ଣ ଆଚାର୍ଯ୍ୟ**

ବାପେ ଥିଲେ ଟ୍ରେଜେରି କିରାଣି। ଭାରି ନିୟତିଆ। କାହାଠୁ ଟଙ୍କାଟେ ଧପେଇବେନି କି କାହାକୁ ଅଯାଚିତ ଦୟା ଦେଖେଇବେନି। ଏଣୁ ରାଇଟିଆ ମଣିଷ ବୋଲି ତାଙ୍କ ନାଁ ଡାକ। ସକାଳୁ ଚନପେଡ଼ି ଘୋରି ଦିଅଁ ତୁଳସୀ ଚଢ଼େଇ ଆସିବେ ଅଫିସ। ଦିନସାରା ମିହନ୍ତ। ରଜାଘର କାମକାଯ ଆଗ। ପଛରେ ନିଜ ପିଲାକବିଲା। ଏମିତି ଏମିତି କଟିଗଲା ଚାକିରି। ତିନିପୁଅ। ବଡ଼ପୁଅର ମୋଟରପାର୍ଟ୍ସ ଦୋକାନ। ମଝିଆ କେପିଟଲରେ ଟୁଙ୍ଗୁଣି ମନୋହାରୀ ଦୋକାନ ଦେଇଚି। ସାନପୁଅ ଘରଭାଗ, ଜଉତିଷାଦି କରେ। ମୋଟାମୋଟି ବଡ଼ପୁଅ ତା' ବିଦ୍ୟାବୁଦ୍ଧି ଖଟେଇ ଭଲ ପରିଚୟଟେ ତିଆରିଚି। ଖଣ୍ଡମଣ୍ଡଳ ତାକୁ ଜାଣେ। ସେ ଅଲଗା ରହେ। ସହରରେ।

ବାପର ସରକାରୀ ଅବସର ପରେ ବାପ ପେନସନରେ ଚଳିଲା, ବାକି ଦୁଇପୁଅଙ୍କ ପରିବାର। ଝିଅଝିଆଣି, ଦୋଦୋଓଣି, ଦେହମୁଣ୍ଡ ବାବଦକୁ ଖର୍ଚ୍ଚ ବଢ଼ିଯାଏ। ଏମିତି ସମୟ ଆସେ ଯେ ହାଟରୁ ବିଲାତି କିଲେ କିଣି ସୁଆଦ ତରକାରି କରି ଖାଇବା ଯୁଟେନା ଭେଇବା ଲୋକର କିସିମତରେ। ଯୋଗକୁ ବୁଢ଼ା ବଡ଼ ବ୍ୟାଧି ଭୋଗିନାହିଁ। ହାସପାତାଳ ଫାଟକ ମାଡ଼ି ନାହିଁ। ଜିଇଲା ତଥାପି ଢେର୍ ବଅସ। ପଡ଼ିଉଠି ଠୋ ଠା। କାହାକୁ ଘାଣ୍ଟିବାର ନାଇଁ କି କାହାଠୁ ସେବା ଖୋଜିବାର ନାଇଁ। ସବୁ ଫଇସଲା ହେଇଗଲା।

ବୁଢ଼ାର ଶୁଦ୍ଧବାଧକୁ ବଡ଼ପୁଅ ଧାଇଁ ଆସିଲା। ତା ନାଁକୁ ଅନେଇ କିଛି ଆଖି ଦୁରୁଶିଆ କରିବାକୁ ପଡ଼ିବ। ଜାକଜମକରେ ହେଲା ଭୋଜିଭାତ। ସାମିଆନା ସାଜସଜ୍ଜା ଚହଟିଲା। ଭାଉଜ ଗାରଡ଼େଇ ଅନେଇଲା ବେଳକୁ ମଝିଆ ସାନ ବଢ଼େଇଦେଲେ ସାଧ ମୁତାବକ। ବଡ଼ଭାଗ ବଡ଼ପୁଅର। ସମସ୍ତେ ଯୋଗାପୁଅ କହି ଧନ୍ୟ ଧନ୍ୟ କଲେ।



ବଡ଼ପୁଅ କ୍ରମେ ପଡ଼ିଲା ବଡ଼ ବ୍ୟାଧିରେ। ବଡ଼ବଡ଼ ହାସପାତାଳରେ କୁଡ଼କୁଡ଼ ଖର୍ଚ୍ଚ। ଦୈନିକ ଲକ୍ଷ ଲକ୍ଷ ପାଣି ପରି ବୋହିଗଲା। ମଝିଆ ପଚାରିଲା : ଭାଇ! କିଛି ରଖିଥାଅ। କର୍ମରେ ଆସିବ।

ବଡ଼ଭାଇ ମନାକଲା। ସତକୁ ସତ ଦିନେ ବଡ଼ଭାଇ ମଝିଆକୁ ଟଙ୍କା ପଚାଶ ହଜାର ଦେବାକୁ କହିଲା। ମଝିଆର ଠୁକ ଚଳେ ଟୁଙ୍ଗୁଣି ଦୋକାନରେ। ସେ କାନ୍ଦିକୁନ୍ଥେଇ ଟଙ୍କା ଡେୟାଳିଶି ସରିକି ନେଇ ହାଜର ହେଲା। ବଡ଼ପୁଅ ଚାଳିଶି ରଖି ତିନି ହଜାର ଫେରେଇ ଦେଲା। ଚିକିତ୍ସା ପରେ ଘରକୁ ଫେରିଲା ବଡ଼। ଡକେଇଲା ମଝିଆକୁ: ଆ ପାନ ଚାରିଖଣ୍ଡ ଭାଙ୍ଗି କି ଆ। ଭାଉଜ ପାଟି ଆମ୍ବିଳା ହେଇଗଲାଣି। ପହଞ୍ଚିଲା ମଝିଆ। ଭାଉଜ ଫେରେଇ ଦେଲା ଅକ୍ଷତ ଚାଳିଶି। ମଝିଆ ମୁଣ୍ଡ ହଲେଇଲା।
-ମୋତେ କାହିଁକି ଏତେ ନିଉନ ମଣୁଚ? ମୁଁ କ'ଣ ମୋ' ଭାଇ ପାଇଁ ଏତିକି କରିପାରିବିନି? ଛଳଛଳ ହେଇଗଲେ ଭାଇ ଭାଉଜ।
-ରଖିଥାଅ। ଯୋଗାଡ଼ ତ ହେଇଗଲା। ଯାଅ। ମଝିଆ ଜୁହାରିଲା ଭାଇ ଭାଉଜଙ୍କୁ। ଫେରିଲା ବାଟେ ବାଟେ। ମନ ବିଢ଼ିବାରେ ସଫଳ ହେଲା ବଡ଼ଭାଇ। ମାମଲା ଖଲାସ।

- ରମାଦେବୀ ମହିଳା
ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୭୭୬୫୪୬୧୩୦

## କବିତା

### ଅଧେ ସତ ଅଧେ ସ୍ୱପ୍ନ

**ତପନ ରଥ**

ରାତି ବଢ଼ିବା ସାଥେ ସାଥେ ଜୀବନଟା
ସରି ସରି ଗଲା ପରି ଲାଗେ
କେତେ ଦିନ ସରିଗଲା
କେତେ ରାତି ବିତିଗଲା
କେତେ ଜୀବନ ଜିଇଲି
କେତେ ସପନରେ ପହଁରିଲି
ସବୁକିଛି ମୋ ପେଯୁଆ ଆଖିରେ
ଝାପସେଇ ଝାପସେଇ ଦିଶେ
ସେ ସବୁକୁ ନିରେଖି ନିରେଖି
ଦେଖିବାକୁ ଇଚ୍ଛାହୁଏ
ଚହଲା ପାଣି ପରି
କିଛିକ୍ଷଣ ଦୃଶ୍ୟ ହୁଏ
ପୁଣି ଚହଲିଯାଏ।

ମୋ' ଜୀବନ ଏକ ରଙ୍ଗିନ ଗୁଡ଼ି
ଶୀତଳ ପବନରେ
ମଥା ଉଚ୍ଚାକରି ଆକାଶକୁ
ଛୁଇଁବାର ପ୍ରୟାସ କରେ
ଭସା ବାଦଲର ସ୍ପର୍ଶ ଅନୁଭବ କରେ
ଗରମ ପବନ ସ୍ପର୍ଶରେ ଦିଗହରା ହୁଏ
ବର୍ଷା ବିଜୁଳିର ପ୍ରହାରେ
ରସାତଳଗାମୀ ହୁଏ
ତଥାପି ନିଜ ଅସ୍ତିତ୍ୱକୁ ସମ୍ଭାଳିନିଏ।

ବେଳେବେଳେ ମୋ ମନରେ ଝଡ଼ ଉଠେ
ଝଡ଼ର ଇଗଲ ପରି ମୁଁ ଘୂରିବୁଲେ
ମୋ' ମନ ଆକାଶରେ
ମୋ' ପ୍ରେମିକାର ସନ୍ଧାନରେ।
ଜଳ ସ୍ଥଳ ଏକାକାର କରିଦିଏ
ତା'ର ଗରମ ପାପୁଲିକୁ ଧରି
ଉଡ଼ିବାକୁ ଇଚ୍ଛାହୁଏ ନୀଳ ଆକାଶରେ।

ଆଉ କେତେବେଳେ
ମନ ମୋ ବିଦ୍ରୋହ କରି ଉଠେ
ସମାଜର ଠିକାଦାରଙ୍କ
କାର୍ଯ୍ୟକଳାପରେ
ଇଚ୍ଛାହୁଏ ହୋଇଥାନ୍ତି କି କୃଷ୍ଣ
ବିନା ଅସ୍ତ୍ରେ ସଂହାର କରନ୍ତି
କୌରବକୁଳକୁ
କୁରୁକ୍ଷେତ୍ରର ମହାସଂଗ୍ରାମରେ।

କେତେବେଳେ ପଥଶ୍ରାନ୍ତ ପଥିକ ପରି
ବସିପଡ଼େ ଗାଁ ଶେଷରେ ଥିବା
ବରଗଛ ତଳେ ତ
କେତେବେଳେ ଘର ଚାଳିପିଣ୍ଡା ତଳେ
ହେତୁ ପାଇବାଠାରୁ ଅଣ୍ଟା ନଇଁ
ବାଡ଼ି ଧରିବା ପର୍ଯ୍ୟନ୍ତ
ସବୁ ଧୂସର ଧୂସର ଦେଖାଯାଏ
ନଈପାଣିରେ ମାଛ ଲାଞ୍ଜ
ଦେଖା ଦେଇ ଉଭେଇଗଲା ପରି
ପୁଣି ସବୁକିଛି ମିଳେଇଯାଏ।

ଏଇ ମୋ' ଜୀବନ
ଅଧେ ରାତି ଅଧେ ଦିନ
ଅଧେ ସତ ଅଧେ ସ୍ୱପ୍ନ
ଏଇ ମୋ ଜୀବନ।

- ଅଧିବକ୍ତା, ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ମୋ: ୭୯୭୮୫୪୫୮୮୦

### ହୁଅନା ହତାଶ

**ମୂଳ ରଚନା: ଲାଉରା ଡିଙ୍ଗ୍ ଏଡ୍‌ୱାର୍ଡ୍ସ**
**ଅନୁସୃଜନ: ଡ. ସୂଚନା ପାଢ଼ୀ**

ଚଢ଼ିପାରୁନ କି ପର୍ବତ
ପାହାଡ଼ କୋଳେଇନିଅ
ସକାଳଟା ମନେ ଦୁଃଖ ଭରିଦେଲେ
ଶେଯରେ ଶୋଇକି ରୁହ
ଅସଫଳ ଯୋଜନା?
ଅନାଗତ କାଳିମା?
ସାଓ୍ୱାର ଜଳସ୍ନାନ?
ଦେଇଥାଏ ଯନ୍ତ୍ରଣା
ବାଥ୍‌ଟବ୍‌ରେ ବୁଡ଼ିଯିବା ଭୟ?
ହତାଶ ହୁଅନା- ନିରାଶ ହୁଅନା।

ମନକୁ ବୁଝାଇ କୁହ
ଏକ ଦିନ, ଜୀବନର ମାପକାଠି ନୁହଁ
କିମ୍ବା ମ୍ରିୟମାଣ?
ସମୟ ଆଣିଦେବ
ଈପ୍‌ସିତ ସୋହାଗ ଚୁମ୍ବନ।

ଅଟକିଯାଇନି ପୃଥିବୀ ଘୂର୍ଣ୍ଣନ
କେବେ ଅଟକିବ ନାହିଁ
ଜାଗ୍ରତ ପ୍ରୟାସେ ଅଟଳ ରୁହ
ବନ୍ଧୁ! ଚାଲ ଆଗେଇ
ଅଜାଣତେ ଛୁଇଁଯିବ
କୁହୁକଭରା ପଥ
ଆଲୋକ ବିକଶିତ
ସମ୍ମୋହିତ ମନ ତୁମ
ହୋଇଯିବ ବିମୋହିତ।

ମୋ: ୭୦୦୮୨୯୧୦୪୦

### ଆଜି ଭଳି

ଗୀତି-କବିତା

**ଅଶୋକ କୁମାର ମଲ୍ଲ**

ଆଜି ଭଳି ଖରା ସେଦିନ ବି ଥିଲା ଚିକ୍ ଚିକ୍ ନଈପାଣି
ଏ କୂଳେ ବଂଶୀର ପୂରବୀ ରାଗିଣୀ ସେ କୂଳେ ମନୋଇ ରାଣୀ
ଚହଲା ପାଣିରେ ଭସେଇଥିଲା ତା' ପାନ ପତରିଆ ମୁହଁ
ଦେହର ଦାହକୁ ନଈକୁ ସଅଁପି ଯୋଡ଼ିଥିଲା ଗପ ଖିଅ।

ଆଜି ଭଳି ତାତି ସେଦିନ ବି ଥିଲା ଗଭାର ଗଜରା ହାର
ଥରିଲା ହାତର ପାପୁଲି ଛୁଆଁରେ ଫିଟିଗଲା ଗଭା ତା'ର
ଗୋଟିଏ ଘାଟରେ ଆକାଶ ପାତାଳ ବେଳ ଭୁଲିଗଲା ବାଟ
ବେସୁରା ଗୀତଟା ସୁରିଲା ଲାଗିଲା ମିଛ ବି ଲାଗିଲା ସତ।

ଆଜି ଭଳି ନିଆଁ ସେଦିନ ବି ଥିଲା ଜାଳୁଥିଲା ଦେହ ମନ
ମିଠା ଦରଜର ମହୁଆ ପୀଡ଼ାରେ ମତୁଆଲା ଶ୍ୟାମବନ
ତଥାପି ନିଅଣ୍ଟ ଅଣ୍ଟାର କଉଡ଼ି ଜୀବନ ସଉଦା ପାଇଁ
ଯେତିକି ବିଶ୍ୱାସ ସେତିକି ନିଃଶ୍ୱାସ ଫେରୁଥିଲା ଛାତି ଛୁଇଁ।

ସେଦିନ ଦେହର ଦେଉଳ ଦୁଆରେ ମହୁଲ ଫୁଲର ବାସ
ଭୋଦୁଅ ସତେ କି ଭାବରତୁ ଦେହେ ରଚୁଥିଲା ନିତ୍ୟ ରାସ।

- ବେଗୁନିଆପାଟଣା, ନୟାଗଡ଼
ମୋ: ୯୪୩୭୦ ୨୨୯୬୮

ଯୋଗାଯୋଗ: E-mail:dharitrisahityayana@gmail.com

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




# ଓଡ଼ିଶାର ତନ୍‌ଭୀ, ସ୍ୱାତି-ନିମିଶା ଫାଇନାଲରେ

**ଭୁବନେଶ୍ୱର, ୫।୧୨ (ବିଜୟ ରଣା)**



ଶଟ୍ ଖେଳିବା ଅବସରରେ ତନଭୀ ପତ୍ରି।

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଅବସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଚାଲିଥିବା ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପର ପଞ୍ଚମ ଦିବସରେ ସମସ୍ତ ବିଭାଗର ଫାଇନାଲ ଲାଇନ ଚୂଡ଼ାନ୍ତ ହୋଇଯାଇଛି। ୧୫ବର୍ଷରୁ କମ୍ ବାଳିକା ସେମିଫାଇନାଲରେ ଓଡ଼ିଶାର ତନଭୀ ପତ୍ରୀ ତେଲେଙ୍ଗାନାର ହାମସିନୀ ଚଦରମଙ୍କୁ ୨୧-୧୨ ଓ ୨୧-୧୯ ରେ ପରାଜିତ କରି କରିଛନ୍ତି। ଏହି ବୟସ ବର୍ଗର ଅନ୍ୟ ଏକ ସେମିଫାଇନାଲରେ ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ ପଞ୍ଜାବର ଇନାୟତ ଗୁଲାଟିଙ୍କୁ ୨୧-୧୪,୨୧-୧୩ ଗେମରେ ହରାଇ ଦେଇଛନ୍ତି। ଫାଇନାଲରେ ସେ ତନ୍‌ଭୀଙ୍କୁ ଭେଟିବେ। ସେହିପରି ୧୭ ବର୍ଷସ୍‌ରୁ କମ୍ ବାଳିକା ସିଙ୍ଗଲ୍ସରେ ମଧ ତନ୍‌ଭୀ ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ଆନ୍ଧ୍ର ପ୍ରଦେଶର ହସାନା ଶ୍ରୀଙ୍କୁ ୨୧-୧୧,୨୧-୪ ରେ ପରାସ୍ତ କରିଛନ୍ତି। ସେ ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ୍. ଆର୍‌ଙ୍କୁ ଭେଟିବେ। ୧୫ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲରେ କର୍ନାଟକର ପୁଷ୍କର ସାଇ ତେଲେଙ୍ଗାନାର ଶ୍ରୀଚେତନ ସାମଲାଙ୍କୁ ୨୧-

### ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍

୮, ୨୧-୧୩ ରେ ହରାଇଛନ୍ତି। ଏହି ବିଭାଗର ଦ୍ୱିତୀୟ ସେମିଫାଇନାଲରେ ଦିଲ୍ଲୀର ହର୍ଷିତ ଖତ୍ରୀ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ୨୧-୧୦,୨୧-୧୪ରେ ପରାସ୍ତ କରିଛନ୍ତି। ୧୫ବର୍ଷରୁ କମ୍ ବାଳିକା ଡବଲ୍ସରେ ଓଡ଼ିଆ ଯୋଡି ଶ୍ୱାତି ନାୟକ ଓ ନିମିଶା ଓଝା ତାମିଲନାଡୁ ଯୋଡି ନୟୋନିକା. ଏ. ଏବଂ ଧନ୍ୟା.ଏସ.ଜେଙ୍କୁ ୨୧-୧୬,୯-୨୧,୨୧-୧୨ରେ ପରାସ୍ତ କରିଛନ୍ତି। ଏହି ବିଭାଗର ଅନ୍ୟ ମ୍ୟାଚରେ ମହାରାଷ୍ଟ୍ର ସରାୟୁ ରଞ୍ଜନେ ଏବଂ ସୋୟାରା ସେଲାର ତାମିଲନାଡୁ ଯୋଡି ଭଭଚ୍ଛିଗା ରାମକୁମାର ଏବଂ ୟାଲିନି ଏସ. କେଙ୍କୁ ୨୧-୧୪,୨୧-୧୨ରେ ହରାଇଛନ୍ତି। ଏହି ଯୋଡ଼ି ଫାଇନାଲରେ ଓଡ଼ିଆ ଯୋଡ଼ି ଶ୍ୱାତି-ନିମିଶାଙ୍କ ସହ ମୁକାବିଲା କରିବେ। ୧୭ବର୍ଷରୁ କମ୍ ବାଳକ ବିଭାଗରେ ଟପ୍ ସିଡ ଜଗସେର ସିଂ ଖାଙ୍ଗୁରା ଆସାମର ବର୍ନିଲ ଆକାଶଙ୍କୁ ୨୧-୧୯, ୨୧-୧୨ରେ ହରାଇ ଦେଇଛନ୍ତି।

# ଫ୍ରାନ୍ସକୁ ହରାଇ ସେମିରେ ଜର୍ମାନୀ

### ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି

**ଚେନ୍ନାଇ, ୫।୧୨ (ପି.ଟି.)**

ସାତ ଥର ଚାମ୍ପିୟନ ଜର୍ମାନୀ ଶୁଟ୍ ଆଉଟ୍‌ରେ ଫ୍ରାନ୍ସକୁ ୩-୧ ଗୋଲ୍‌ରେ ପରାସ୍ତ କରି ଚଳିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୨-୨ରେ ଅମୀମାଂସିତ ଭାବେ ଶେଷ ହେବାଦ୍ୱାରା ଶୁଟ୍‌ଆଉଟ ପଦ୍ଧତିର ସହାୟତା ନିଆଯାଇଥିଲା। ଶୁଟ୍ ଆଉଟରେ ଜର୍ମାନୀ ତରଫରୁ ଜୋନାସ ଭନ୍ ଜେରସମ୍, ଜଷ୍ଟସ ୱାରୱିଗ୍ ଓ ଲୁକାସ କୋସେଲ ଗୋଲ ସ୍କୋର କରିବାରେ ସଫଳ ହୋଇଥିବା ବେଳେ ଜର୍ମାନୀ ତରଫରୁ ଏକମାତ୍ର ଗୋଲ ଦେଇଥିଲେ ଆରିଷ୍ଟିଡ୍ ମିଚେଲିସ୍। ସୂଚନାଯୋଗ୍ୟ, ୨୦୨୩ ସଂସ୍କରଣ ଫାଇନାଲରେ ଜର୍ମାନୀ ୨-୧ ଗୋଲ୍‌ରେ ଫ୍ରାନ୍ସକୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ସ୍ପେନ ୪-୩ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ରୋମାଞ୍ଚକ ପରିସମାପ୍ତି ଘଟିଥିବା ଏହି ମ୍ୟାଚର ପ୍ରଥମ ୧୨ ମିନିଟ୍ ଖେଳରେ ସ୍ପେନ୍ ୩-୦ରେ ଅଗ୍ରଣୀ ଲାଭ କରିଥିଲା। ଗୋଲ୍‌ଗୁଡ଼ିକୁ ନିକୋଲାସ ମଷ୍ଟାରେସ, ଜୋସେପ୍ ମାର୍ଟିନ ଓ ଆଲବର୍ଟ ସେରାହିମା ପ୍ରମୁଖ ସ୍କୋର କରିଥିଲେ। ମାତ୍ର ସାମ୍ ଲିଷ୍ଟଙ୍କ ଡବଲ ଗୋଲ୍ ଏବଂ ର୍‍ୟାନ୍ ପାର୍‌ଙ୍କ ପେନାଲ୍ଟି କର୍ନରରୁ ରୂପାନ୍ତରିତ ଗୋଲ୍ ବଳରେ ନ୍ୟୁଜିଲାଣ୍ଡ ଲଢୁଆ ପ୍ରତ୍ୟାବର୍ତ୍ତନ କରିଥିଲା। କିନ୍ତୁ ଫାଇନାଲ ହୁଟର ପୂର୍ବରୁ ସ୍ପେନ ଡ୍ରାଗ୍ ଫ୍ଲିକର ବ୍ରୁନୋ ଆଭିଲା ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ତାଙ୍କ ଦଳକୁ ଜିତାଇଥିଲେ। ଅନ୍ୟ ଏକ ମ୍ୟାଚରେ ଆର୍ଜେଣ୍ଟିନା ୧-୦ ଗୋଲ୍‌ରେ ନେଦରଲାଣ୍ଡସ୍‌କୁ ହରାଇ ଦେଇଛି।

### ଆଇସିସି ମହିଳା ପ୍ଲେୟର ଅଫ୍ ଦି ମନ୍ଥ୍

# ସଂକ୍ଷିପ୍ତ ତାଲିକାରେ ଶେଫାଳି

**ଦୁବାଇ, ୫।୧୨ (ପି.ଟି.)**

ଭାରତୀୟ ଓପନର ଶେଫାଳି ବର୍ମାଙ୍କ ନାମ ନଭେମ୍ବର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ଶର୍ଟଲିଷ୍ଟ ତାଲିକାରେ ସ୍ଥାନ ପାଇଛି। ଭାରତୀୟ ଓପନରଙ୍କ ଦ୍ରୁତ ୮୭ ରନ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ହାସଲ ଯୋଗୁ ଦେଶ ପ୍ରଥମ ଥର ଆଇସିସି ମହିଳା ବିଶ୍ୱକପ୍ ଟାଇଟଲ ବିଜେତା ହୋଇପାରିଥିଲା। ଶେଫାଳି ଜଣେ ଇଞ୍ଜୁରୀଙ୍କ ବଦଳ ଖେଳାଳି ଭାବେ ମୁମ୍ବାଇରେ ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲ ପାଇଁ ଦଳରେ ସ୍ଥାନ ପାଇଥିଲେ। ବର୍ତ୍ତମାନ ଆଇସିସି ମାସିକ ପୁରସ୍କାର ପାଇଁ ସୁପାରିସ ୩ଜଣିଆ ସଂକ୍ଷିପ୍ତ ଖେଳାଳି ତାଲିକାରେ ସ୍ଥାନ ପାଇଛି। ଅନ୍ୟ ଦୁଇ ଖେଳାଳି ହେଲେ ସଂଯୁକ୍ତ ଆରବ ଏମିରେଟ୍ସର ଇଶା ଓଜା ଓ ଥାଇଲାଣ୍ଡର ଥିପାତଚା ପୁଥାଓଙ୍ଗ୍। ପୁରୁଷ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ୩ ଖେଳାଳି ହେଲେ ଦକ୍ଷିଣ ଆଫ୍ରିକାର ଅଫ୍ ସ୍ପିନର ସିମନ ହାର୍ମର, ବାଂଲାଦେଶର ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମ ଓ ପାକିସ୍ତାନ ଅଲରାଉଣ୍ଡର ମହମ୍ମଦ ନୱାଜ।




